୬ ଆଇସିସି ର୍‍ୟାଙ୍କିଂ : ଉଭୟ ଦିନିକିଆ ଓ ଟି-୨୦ର ଟପ୍ ୩ରେ ସ୍ମୃତି ମନ୍ଧାନା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008



ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୧୯ ● ୧୮ ଡିସେମ୍ବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-319 ● 18th December 2024, Wednesday ● Bhubaneswar | Licensed to post without pre-payment of postage No- BN-60/25-27


## ପ୍ରବଳ ବିରୋଧ ମଧ୍ୟରେ ଲୋକସଭାରେ ଆଗତ ହେଲା ଗୋଟିଏ ଦେଶ ଗୋଟିଏ ନିର୍ବାଚନ ବିଧେୟକ

ନୂଆଦିଲ୍ଲୀ, ୧୭।୧୨

ବିରୋଧୀ ଦଳର ତୀବ୍ର ବିରୋଧ ମଧ୍ୟରେ ମଙ୍ଗଳବାର ଲୋକସଭାରେ ୧୨୯ ତମ ସମ୍ବିଧାନ ସଂଶୋଧନ ବିଧେୟକ ଆଗତ ହୋଇଛି । ଏହି ବିଲ୍ ପାଇଁ ପ୍ରଥମେ ଇଲେକ୍ଟ୍ରୋନିକ ଭୋଟିଂ କରାଯାଇଥିଲା। କିଛି ସାଂସଦଙ୍କ ଆପତ୍ତି ପରେ ଭୋଟ ସଂଶୋଧନ ପାଇଁ ପୁଣି ଥରେ ସ୍ଲିପ ବାଲଟ ମାଧ୍ୟମରେ ଭୋଟ ଅନୁଷ୍ଠିତ ହୋଇଥିଲା। ବିଲ୍ ସପକ୍ଷରେ ୨୬୯ ଓ ବିପକ୍ଷରେ ୧୯୮ ଭୋଟ ପଡ଼ିଥିଲା। ଏହାପରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏହାକୁ ଗୃହରେ ଉପସ୍ଥାପନ କରିଥିଲେ। ଗୃହରେ ଆଲୋଚନା ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ ଯେ ଯେତେବେଳେ ଏହି ବିଲ୍ କ୍ୟାବିନେଟରେ ଆସିଲା ସେତେବେଳେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯିବା ଉଚିତ ଆଇନମନ୍ତ୍ରୀ ଏଭଳି ପ୍ରସ୍ତାବ ଦେଇପାରନ୍ତି ବୋଲି ସେ କହିଥିଲେ।





ସମାଜବାଦୀ ପାର୍ଟି ସାଂସଦ ଧର୍ମେନ୍ଦ୍ର ଯାଦବ କହିଥିଲେ ଯେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ବିଧେୟକ ହେଉଛି ଦେଶରେ ଏକଛତ୍ରବାଦ ଆଣିବା ପାଇଁ ବିଜେପିର ଏକ ପ୍ରୟାସ।

ମଙ୍ଗଳବାର ଅପରାହ୍ନ ୧୨ଟା ୧୦ରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଲୋକସଭାରେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ବିଧେୟକ ଆଗତ କରିଥିଲେ। ବିରୋଧୀ ସାଂସଦମାନେ ଏହି ବିଧେୟକକୁ ବିରୋଧ କରିବା ପରେ ବାଚସ୍ପତି ଓମ ବିର୍ଲା ଏହି ବିଲ୍ ଆଗତ କରିବା ପାଇଁ ଇଲେକ୍ଟ୍ରୋନିକ ଭୋଟିଂ କରିଥିଲେ। ସମୁଦାୟ ୩୬୯ ଜଣ ସଦସ୍ୟ ମତଦାନ କରିଥିଲେ। ବିରୋଧୀ ଦଳରେ ୨୨୦ ଓ ବିପକ୍ଷରେ ୧୪୯ ଭୋଟ ପଡ଼ିଥିଲା। ତେବେ ଏ ନେଇ ବିରୋଧୀ ସଦସ୍ୟମାନେ ଅଭିଯୋଗ କରିଥିଲେ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ଯଦି ତାଙ୍କର ଆପତ୍ତି ଅଛି ତେବେ ସ୍ଲିପ ଦିଆଯାଉ। ଏହାର ଉତ୍ତରରେ ବାଚସ୍ପତି କହିଥିଲେ, ଆମେ ପୂର୍ବରୁ କହିଥିଲୁ ଯେ ଯଦି କୌଣସି ସଦସ୍ୟ ଏହା ଅନୁଭବ କରନ୍ତି, ତେବେ ସେ ସ୍ଲିପ ମାଧ୍ୟମରେ ମଧ୍ୟ ନିଜର ଭୋଟ ସଂଶୋଧନ କରିପାରିବେ। ଏହାପରେ ଅଧିକ ସାଂସଦ ଭୋଟ ଦେଇଥିଲେ। ବିଲ୍ ସପକ୍ଷରେ ୨୬୯ ଓ ବିପକ୍ଷରେ ୧୯୮ ଭୋଟ ପଡ଼ିଥିଲା। ଏହାପରେ ଅପରାହ୍ନ ୧ଟା ୧୫ରେ ଆଇନମନ୍ତ୍ରୀ ପୁଣି ବିଲ୍ ଆଗତ କରିଥିଲେ।

କେନ୍ଦ୍ର ଆଇନ୍ ମନ୍ତ୍ରୀ ଶ୍ରୀ ମେଘୱାଲ କେନ୍ଦ୍ରଶାସିତ ଅଞ୍ଚଳ ସହ ଜଡିତ ତିନୋଟି ଆଇନରେ ସଂଶୋଧନ ପାଇଁ ଏକ ବିଲ୍ ମଧ୍ୟ ଆଗତ କରିଥିଲେ। ସେଗୁଡ଼ିକ ହେଉଛି କେନ୍ଦ୍ରଶାସିତ ଅଞ୍ଚଳ ଆଇନ ୧୯୬୩, ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀ ସରକାର ୧୯୯୧ ଏବଂ ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ ୨୦୧୯। ଏହା ଜରିଆରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ପାଇଁ ମଧ୍ୟ ସଂଶୋଧନ କରାଯାଇପାରିବ।

### ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘର ସପ୍ତମ ବାର୍ଷିକ ସମ୍ମିଳନୀ

## ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ବାଜପେୟୀଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୧୭।୧୨
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ସାନ୍ତାଳୀ ଭାଷାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ପ୍ରଚଳନ ପାଇଁ ସରକାର ଚିନ୍ତା କରୁଛନ୍ତି । ମଙ୍ଗଳବାର କେଉଁଝରର ଅଶୋକ ବାଟିକା ଠାରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡ଼ିଶା ଶାଖାର ସପ୍ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୨୫ ମସିହାରେ ଅଲ୍‌ଚିକି ଲିପିର ସୃଷ୍ଟି ହୋଇଥିଲା। ଅଲ୍‌ଚିକି ଲିପିର ସ୍ରଷ୍ଟା ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଏହି ଅବସରରେ ସ୍ମରଣ କରିବା ସଙ୍ଗେ ସଙ୍ଗେ ୨୦୨୫ରେ ଏହି ଲିପି ସୃଷ୍ଟି ହେବାର ଶତ ବାର୍ଷିକୀକୁ ଏକ ମିଶନ ଭାବରେ ନେଇ ଏହାକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ୨୦୨୫ ସୁଦ୍ଧା ଯଦି ସମସ୍ତେ ଅଲ୍‌ଚିକି ଲିପି ତଥା ସାନ୍ତାଳୀ ଭାଷାରେ ଶିକ୍ଷା ଗ୍ରହଣ କରିପାରିଲେ ତେବେ, ପଣ୍ଡିତ ମୁର୍ମୁଙ୍କ ପ୍ରତି ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ସେ କହିଥିଲେ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋଟେ ଜାତିର ଉନ୍ନତି ତଥା ପରିଚୟ ପାଇଁ ମାତୃଭାଷା ହିଁ ସର୍ବଶ୍ରେଷ୍ଠ । ସାନ୍ତାଳୀ ଭାଷା ୨୦୦୩ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ତଥା ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଯୋଗୁଁ ଭାରତର ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ ହୋଇ ଆମର ଗୌରବ ବୃଦ୍ଧି କରିଛି। ତେଣୁ ତାଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ।

ସାନ୍ତାଳୀ ଲେଖକ ମାନେ ନିଜର ଲେଖନୀ ବଳରେ ଜାତିର ଭାଷା, ସଂସ୍କୃତି, ପରମ୍ପରା ଓ ଶିକ୍ଷାର ବହୁଳ ପ୍ରଚାର ପ୍ରସାର ପାଇଁ ନିସ୍ୱାର୍ଥପର ଓ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ବିଭିନ୍ନ ଭାଷାରେ ଲିଖିତ ପ୍ରସିଦ୍ଧ ପୁସ୍ତକକୁ ସାନ୍ତାଳୀରେ ଓ ସାନ୍ତାଳୀ ଭାଷାରେ ଲିଖିତ ବିଭିନ୍ନ ଶିକ୍ଷଣୀୟ ପୁସ୍ତକକୁ କିପରି ଅନ୍ୟ ଭାଷାକୁ ଅନୁବାଦ ହୋଇ ପାରିବ ସେଥି ନିମନ୍ତେ ଉଦ୍ୟମ କରିବାକୁ ଲେଖକ ମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାରଣ ଭାଷାର ବହୁଳ ପ୍ରଚାର ପ୍ରସାର ପାଇଁ ଅନୁବାଦ ସାହିତ୍ୟ ଏବଂ ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟି କରିବା ପ୍ରତ୍ୟେକ ଲେଖକଙ୍କର ପ୍ରାଥମିକତା ହେବା ଆବଶ୍ୟକ *(ପୃଷ୍ଠା ୭ରେ)*

### ଆଜି ବନ୍ଦ ରହିବ ରତ୍ନଭଣ୍ଡାର ମରାମତି କାମ



ଭୁବନେଶ୍ୱର, ୧୭।୧୨
ନ୍ୟୁଜ୍ ବ୍ୟୁରୋ

ବୁଧବାର ବନ୍ଦ ରହିବ ରତ୍ନଭଣ୍ଡାର ମରାମତି କାମ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବା ପହୁଡ଼ ନୀତି ପାଇଁ ମରାମତି କାମ ବନ୍ଦ ରହିବ। ଏନେଇ ସୂଚନା ଦେଇଛନ୍ତି ଏଏସ୍ଆଇ ଅଧୀକ୍ଷକ ଡିବି ଗଡ଼ନାୟକ।

ମରାମତି ପାଇଁ ପ୍ରାୟ ୨୦ ଫୁଟ ଉଚ୍ଚର ଲୁହାର ଭାର ବନ୍ଧା କାମ ମଙ୍ଗଳବାର ଆରମ୍ଭ କରାଯାଇଛି । ଭାର ବ୍ୟବହାର କରି କାନ୍ଥ, ଛାତ ଓ ବିଭିନ୍ନ ଫାଟ ମରାମତି କରାଯିବ। ଏହି ଫାଟ ମରାମତି କରିବେ ଏଏସଆଇ ଦ୍ୱାରା ନିଯୁକ୍ତ କୁଶଳୀ କାରିଗର । ପ୍ରାଥମିକ ଭାବେ ଚୂନ ପ୍ଲାଷ୍ଟର ହଟାଇ ଫାଟ ଥିବା ପଥର ରିପ୍ଲେସ ହେବ। ଏହାପରେ ନୀଳଗିରିରୁ ଆସୁଥିବା ଉନ୍ନତମାନର ପଥରରେ ମରାମତି କାମ କରାଯିବ।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ପଦରୁ ହଟିଲେ ବିଷ୍ଣୁପଦ: ଜେରାର ସମ୍ମୁଖୀନ ହୋଇପାରନ୍ତି ଆଜି

ଭୁବନେଶ୍ୱର, ୧୭।୧୨
ନ୍ୟୁଜ୍ ବ୍ୟୁରୋ

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ସାଧାରଣ ପ୍ରଶାସନ ଓ ଅଭିଯୋଗ ଓଏସ୍‌ଡି ଭାବେ ନିଯୁକ୍ତି ମିଳିଛି। ୧୯୯୫ ବ୍ୟାଚ୍‌ର ଆଇଏଏସ୍ ଶ୍ରୀ ସେଠୀଙ୍କ ବଦଳି ହୋଇଥିଲେ ବି ପ୍ରମୁଖ ସଚିବ ପାହ୍ୟା ବଜାୟ ରହିବ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

ରାଜ୍ୟ ସରକାର ବିଷ୍ଣୁପଦଙ୍କ ସ୍ଥାନରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା



୧୯୯୭ ବ୍ୟାଚ ଆଇଏଏସ ସଞ୍ଜୀବ ମିଶ୍ରଙ୍କୁ ଅବସ୍ଥାପିତ କରିଛନ୍ତି। ସେହିପରି ୨୦୦୬ ବ୍ୟାଚ ଆଇଏଏସ ମନୋଜ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦାୟିତ୍ୱ ମିଳିଛି।

ସୂଚନାଯୋଗ୍ୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସମନକୁ ନେଇ ବିଷ୍ଣୁପଦ ଚର୍ଚ୍ଚାରେ ଥିଲେ। ଶ୍ରୀ ସେଠୀ ସାମାଜିକ ନ୍ୟାୟ ଓ ସଶକ୍ତିକରଣ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଦାୟିତ୍ୱରେ ଥିଲେ। ସେହିପରି ତାଙ୍କ ପାଖରେ ଅନୁସୂଚିତ ଜାତି/ଜନଜାତି ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦାୟିତ୍ୱ ଥିଲା।

ଟେଣ୍ଡର ଫିକ୍ସିଂ ଓ ଲାଞ୍ଚ କାରବାର ମାମଲାରେ ସିବିଆଇ ତନାଘନା ଜାରି ରଖିଛି। ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନର କର୍ମଚାରୀଙ୍କୁ ଡାକି ଜେରା କରୁଛନ୍ତି । ଆଉ କେଉଁ ଆଇଏଏସ ଏଥିରେ ସମ୍ପୃକ୍ତ ସେମାନଙ୍କ ଲିଷ୍ଟ ପ୍ରସ୍ତୁତ କରୁଛି । ଅନ୍ୟପଟେ ବିଷ୍ଣୁପଦଙ୍କ ଡେଡଲାଇନ *(ପୃଷ୍ଠା ୭ରେ)*

## ଠିକ୍ ସମୟରେ କାମ ନସରିଲେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୭।୧୨
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ନିର୍ମାଣଧୀନ ବିଭିନ୍ନ ପ୍ରକଳ୍ପ ବିଶେଷକରି ରୋଡ଼, ବ୍ରିଜ୍, ବିଲଡିଂ, ଜାତୀୟ ରାଜପଥ, ଓବିସିସି ଆଦି ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଗୁଡିକର ସ୍ଥିତି ଓ ଅଗ୍ରଗତି ନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ସମୀକ୍ଷା କରିଛନ୍ତି। ପ୍ରକଳ୍ପର ସ୍ଥିତି ନେଇ ଆଲୋଚନା ବେଳେ ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଛି।

ବୈଠକ ଶେଷରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗଣମାଧ୍ୟମକୁ କହିଛନ୍ତି ଯେ ପ୍ରକଳ୍ପରେ



ସମସ୍ୟା ଅଛି, ସେ ନେଇ ଚର୍ଚ୍ଚା ହୋଇଥିଲା। ପୂର୍ବରୁ ଲମ୍ବା ସମୟ ଧରି ପ୍ରକଳ୍ପ କାମ ଚାଲୁଥିଲା। ବିଭାଗକୁ ଶୃଙ୍ଖଳିତ କରିବା ସହ ଅନ କିଛି ନିଷ୍ପତ୍ତି ହୋଇଥିଲା। ଲମ୍ବା ସମୟ ପାଇଁ ଭିତ୍ତିଭୂମି ଏବଂ ରୋଡ୍ ନେଟୱାର୍କକୁ ସୁଦୃଢ଼ କରିବାକୁ ବିସ୍ତୃତ ଆଲୋଚନା ହୋଇଥିଲା। ପୂର୍ତ୍ତମନ୍ତ୍ରୀଙ୍କ ଏହି ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହ ସମସ୍ତ ଏଜେନ୍ସି ଏବଂ ଠିକାଦାରମାନେ ଉପସ୍ଥିତ ଥିଲେ।

ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ପ୍ରକଳ୍ପ କାମରେ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ। ଏଥି ସହିତ ସମୟ ସୀମା ସୁଦ୍ଧା କାମ ଶେଷ ନକଲେ ଦଣ୍ଡ ବିଧାନ ହେବ ବୋଲି ସେ ଚେତାବନୀ ଦେଇ କହିଛନ୍ତି ପେନାଲଟି ହେବା ସହ ସରକାର ଅନ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ପଛଘୁଞ୍ଚା ଦେବେ ନାହିଁ। ପ୍ରକଳ୍ପ *(ପୃଷ୍ଠା ୭ରେ)*

## ପ୍ରତି ମଣ୍ଡିରେ ଧାନ କିଣା ପ୍ରକ୍ରିୟା ଉପରେ ସରକାରଙ୍କ କଡ଼ା ନଜର

ଭୁବନେଶ୍ୱର, ୧୭।୧୨
ନ୍ୟୁଜ୍ ବ୍ୟୁରୋ

ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି । ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ପ୍ରତ୍ୟେକ ମଣ୍ଡି ଉପରେ କଡା ନଜର ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ମର୍ମରେ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । କୌଣସି ଯୋଗ୍ୟ ଚାଷୀ ଧାନ କିଣା ବେଳେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉଛି । ମଣ୍ଡିରେ ଚାଷୀ ମାନଙ୍କ ନିମନ୍ତେ ସୁବିଧା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ।

ବର୍ତ୍ତମାନ ୧୧ଟି ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କୋରାପୁଟ, ଝାରସୁଗୁଡା, ମାଲକାନଗିରି, ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଚାଷୀ ମାନଙ୍କ ସହାୟତା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ହେବା ସହ ଦୁଇରୁ ତିନୋଟି ମଣ୍ଡି ଦାୟିତ୍ୱରେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତ କରାଯାଇଛି । ଆବଶ୍ୟକତା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକ ଅଧିକାରୀମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଉଛି । ଏହି ୧୧ଟି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୩୨୩ ଜଣ ସୁପରଭାଇଜର ଓ ୧୨୮୨ ଜଣ ନୋଡାଲ ଅଫିସର ନିଯୁକ୍ତ ଅଛନ୍ତି । ଏହି ଅଧିକାରୀମାନେ ମଣ୍ଡିକୁ *(ପୃଷ୍ଠା ୭ରେ)*

## ପଶ୍ଚିମା ଝଡ଼ ପ୍ରଭାବରେ ୫ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୭।୧୨
ନ୍ୟୁଜ୍ ବ୍ୟୁରୋ

ପଶ୍ଚିମା ଝଡ ପ୍ରଭାବରେ ଆଗାମୀ ୫ ଦିନ କେହଲାପାଗ ସହ ବର୍ଷାର ସମ୍ଭାବନା ରହିଛି । ବୁଧବାରଠାରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ହାଲ୍‌କା ବର୍ଷା ହେବାସହ ୧୯ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ବି ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଛି। ବୁଧବାର ଗଞ୍ଜାମ, ଗଜପତିରେ ହାଲୁକା ବର୍ଷା ସମ୍ଭାବନା ରହିଛି। ୨୦ ଏବଂ ୨୧ ତାରିଖରେ ମଧ୍ୟ ବର୍ଷା ନେଇ ୧୫ଟି ଜିଲ୍ଲାକୁ



ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଦେବଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, ସୋନପୁର, ଏବଂ ବଲାଙ୍ଗୀର ଜିଲ୍ଲାରେ ୭୦ ରୁ ୧୧୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି।

ଏବେ ଧାନ ଅମଳ ସମୟ ହୋଇଥିବାରୁ ବର୍ଷା ଚାଷୀଙ୍କ ପାଇଁ *(ପୃଷ୍ଠା ୭ରେ)*

## ବିସ୍ଫୋରଣରେ ଋଷ୍ ଆଣବିକ ସୁରକ୍ଷା ବାହିନୀର ମୁଖ୍ୟ ମୃତ

ମସ୍କୋ, ୧୭।୧୨

ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଏକ ବଡ଼ ଝଟ୍‌କା ଲାଗିଛି। ମଙ୍ଗଳବାର ରାଜଧାନୀ ମସ୍କୋରେ ଏକ ବଡ଼ ବିସ୍ଫୋରଣ ଘଟିଛି । ଏଥିରେ ଋଷର ଆଣବିକ, ଜୈବିକ ଏବଂ ରାସାୟନିକ ସୁରକ୍ଷା ବାହିନୀର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଇଗୋର କିରିଲୋଭଙ୍କ ମୃତ୍ୟୁ ଘଟିଛି । ଇଗୋର ରାଷ୍ଟ୍ରପତି ପୁଟିନଙ୍କର ଅତି ନିକଟତର ଥିଲେ। ରାଷ୍ଟ୍ରପତି ଭବନରୁ ମାତ୍ର ୭ କିମି ଦୂରରେ ଏହି ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି ୟୁକ୍ରେନର ସୁରକ୍ଷା ସେବା। ଋଷର ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ଏକ ଇଲେକ୍ଟ୍ରିକ ସ୍କୁଟରରେ ଲୁଚ଼ ଯାଇଥିବା ବୋମା ଯୋଗୁଁ ଏହି ବିସ୍ଫୋରଣ ଘଟିଛି । ବୋମା ବିସ୍ଫୋରଣ କାରଣରୁ କିରିଲୋଭଙ୍କ ସହ ତାଙ୍କର ଜଣେ ସହାୟକଙ୍କର ମଧ୍ୟ ମୃତ୍ୟୁ ଘଟିଛି । ଏହା ଏକ ହତ୍ୟା ବୋଲି କହିଛି ତଦନ୍ତକାରୀ ସଂସ୍ଥା।

### ଏକାଳ ସକାଳ



ବିଶ୍ୱସ୍ତରୀୟ ହେବ ପୁରୀ
ଲିଙ୍ଗରାଜ ବି ହେବ
ଯୋରସୋର ଯୋଜନା ଚାଲିଛି
କାମ ଯୋର ଚାଲିବ
ହେଲେ ଧ୍ୟାନ ରଖିବ
ପୂର୍ବ ନେତାଏ ଯାହା କରିଥିଲେ
ତା'ଯେମିତି ନ କରିବ ।

## ମାଟି ତଳୁ ମିଳିଲା ୧୦ ହଜାର ବର୍ଷର ପୁରୁଣା ଅଳଙ୍କାର



ବେଜିଂ, ୧୭।୧୨

ଚୀନର ପ୍ରତ୍ନତତ୍ତ୍ୱବିତ୍‌ଙ୍କୁ ମିଳିଲା ବଡ ସଫଳତା। ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ ସମୟରେ ମାଟି ତଳେ ଅନେକ ବହୁମୂଲ୍ୟ ଅଳଙ୍କାର, ସୁନା ଓ ରୁପା ମୁଦ୍ରା ପୋତି ହୋଇ ରହିଥିବା ଜଣାପଡିଥିଲା। ପ୍ରତ୍ନତାତ୍ତ୍ୱିକ ଉତଖନନ କରିବା ସମୟରେ ପ୍ରତ୍ନତତ୍ତ୍ୱବିତ୍‌ଙ୍କୁ ମାଟି ତଳୁ ୧୦ ହଜାର ବର୍ଷ ପୁରୁଣା ଅଳଙ୍କାର ମିଳିଛି। ଦକ୍ଷିଣ ପଶ୍ଚିମ ଚୀନର ସାଙ୍ଗଜିଙ୍ଗ ଉୁଇ ଅଞ୍ଚଳରେ ଏକ ପୁରାତନ ସଭ୍ୟତା ରହିଥିଲା, ଯାହାକୁ ଚୀନର ପ୍ରତ୍ନତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଛନ୍ତି।

କିଛିମାସ ହେବ ଦକ୍ଷିଣ ପଶ୍ଚିମ ଚୀନର ସାଙ୍ଗଜିଙ୍ଗ ଉୁଇ ଅଞ୍ଚଳରେ ଥିବା ପୁରାତନ ସଭ୍ୟତାର ଅବଶେଷ ଖୋଜିବାକୁ ଏକ ଅନୁସନ୍ଧାନକାରୀ ଦଳ ସେହି ଅଞ୍ଚଳରେ ଖନନ ଆରମ୍ଭ କରିଥିଲେ। ମାଟି ତଳୁ ଅନୁସନ୍ଧାନକାରୀ ଦଳକୁ ୧୦ ହଜାର ବର୍ଷ ତଳର ପୁରୁଣା ଅଳଙ୍କାର ମିଳିଥିବା ଜଣାପଡ଼ିଛି। ଶଙ୍ଗ ବଂଶର ରାଜା ଏହି ଅଞ୍ଚଳରେ ଶାସନ କରୁଥିଲେ ବୋଲି ପ୍ରତ୍ନତତ୍ତ୍ୱବିତ୍ ସୂଚନା ଦେଇଛନ୍ତି । ମିଳିଥିବା ଅଳଙ୍କାରଗୁଡ଼ିକ ସେହି ରାଜବଂଶର ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି । ମାଟି ତଳୁ ୭୪୦୦ରୁ ଅଧିକ ସାମଗ୍ରୀ *(ପୃଷ୍ଠା ୭ରେ)*

## ମାର୍ଚ୍ଚ ୨୯ରେ ନୂତନ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ !

ନୂଆଦିଲ୍ଲୀ, ୧୭।୧୨

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଯେତେବେଳେ ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ଚନ୍ଦ୍ର ଆସିଯାଇଥାଏ ସେତେବେଳେ ସୂର୍ଯ୍ୟଙ୍କ କିରଣ ପୃଥିବୀ ଉପରେ ପଡ଼ି ନଥାଏ। ଏହି ମହାଜାଗତିକ ଘଟଣାକୁ ସୂର୍ଯ୍ୟୋପରାଗର ନାମ ଦିଆଯାଇଛି।

ଚଳିତବର୍ଷ ଅର୍ଥାତ ୨୦୨୪ ବର୍ଷରେ ୨ଥର ସୂର୍ଯ୍ୟୋପରାଗ ଓ ୨ଥର ଚନ୍ଦ୍ରଗ୍ରହଣ ସଙ୍ଘଠିତ ହୋଇଥିଲା। ଆଉ କିଛିଟା ଦିନ ପରେ ପୁରୁଣା ବର୍ଷ ଶେଷ ହୋଇ ନୂଆବର୍ଷ ଆରମ୍ଭ ହେବ। ଏହି ନୂତନ ବର୍ଷ ଅର୍ଥାତ ୨୦୨୫ରେ କେବେ ସୂର୍ଯ୍ୟୋପରାଗ



ସଙ୍ଘଠିତ ହେବ, କେତେ ସମୟ ରହିବ ତାହା ଭାରତରେ ଦୃଶ୍ୟମାନ ହେବ କି ନାହିଁ ତାହା ଜାଣିବା ପାଇଁ ଲୋକଙ୍କ ମନରେ ଏକ ପ୍ରକାର ଉତ୍ସାହ ଦେଖିବାକୁ ମିଳିଛି।

୨୦୨୫ ମସିହାର ପ୍ରଥମ ସୂର୍ଯ୍ୟୋପରାଗ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୧୮ ଡିସେମ୍ବର,ବୁଧବାର, ୨୦୨୪





# ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ନିୟମ ଉଲ୍ଲଂଘନ ଅଭିଯୋଗ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ୍ ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରାଯାଇଥିବାର ଅଭିଯୋଗ ହୋଇଛି । ୬ ବର୍ଷ ହେଲା ଠିକାଦାରଙ୍କ ମର୍ଜିରେ ଅତ୍ୟନ୍ତ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲିଛି । ଅଟକଳ ପରିମାଣ ବଢ଼ି ବଢ଼ି ୬କୋଟି ଟପି ସାରିଲାଣି । ତଥାପି ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ । ଏକପକ୍ଷରେ ବିଭାଗୀୟ ଅଧିକାରୀ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବାର ଅଭିଯୋଗ ହୋଇଥିଲା ବେଳେ ପ୍ରଶାସନ ତରଫରୁ ଲୋକଙ୍କୁ ଦିଆଯାଇ ଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇ ଥିବାରୁ ଗଣ ଆନ୍ଦୋଳନ ଦାନା ବାନ୍ଧୁ ଥିବାର ଜଣା ଯାଇଛି । ନିଶ୍ଚିନ୍ତକୋଇଲି ବ୍ଲକ୍ ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଗତ ୨୦୧୯ ମସିହାରେ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ନିଶ୍ଚିନ୍ତକୋଇଲି ବ୍ଲକ୍ ଅସୁରେଶ୍ୱର ଗ୍ରାମ ପଞ୍ଚାୟତ କୁଲଗାଁ ଇଶାଳୋ ଠାରେ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଗତ ୨୦୨୦ ମସିହା ନଭେମ୍ବର ୧୩ ତାରିଖ ଦିନ ଶିଳାନ୍ୟାସ କରିଥିଲେ । ଏହି ବିଦ୍ୟାଳୟ ନିର୍ମାଣ ନିମନ୍ତେ ସରକାର ୩ କୋଟି ଟଙ୍କା ବ୍ୟୟ ମଞ୍ଜୁର କରିଥିଲେ । ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଗତ



ମାର୍ଚ୍ଚ ୧୪ ତାରିଖ ଦିନ ଏହି ବିଦ୍ୟାଳୟର ନୂତନ ଗୃହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅଟକଳ ଅନୁଯାୟୀ ଏହି ବିଦ୍ୟାଳୟର ଗୃହ ନିର୍ମାଣ କରାଯାଇ ନଥିବାର ଅଭିଯୋଗ ହୋଇଛି । ଗୃହ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାର କାରଣରୁ ଉଦ୍‌ଘାଟନର ମାତ୍ର ଅଳ୍ପ ଦିନ ପରେ ଗୃହର ନବ ନିର୍ମିତ ଗୃହର ଛାତରୁ ପାଣି ଗଳୁଥିବାର ଅଭିଯୋଗ ହୋଇଛି । ଟିକିଏ ବର୍ଷାହେଲେ ଶ୍ରେଣୀ ଗୃହରେ ପାଣି ଲହଡ଼ି ଖେଳୁଥିବାର ଅଭିଯୋଗ ହୋଇଛି । ଏପରିକି ବିଦ୍ୟାଳୟର କବାଟଗୁଡ଼ିକ ମଧ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା କାରଣରୁ କେତେକ କବାଟ ମାତ୍ର ୨-୩ମାସ ମଧ୍ୟରେ ଭାଙ୍ଗିରୁଜି ଯାଇଥିବା ବେଳେ ବିଛା ଯାଇଥିବା ଟାଇଲଗୁଡ଼ିକ ମଧ୍ୟ ଭାଙ୍ଗିବାକୁ ଆରମ୍ଭ କଲାଣି । ଏପରିକି ବିଦ୍ୟାଳୟର ନବ ନିର୍ମିତ କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହେଲାଣି । ଫଳରେ ନିମ୍ନମାନର କାର୍ଯ୍ୟହେତୁ ଏହି ନବ ନିର୍ମିତ ବିଦ୍ୟାଳୟ ଗୃହର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଅପରପକ୍ଷରେ ବିଦ୍ୟାଳୟର ଛାତ୍ରୀ ଓ ଛାତ୍ର ନିବାସ ମଧ୍ୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି । ବିଦ୍ୟାଳୟ ପରିସରକୁ ଯିବା ନିମନ୍ତେ କୌଣସି ରାସ୍ତାର ସୁବିଧା ନାହିଁ । ଟିକିଏ ବର୍ଷା ହେଲେ ବିଦ୍ୟାଳୟ ପରିସର ପାଣିରେ ଭାସୁଛି । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ କୌଣସି ସାଇକେଲ ଷ୍ଟାଣ୍ଡ କିମ୍ବା ଖେଳ ପଡ଼ିଆ ନଥିବାର ଅଭିଯୋଗ ହୋଇଛି । ଇତି ମଧ୍ୟରେ ୬ ବର୍ଷ ଅତିକ୍ରାନ୍ତ ହୋଇଛି । ଅଟକଳ ପରିମାଣ ବଢ଼ିବଢ଼ି ୬ କୋଟି ହୋଇସାରିଲାଣି । ତଥାପି ଗୃହ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇ ପାରୁନାହିଁ । ବିଦ୍ୟାଳୟ ପରିସରରେ ବିପଦ ସଙ୍କୁଳ ଅବସ୍ଥାରେ ମଧ୍ୟ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଖୋଲାମେଲାରେ ପଡ଼ିରହିଛି । ଯାହାକି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ସୃଷ୍ଟି କରିଛି । ଏପରିସ୍ଥଳେ ଦୀର୍ଘ ବର୍ଷ ଧରି ନିଶ୍ଚିନ୍ତକୋଇଲିଗ୍ରାମ୍ୟ ଉନ୍ନୟନ ବିଭାଗରେ ଆସ୍ଥାନ ଜମାଇ ରହିଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବାର ଅଭିଯୋଗ ହୋଇଛି । ତେବେ ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କ ଅସାଧୁ ମେଣ୍ଟ ରହିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଅପରପକ୍ଷରେ ଏହି ବିଦ୍ୟାଳୟ ନିର୍ମାଣ ବେଳେ ସ୍ଥାନୀୟ ଲୋକମାନଙ୍କୁ ପ୍ରଶାସନ ତରଫରୁ ଦିଆଯାଇଥିବା ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପ୍ରଶାସନ ତରଫରୁ ତୁରନ୍ତ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଦିଆ ଯାଇଥିବା ପ୍ରତିଶ୍ରୁତି ପାଳନ କରାନଗଲେ ଆଗାମୀ ଦିନରେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ଏହି ଗୃହ ନିର୍ମାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅସଲ ମୁଖା ଖୋଲିଯାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ୨୦ ବର୍ଷ ପରେ ସ୍ୱାମୀ-ସ୍ତ୍ରୀଙ୍କୁ ଏକାଠି କଲା ପରିବାର ଅଦାଲତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପରିବାର ଅଦାଲତର ବିଚାରପତି ଦେବାଶିଷ ପଣ୍ଡା ଦୀର୍ଘ ୨୦ ବର୍ଷ ପରେ ସ୍ୱାମୀ ସ୍ତ୍ରୀଙ୍କୁ ଏକାଠି କରିଥିବା ଜଣାପଡ଼ିଛି । ଗଙ୍ଗାରାମ-ପୁରର ଭାରତୀ ନାୟକ ଭଦ୍ରେଶ୍ୱରର ରଞ୍ଜନ କୁମାର ସାହୁଙ୍କୁ ବିବାହ କରିଥିଲେ । ପାରିବାରିକ ମନୋମାଳିନ୍ୟ ଯୋଗୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇ ଉଭୟ ଅଲଗା ରହୁଥିଲେ । ତେବେ ୨୦୨୩ ମସିହାରେ ଭାରତୀ ନିଜ ସ୍ୱାମୀଙ୍କ ଠାରୁ ଭରଣପୋଷଣ ପାଇବା ପାଇଁ ପରିବାର ଅଦାଲତରେ ଏକ ମାମଲା ଦାଏର କରିଥିଲେ । ଏହି ମାମଲାର ବିଚାର କରି ବିଚାରପତି ଶ୍ରୀ ପଣ୍ଡା ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କରିବା ଫଳରେ ସ୍ୱାମୀ ସ୍ତ୍ରୀ ପୁନର୍ବାର ଦୀର୍ଘ ୨୦ ବର୍ଷ ପରେ ଏକାଠି ଚଳିବାକୁ ସମ୍ମତି ପ୍ରଦାନ କରିଥିଲେ । ଦୀର୍ଘ ଦିନରୁ ଚାଲି ଆସିଥିବା ଏହି ବିବାଦର ଆପୋଷ ସମାଧାନ ହୋଇ ଥିବାରୁ ଉଭୟପକ୍ଷର ପରିବାର ସନ୍ତୋଷ ପ୍ରକାଶ କରିଛନ୍ତି । ଜିଲ୍ଲା ଓ ଦୌରାଜଜ୍ ବିଶ୍ୱଜିତ ମହାନ୍ତି ନିଜେ ଉପସ୍ଥିତ ରହି ସମାଧାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ । ସମାଧାନ ପ୍ରକ୍ରିୟାରେ ଆଇନଜୀବୀ ସ୍ୱୟଂ ପ୍ରକାଶ ଦାସ, ଅମ୍ରିତା ମିଶ୍ର, ପ୍ରଭାତ ରଞ୍ଜନ ପାଣ୍ଡେ ଓ କାଉନସେଲିଂ ଓକିଲ ମନୋରଞ୍ଜନ ମହାନ୍ତି ପ୍ରମୁଖ ସହାୟତା କରିଥିଲେ ।

# ଧର୍ମ ରକ୍ଷା ପାଇଁ ମାନବ ସମାଜ ଜାଗ୍ରତ ହେବାକୁ ଆହ୍ୱାନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ଧର୍ମର ରକ୍ଷା ନିମନ୍ତେ ମାନବ ସମାଜ ଜାଗ୍ରତ ହେବାକୁ ଲୋକସନ୍ଥ ବ୍ରହ୍ମ ଅବଧୂତ ଗୋସ୍ୱାମୀ ଅଖାବାବା ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ନିର୍ଗୁଣ ବ୍ରହ୍ମ ସତ୍ୟ ସନାତନ ଧରିତ୍ରୀ ମଣ୍ଡଳାଶ୍ରମ ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଶାଖାର ଅଖାବାବାଙ୍କ ଆଶ୍ରମରେ ପବିତ୍ର ପଣ୍ଡୁ ପୂର୍ଣ୍ଣୀମା ଓ ଆଶ୍ରମର ବାର୍ଷିକ ଉତ୍ସବ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଲୋକସନ୍ଥ ବ୍ରହ୍ମ ଅବଧୂତ ଗୋସ୍ୱାମୀ ଅଖାବାବା ଯୋଗଦାନକରି ସମାଜର ମଙ୍ଗଳ ଓ ଧର୍ମର ରକ୍ଷାପାଇଁ ମାନବ ସମାଜ



ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ । ନିଜର ବ୍ୟକ୍ତିଗତ ଜୀବନ ସୁଧାରିଲେ ହିଁ ସାମାଜିକ ଓ ରାଷ୍ଟ୍ରୀୟ ସୁଧାର ସମ୍ଭବ ବୋଲି ଅଖାବାବା ମତବ୍ୟକ୍ତ କରିଥିଲେ । ଏଥିରେ ଆଶ୍ରମର ଆଚାର୍ଯ୍ୟ ବରଦା ପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ ସଙ୍ଘୀୟଗୁରୁ ଭାଇ ଭଉଣୀମାନେ ଯୋଗଦାନକରି ଜଗତ କଲ୍ୟାଣ ନିମନ୍ତେ ବ୍ରହ୍ମ ଆହୁତୀ, ନାମ ସଙ୍କୀର୍ତ୍ତନ କରିବା ସହ ବିଭିନ୍ନ ଆଧ୍ୟାତ୍ମୀକ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଓ ସନ୍ୟାସୀ ମାନେ ଯୋଗଦାନ କରି ସମାଜର କଲ୍ୟାଣ ସାଧନ ନିମନ୍ତେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ସୋଆ ଓ ମାଲା ରେଡି ବିଶ୍ୱବିଦ୍ୟାପୀଠ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ ହାଇଦ୍ରାବାଦ ସ୍ଥିତ ମାଲା ରେଡ଼ି ବିଶ୍ୱବିଦ୍ୟାପୀଠ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣା ପତ୍ର ଅନୁଯାୟୀ ସୋଆ ଓ ଏମ୍‌ଆର୍‌ଭି ସହଯୋଗ ଭିତ୍ତିରେ ଶିକ୍ଷ ଜଗତର ଆବଶ୍ୟକତାକୁ ଆଖିରେ ରଖି ଶୈକ୍ଷିକ ପାଠ୍ୟକ୍ରମ ପ୍ରସ୍ତୁତ କରିବେ ଯେପରି ଭବିଷ୍ୟତର ଆବଶ୍ୟକତାକୁ ଏହା ପୂରଣ କରିବ । ଦୁଇ ବିଶ୍ୱବିଦ୍ୟାଳୟ ମଧ୍ୟ ଏକତ୍ର ଶିକ୍ଷା, ଗବେଷଣା, ନୂତନ ପ୍ରବର୍ତ୍ତନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜ୍ଞାନର ଆଦାନ ପ୍ରଦାନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବେ । ସ୍ୱାସ୍ଥ୍ୟ ସେବା, ମେଡିକାଲ୍ ଟେକ୍ନୋଲଜି, ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍, ଲାଇଫ୍ ସାଇନ୍ସ ଓ ଇଜିନିୟରିଂ ଇତ୍ୟାଦି କ୍ଷେତ୍ରରେ ଗବେଷଣା ନିମନ୍ତେ ଜାତୀୟ ତଥା ଆନ୍ତର୍ଜାତିକ ସଂସ୍ଥାର ଅର୍ଥ ଯୋଗାଣ ନିମନ୍ତେ ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଉଦ୍ୟମ କରିବେ । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଏମ୍‌ଆର୍‌ଭିର ରେଜିଷ୍ଟ୍ରାର ଡକ୍ଟର ମନ୍ଥନ ଜାନୋଡିଆ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ସମୟରେ ଏମ୍‌ଆର୍‌ଭିର ଚିଫ୍ ଇନୋଭେସନ୍ ଅଫିସର ଡକ୍ଟର ବିକାଶ ସାହୁ ଓ ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ ଅଫିସର ଡକ୍ଟର ଏଲୋଜିତା ରାଉତ ଉପସ୍ଥିତ ଥିଲେ । ସୋଆର ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସି ଓ ପ୍ରଫେସର ଇ. ସୁବୁଦ୍ଧି ମଧ୍ୟ ଉପସ୍ଥିତ ଥିଲେ ।

# କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ପ୍ରଦାନ

**କଟକ, ନ୍ୟୁଜ୍‌ବ୍ୟୁରୋ**

ସଂପ୍ରତି ଶୀତର ମାହୋଲ ଆସିଯାଇଥିବା ବେଳେ ଶୀତ ପ୍ରକୋପରେ ଅସହାୟ ବୃଦ୍ଧବୃଦ୍ଧା କଷ୍ଟ ଭୋଗୁଥିବା ବେଳେ ସାହାଯ୍ୟର ହାତ ବଢ଼ାଇଛି କଟକ-ଚୌଦ୍ୱାର ବିକାଶ ପରିଷଦ । କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ସଭାପତି ମାନସ ପରିଡ଼ାଙ୍କ ନେତୃତ୍ୱରେ ଜଗତପୁର ଠାରେ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଲୁଙ୍ଗି, ଗାମୁଛା, ଶାଢ଼ୀ ଓ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା । କଟକ ସହରର ବିଭିନ୍ନ ଜାଗାରେ ସରକାରଙ୍କ ଦ୍ୱାରା ନିର୍ମିତ ରାତ୍ର ଆଶ୍ରୟସ୍ଥଳୀ ଥିଲେ ମଧ୍ୟ ଅନେକ ଜାଣି ନପାରି ରାତିରେ ରାସ୍ତା କଡ଼ରେ ଆଶ୍ରୟ ନେଉଛନ୍ତି । ତେଣୁ ପ୍ରଶାସନ ବା ଥାନା ଗାଡ଼ି ଦ୍ୱାରା ଡାକବାଜି ଯନ୍ତ୍ର ସାହାଯ୍ୟରେ ସନ୍ଧ୍ୟା ସମୟରେ ରାସ୍ତା କଡ଼ରେ ଆଶ୍ରୟ ନେଉଥିବା ନିରାଶ୍ରୟ ଲୋକଙ୍କୁ ସଚେତନ କରାଇବା ସହ ସେମାନଙ୍କୁ ରାତ୍ରୀ ଆଶ୍ରୟ ସ୍ଥଳୀରେ ପହଞ୍ଚାଇବାକୁ ପରିଷଦ ଦାବି କରିଛି ଏବଂ ଆହୁରି ଅଧିକ ରାତ୍ରୀ ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ମଧ୍ୟ ଦାବି କରିଛନ୍ତି ପରିଷଦର ସଭାପତି ଶ୍ରୀ ପରିଡ଼ା ।

# ସ୍ୱାମୀ ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିରରେ ଗୀତା ଜୟନ୍ତୀ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ୱାମୀ ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିର ରଘୁନାଥପୁରରେ ପ୍ରତିଷ୍ଠାତା ପୂର୍ଣ୍ଣ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଗୀତା ଜୟନ୍ତୀ- ଆମର ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ପାରମ୍ପରିକ ଜ୍ଞାନ ସହିତ ଯୋଡ଼ିହେବାର ଦିନବୋଲି ବିଭିନ୍ନ ବକ୍ତା ଭିନ୍ନଭିନ୍ନ ମନ୍ତବ୍ୟ ଦେଇଛନ୍ତି । ତତ୍‌ସହିତ ଚଳିତ ବର୍ଷ ଆମ ବିଦ୍ୟାଳୟରେ ଗୀତା ଜୟନ୍ତୀ ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ ସାରଙ୍କ ଉପସ୍ଥିତିରେ ପାଳନ କରାଯାଇଛି । ଆତ୍ମ-ଆବିଷ୍କାର ଏବଂ ଜ୍ଞାନର ମାର୍ଗରେ ଏକ ମାର୍ଗଦର୍ଶକ ଆଲୋକ ଭାବେ ଭଗବଦ୍ ଗୀତାକୁ ଆପଣେଇବାକୁ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ଗୁରୁଜୀ/ଗୁରୁମା ସଂଯୋଜନା କରିଥିଲେ ।



# ଚୋରା ମଦ ଜବତ : ୫ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



ଚୋରା ମଦ ବେପାରୀଙ୍କୁ ସାବାଡ୍ କରିବା ପାଇଁ ଅବକାରୀ ବିଭାଗ ଅଣ୍ଟା ଭିଡ଼ିଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରା ମଦ ବିକ୍ରି ହେଉଥିବାର ଜଣାପଡ଼ିବା ପରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳ ହରିଅଙ୍କର ଖଗେଶ୍ୱର ମଲିକ, ଭଗବାନ ପୁରର କିଶୋର ଚନ୍ଦ୍ର ନାୟକ, ପାଟକୁରାର ଉର୍ମିଳା ସାହୁ, ମହାକାଳପଡ଼ା ଅଳାଇଲୋର ଗୋଲଖ ସେଠୀ, ଦେଉଳୀପଡ଼ାର ଅନାଥ ମଲିକଙ୍କୁ ଅବକାରୀ ବିଭାଗ ଗିରଫ କରିବା ସହିତ ଏମାନଙ୍କ ପାଖରୁ ବ୍ୟାପକ ଚୋରା ରନ୍ଧା, ଦେଶୀ, ବିଦେଶୀ ମଦ ଜବତ କରିବା ସହ କୋର୍ଟ ଚାଲାଣ କରିଛନ୍ତି । ଏମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି ।

# ଆଧ୍ୟାତ୍ମିକ ପରିବେଶରେ ଶ୍ରୀ ଅରବିନ୍ଦ ଯୋଗାଶ୍ରମର ବାର୍ଷିକୋତ୍ସବ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଳିଆ ଗ୍ରାମ ପଞ୍ଚାୟତର ଶ୍ରୀ ଅରବିନ୍ଦ ଯୋଗାଶ୍ରମ ବାସୁଦେବ ଭବନ ପଡିଆ ସମ୍ମୁଖରେ ଶ୍ରୀ ଅରବିନ୍ଦ ପାଠଚକ୍ରର ବହୁବିଧ ବିଭାଗର ବାର୍ଷିକ ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଶୁଭାରମ୍ଭ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ମଦର୍ଶ ମ୍ୟୁଜିକ, ପତାକା ଉତ୍ତୋଳନ, ଶାରିରିକ କ୍ରୀଡ଼ା ନୈପୁନ୍ୟ ପ୍ରଦର୍ଶନ, ସାଂସ୍କୃତିକ ବିଚିତ୍ରା, ସାମରିକ ଅଭିବାଦନ(ମାର୍ଚ୍ଚ ପାଷ୍ଟ, ସ୍ୱାଗତିକାର ନବ ଛନ୍ଦ), ଜ୍ଞାନପତ୍ର ଗ୍ରହଣ, କୃତି ଛାତ୍ରଛାତ୍ରୀଙ୍କୁ ପୂର୍ବରୁ ଅନୁଷ୍ଠିତ ଖେଳକୁଦର ପ୍ରାଇଜ୍ ସହ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବକ୍ତା ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ମାଧ୍ୟମରେ ଦୈନନ୍ଦିନ ଖେଳ କସରତ ଶରୀରକୁ ଦିବ୍ୟ ରୂପାନ୍ତର ସହ ଏକ ମଜବୁତ ଦିଏ ବୋଲି ମତବ୍ୟକ୍ତ କରିଥିଲେ । ତତ୍‌ସହିତ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଆଦର୍ଶରେ ସମର୍ପିତ ହୋଇ ଯୋଗରେ ଶରୀର, ଶିକ୍ଷା ଦୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଘଟେ ବୋଲି ଜଣାଇଥିଲେ । ଏଥି ସହିତ ଗ୍ରାମାଞ୍ଚଳର ଲୁକ୍କାୟିତ କ୍ରୀଡ଼ା ପ୍ରତିଭା ବିଶ୍ୱ ସ୍ତରରେ ପହଞ୍ଚିବା ଉଦ୍ୟମ କରିବା ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ କେ ବେଦମତୀ ପାତ୍ର, ମ୍ୟାନେଜିଙ୍ଗ ଟ୍ରଷ୍ଟି ଗୋପାଳ କୃଷ୍ଣ ସେନାପତି, ରମ୍ଭା ଏନ ଏ ସି ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ଡିଓ ଏଲ ଆଇସି ଛତ୍ରପୁର ପ୍ରଭାକର ନାହାକ, ବିଡିସି (ଏଲଆଇସି) ସମ୍ପାଦକ ମନ୍ମଥ କୁମାର ପାତ୍ରୀ, ଖଲ୍ଲିକୋଟ ବ୍ଲକ ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନ ଶିବରାମ ପଣ୍ଡା, ପୂର୍ବତନ ସରପଞ୍ଚ ସାବୁଳିଆ ଗ୍ରାମପଞ୍ଚାୟତ ଶ୍ରୀଦ୍ଧାର୍ଥ ଶଙ୍କର ପଲାଇ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ବରିଷ୍ଠ ମ୍ୟାନେଜର ଅରୂପ କୁମାର ସୁବୁଦ୍ଧି, ଏମ ନରସିଂହ ସୁବୁଦ୍ଧି, ଟି. ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି (ଶିଳ୍ପପତି), ପି. ପ୍ରସାଦ ରାଓ ପ୍ରୁଷ୍ଟି ପ୍ରମୁଖ ମଞ୍ଚାସୀନ ରହିଥିଲେ । ସଭା ସଂଚାଳନରେ ସୁଶ୍ରୀ ଲକ୍ଷ୍ମୀବାଇ ଦଳାଇ (ସାଧିକା ଶିକ୍ଷୟିତ୍ରୀ) ରହିଥିବା ବେଳେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା /ଭାଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଶେଷରେ ସମ୍ମୁହିକ ଧ୍ୟାନ ସହ କାର୍ଯ୍ୟକ୍ରମ ପରିସମାପ୍ତି ଘଟିଥିଲା ।

# ତିର୍ତ୍ତୋଲରେ ଇଣ୍ଡିଆନ ଅଏଲ୍ ପକ୍ଷରୁ ମକ୍‌ଡ୍ରିଲ୍



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ପଞ୍ଚାୟତରେ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ ପକ୍ଷରୁ ଦୁରୋଦ୍ୱର ଆପତକାଳୀନ ପ୍ରତିରୂପ ଅଭ୍ୟାସ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର, ଇଣ୍ଡିଆନ ଅଏଲର ମହାପ୍ରବନ୍ଧକ, ଉପ ମହାପ୍ରବନ୍ଧକ, ପାରାଦ୍ୱୀପ ଷ୍ଟେସନ ଇନଚାର୍ଜ, ଓଡ୍ରାଫ, ବିପିସିଲ୍, ଇଫ୍‌କୋ, ପିପିଏଲ, ଆର୍ଶେଲ ମିତ୍ତଲ, ନିପନ ଷ୍ଟିଲ, ଓଡ୍ରାଫ ଟିମ୍ବାୟର ଆଣ୍ଡ ସେଫ୍ଟି ଡିଭିଜନ, ଜଗତସିଂହପୁର ମେଡିକାଲ ଅଧିକାରୀ, ତିର୍ତ୍ତୋଲ ଏବଂ କୁଜଙ୍ଗ ଅଗ୍ନିଶମ ବିଭାଗ, ତିର୍ତ୍ତୋଲ ପୋଲିସର ଅଧିକାରୀମାନେ ଉପସ୍ଥିତ ଥିଲେ । ତୁଳଙ୍ଗ ଦେଇ ଯାଇଥିବା ଦୁଇଟି ପାଇପଲାଇନ କୌଣସି କାରଣରୁ ଯଦି ଲିକେଜ୍ ହୁଏ ନିଆଁ ଲାଗିବାର ସମ୍ଭାବନା ରହିଛି । ଏହା ଦ୍ୱାରା କିପରି ଧନ ଜୀବନର ହାନି ନହେବ ସେ ଦୃଷ୍ଟିରୁ ଏକ ମକ୍ ଡ୍ରିଲ ଆୟୋଜନ ହୋଇଥିଲା । ପାଇପଲାଇନକୁ ନେଇ କିଛି ସନ୍ଦେହଜନକ କାର୍ଯ୍ୟକ୍ରମ ଦେଲେ ଟୋଲଫ୍ରି ନମ୍ବର ୧୮୦୦୩୪୫୬୯୧୨ରେ ଜଣାଇବା ପାଇଁ ଗ୍ରାମବାସୀମାନଙ୍କୁ ସୂଚିତ କରାଇବା ସହ ଉକ୍ତ ଜମିରେ କେଉଁ ଫସଲ କରିପାରିବେ ସେବିଷୟରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଚୈତନ୍ୟ ଏସ ପଡ୍ଡୁଏ ଓ ସୌରଭ ଭଗତଙ୍କ ନେତୃତ୍ୱରେ ମକ୍‌ଡ୍ରିଲ କ୍ରିୟା କରଣ ସମ୍ପୂର୍ଣ୍ଣ ହୋଇଥିଲା ।

# କୁତାମଚଣ୍ଡୀ ବିଦ୍ୟାପୀଠରେ ଶକ୍ତି ସଂରକ୍ଷଣ ସପ୍ତାହ ଉଦ୍‌ଯାପିତ





**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ବ୍ଲକ ଓଡ଼ିଶୋ ସ୍ଥିତ କୁତାମଚଣ୍ଡୀ ବିଦ୍ୟାପୀଠ ପରିସରରେ ଦୀର୍ଘ ସପ୍ତାହ ଧରି ଅନୁଷ୍ଠିତ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ସହ ଶକ୍ତି ସଂରକ୍ଷଣ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଗାଦିବ୍ରହ୍ମ ଓମେନ୍ସ କଲେଜ ବରିଷ୍ଠ ରସାୟନ ବିଭାଗ ଅଧ୍ୟାପକ ରବୀନ୍ଦ୍ର କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପବିତ୍ର ମୋହନ ଶତପଥି, ସମ୍ମାନୀୟ ଅତିଥି ରୂପେ ସୁଲୋଚନା ନାୟକ, ଶିକ୍ଷକ ଶିଶିର କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶକ୍ତି ସଂରକ୍ଷଣ ନିତ୍ୟାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ହରେକୃଷ୍ଣ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଶିକ୍ଷକ ସୁନୀଲ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷାବିତ୍ ନଗେନ ପଣ୍ଡା ଆଭିମୁଖ୍ୟ ପ୍ରକାଶ କରିଥିଲେ । ଛାତ୍ରୀ ଅର୍ଚ୍ଚିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟଅତିଥି ଅଧ୍ୟାପକ ଶ୍ରୀ ସ୍ୱାଇଁ ପ୍ରକଳ୍ପ ପ୍ରଦର୍ଶନୀ ଉଦଘାଟନ କରିଥିଲେ । ଏଥିରେ ପ୍ରାୟ ୧୫ଟି ଶକ୍ତି ସଂରକ୍ଷଣ ସମ୍ପର୍କିତ ପ୍ରକଳ୍ପ ସ୍ଥାନିତ ହୋଇଥିଲା । ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ସାମୁହିକ ଶପଥ ପାଠ, ଆଲୋଚନାଚକ୍ର, ବକ୍ତୃତା ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶକ୍ତିକ୍ଲବ ସଂଯୋଜକ ହରେକୃଷ୍ଣ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ଓ ପ୍ରଶିକ୍ଷଣ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ସ୍ଥିତ ଶରତ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ତିନି ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଆନୁଷ୍ଠାନିକ ଭାବେ ଶିକ୍ଷା ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋସ୍ନାରାଣୀ ମହାପାତ୍ର ଯୋଗ ଦେଇଥିଲେ । ରାଜ୍ୟସ୍ତରୀୟ ଅଲମ୍ପିକ ପ୍ରଶିକ୍ଷକ ପ୍ରଶିକ୍ଷିକା ଭାବେ ପ୍ରକାଶ ବେହେରା, ଦେବାଶିଷ ଦେ, ଲକ୍ଷ୍ମୀପ୍ରିୟା ପ୍ରଧାନ ଯୋଗଦେଇ ଅଲମ୍ପିକ କ୍ରୀଡ଼ାର ତିନୋଟି ମୂଲ୍ୟବୋଧ ଉପରେ ଶିକ୍ଷା ଦାନ କରିଥିଲେ । ସେଗୁଡ଼ିକ ହେଲା ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ, ପରସ୍ପର ସମ୍ମାନ ଓ ଆଗକୁ ବଢ଼ିବାର ସହମତି ଏହା ଦ୍ୱାରା କ୍ରୀଡ଼ା ମାଧ୍ୟମରେ ଶିକ୍ଷାର ମାନଦଣ୍ଡ ବୃଦ୍ଧି ପାଇବ । ଏହି କାର୍ଯ୍ୟକ୍ରମରେ ୨୫ଟି ବିଦ୍ୟାଳୟରୁ ଦୁଇଜଣ ଲେଖାଏଁ ଶିକ୍ଷକଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ହେବା ସହିତ ନିଜକୁ ସୁନାଗରିକ ରୂପେ ଗଢ଼ି ତୋଳିବେ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ ।

# ବ୍ରହ୍ମପୁରରେ ୭୭ତମ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଅନ୍ତର୍ଜାତୀୟ ମାନବାଧିକାର କାଉନସିଲ ଗଞ୍ଜାମ ଶାଖା ଓ ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ମିଳିତ ଅନୁକୂଲ୍ୟରେ ୭୭ତମ ଅନ୍ତର୍ଜାତୀୟ ମାନବାଧିକାର ଦିବସ ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ଠାରେ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ଅଶୋକ କୁମାର ପାଳ ସଭାପତିତ୍ୱ କରି ମାନବାଧିକାର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ଅନ୍ତର୍ଜାତୀୟ ମାନବାଧିକାର କାଉନସିଲ ଗଞ୍ଜାମ ଶାଖାର ସଭାନେତ୍ରୀ ରଶ୍ମିତା ପାଣିଗ୍ରାହୀ ସାଂପ୍ରତିକ ପରିସ୍ଥିତିରେ ଭାରତରେ ମାନବାଧିକାରର ସ୍ଥିତି ଆଉ ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକା ତଥା ସମାଜସେବୀ ସାରା ମିଶ୍ର ନିଜ ବକ୍ତବ୍ୟରେ ମାନବାଧିକାର ଜନ୍ମ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧିବକ୍ତା ରମାକାନ୍ତ ରଥ ଯୋଗ ଦେଇ ମାନବାଧିକାରର ଆଇନ ସବୁ ଦିଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଓ ଅଭିଭାବିକା ସହ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶାସକ ରବିପ୍ରସାଦ ସାହୁକାର ଓ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ମାଥାନ ପରିଚାଳନା କରିଥିଲେ ।

# ପ୍ରଥମ ସୋଆ ରେନାଲ୍ ସିମ୍ପୋସିୟମ୍ ସମ୍ ହସ୍ପିଟାଲ୍‌ରେ ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନେଫ୍ରୋଲୋଜି ବିଭାଗ ପକ୍ଷରୁ ଶନିବାର ଦିନ 'ପ୍ରଥମ ସୋଆ ରେନାଲ୍ ସିମ୍ପୋସିୟମ୍' ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି 'ପ୍ରଥମ ସୋଆ ରେନାଲ୍ ସିମ୍ପୋସିୟମ୍' (ଏସ୍‌ଆର୍‌ଏସ୍)ର ପ୍ରସଙ୍ଗ ରହିଥିଲା 'କମ୍ପ୍ରେହେନ୍‌ସିଭ୍ ଅପ୍‌ଡେଟ୍ସ ଇନ୍ ନେଫ୍ରୋଲୋଜି' । ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଡ୍‌ନୀ ଜନିତ ସମସ୍ୟା ଥିବା ରୋଗୀଙ୍କ କ୍ଷେତ୍ରରେ ଅତ୍ୟାଧୁନିକ



ଚିକିତ୍ସା ଡାଏଲିସିସ୍ ପଦ୍ଧତି ସମ୍ପର୍କରେ ଆଲୋକ ପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ମେଡିକାଲ୍‌ର ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ ହସ୍ପିଟାଲ୍‌ରେ ମାସକୁ ପ୍ରାୟ ୨୫୦୦ ଡାଏଲିସିସ୍ କରାଯାଉ ଥିବା ବେଳେ ବିଶେଷଜ୍ଞ ଡାକ୍ତର ଓ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ରହିଛି । ସେହିପରି ହୃଦ୍‌ରୋଗ ଓ ମଧୁମେହ ରୋଗୀଙ୍କ କ୍ଷେତ୍ରରେ କିଡ୍‌ନୀ ସମସ୍ୟା ଅଧିକ ଦେଖାଯାଉଥିବା ସେ କହିଥିଲେ । କାର୍ଯ୍ୟକ୍ରମରେ ଲକ୍ଷ୍ନୌର ଏସ୍‌ଜିପିଜିଆଇ ଏମ୍‌ଏସ୍‌ର ନେଫ୍ରୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର (ଡାକ୍ତର) ଅମିତ୍ ଗୁପ୍ତା ଓ ଉତ୍କଳ ହସ୍ପିଟାଲର ନେଫ୍ରୋଲୋଜି ବିଭାଗର କନ୍‌ସଲଟାଣ୍ଟ ପ୍ରଫେସର ଏସ୍.ସି ମହାକୁଡ଼ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କିଡ୍‌ନୀ ରୋଗର କାରଣ, ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଓ ଔଷଧ ବିଷୟରେ ଆଲୋଚନା କରିଥିଲେ । ଆୟୋଜିତ ଏହି ସିଏମ୍‌ଇରେ ଓଡ଼ିଶା ବାହାରୁ ନୂଆଦିଲ୍ଲୀ ସ୍ଥିତ ଏମ୍‌ସ, ବେଙ୍ଗାଲୁରୁ, ଚେନ୍ନାଇ ଓ ଲକ୍ଷ୍ନୌର ବିଶିଷ୍ଟ ଡାକ୍ତରମାନେ ଓ ଓଡ଼ିଶାର ଭୁବନେଶ୍ୱର, କଟକ, ରାଉରକେଲା ଏବଂ ବରଗଡ଼ର ସ୍ୱନାମଧନ୍ୟ ନେଫ୍ରୋଲୋଜି ବିଶେଷଜ୍ଞ ମାନେ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ ରଖିବା ସହ କିଡ୍‌ନୀ ରୋଗ କ'ଣ ଓ ଉପୁଜୁଥିବା ସମସ୍ୟା ଓ ତା'ର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ ହସ୍ପିଟାଲର ନେଫ୍ରୋଲୋଜି ବିଭାଗର ମୁଖ୍ୟ ଡାକ୍ତର ବିଶ୍ୱରନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫେସର (ଡାକ୍ତର) ଦେବ ପ୍ରସାଦ କର, ଆସୋସିଏଟ୍ ପ୍ରଫେସର (ଡାକ୍ତର) ବିଶ୍ୱଜିତ୍ ମିଶ୍ର, ଆସିଷ୍ଟାଣ୍ଟ ପ୍ରଫେସର ଅମୃତା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ ।





# ରାୟଗଡ଼ାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟ ସମୀକ୍ଷାକଲେ ମନ୍ତ୍ରୀ



**ରାୟଗଡ଼, ନ୍ୟୁଜ୍ ବ୍ୟୁରୋ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଓଡ଼ିଶା, ସୁରେଶ ଚନ୍ଦ୍ର ପୂଜାରୀ ଦିନିକିଆ ରାୟଗଡ଼ ଜିଲ୍ଲା ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ରାୟଗଡ଼ ବିଧାୟକ ଆପାଲ ସ୍ୱାମୀ କାଡ୍ରାକା, ବିଷମ କଟକ ବିଧାୟକ ନୀଳମାଧବ ହିକକା, ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ, ଜିଲ୍ଲାପାଳ ପାରୁଲ ପଟୱାରୀ, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାର, ସ୍ୱତନ୍ତ୍ର ସଚିବ ରାଜସ୍ୱ ବିଭାଗ, ବୀରେନ୍ଦ୍ର କୁମାର କର, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ, ଗୁଣୁପୁର, ସୁଶ୍ରୀ କିରଣଦୀପ କୌର ସାହାଟେ, ଉପଜିଲ୍ଲାପାଳ ରାୟଗଡ଼, କଲ୍ୟାଣୀ ସଂଘ ମିତ୍ରା ଦେବୀ ପ୍ରମୁଖ ଯୋଗଦାନ କରିଥିଲେ । ଏହି ବୈଠକରେ ମନ୍ତ୍ରୀ ରାଜସ୍ୱ ବିଭାଗର କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ । ରାଜସ୍ୱ ବିଭାଗର ବିଭିନ୍ନ ସ୍କିମ୍ ଉପରେ ସମୀକ୍ଷା କରିଥିଲେ । ମନ୍ତ୍ରୀ କହିଲେ ଯେ ଆଗାମୀ ପାଞ୍ଚ ବର୍ଷ ଭିତରେ କୌଣସି ଗରିବ ବ୍ୟକ୍ତି ଭୂମିହୀନ ରହିବେନାହିଁ । ବର୍ତ୍ତମାନ ଠାରୁ ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିଳ୍ପ ସଂସ୍ଥା ହେବାଦ୍ୱାରା ବିସ୍ଥାପିତ ହୋଇଥିବା ପରିବାରକୁ ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣ ଦେବାକୁ କହିଥିଲେ । ପରିବେଶ ସୁରକ୍ଷା ପାଇଁ ମଧ ବିଶେଷ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ୪ ଡ଼ିସିମିଲ୍‌ରୁ କମ୍ ଜମି ଥିବା ବ୍ୟକ୍ତିଙ୍କୁ ମଧ ଭୂମିହୀନ ତାଲିକାରେ ତାଲିକାଭୁକ୍ତ କରାଯିବ ଓ ସେମାନଙ୍କୁ ଜମି ଦିଆଯିବ । ବୃହତ୍ ରାଜସ୍ୱ ଗ୍ରାମ ଯୋଗୁଁ ଦୂରରୁ ରହୁଥିବା ଗ୍ରାମଗୁଡିକ ଅସୁବିଧା ହେଉଥିବାରୁ ଅନ୍ୟୁନ ୨୫୦ ପରିବାର ଥିବା ଗ୍ରାମଗୁଡିକ ମଧ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ସର୍ବସାଧାରଣ ହେଉଛନ୍ତି ସମ୍ମାନୀୟ ବ୍ୟକ୍ତି ସେମାନଙ୍କ ଅଭିଯୋଗ ଧର୍ଯ୍ୟର ସହକାରେ ଶୁଣି ସେବା ଯୋଗାଇଦେବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହାସହିତ ମନ୍ତ୍ରୀ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ଉପରେ ମଧ ସମୀକ୍ଷା କରିଥିଲେ । ଚାଷୀ ଯେପରି ଠକାମୀର ଶିକାର ନହେବେ ସେଥିପାଇଁ ଧ୍ୟାନ ଦେବାକୁ କହିଥିଲେ । ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତି ଥିଲେ ।



## ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଜଣେ ଦୂରଦ୍ରଷ୍ଟା ଓ ରାଜନେତା
## ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଜୟନ୍ତୀ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମହାରାଜ୍ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କର ସମାଜର ସାମଗ୍ରିକ ଉନ୍ନତି କରିବାର ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ତାଙ୍କୁ ଚିରକାଳ ଏକ ଲୋକପ୍ରିୟ ଶାସକର ମର୍ଯ୍ୟାଦା ପ୍ରଦାନ କରୁଥିବ। ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ କେବଳ ମୟୂରଭଞ୍ଜ ନୁହେଁ ବରଂ ସାରା ଓଡ଼ିଶାର ଜନ ସମୁଦାୟଙ୍କ ପାଇଁ ସେ ଅତି ନିଷ୍ଠାର ସହ ଭାବନା କରୁଥିଲେ ବୋଲି ଏହି ଜୟନ୍ତୀ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବାହ୍ନ ସାଢ଼େ ଆଠଟା ସମୟରେ ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ପାୱାର ହାଉସ୍ ଛକ ଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଜୟ ପରିଡ଼ା, ମନୋରଞ୍ଜନ ମହାନ୍ତି, ସୁର ସିଂହ ପରିଡ଼ା, ମନୋଜ କୁମାର ସେଠୀ, ଅନୁପମା ବେହେରା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ସୋଆରେ ଆନ୍ତର୍ଜାତିକ ଫିଜିଓଥେରାପି ସମ୍ମିଳନୀ ଉଦ୍‌ଯାପିତ
# ସବୁ ପିଏଚ୍‌ସିରେ ଫିଜିଓଥେରାପିଷ୍ଟ୍ ନିଯୁକ୍ତି ପାଇବା ଆବଶ୍ୟକ:ମନ୍ତ୍ରୀ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଭିନ୍ନ ରୋଗର ଚିକିତ୍ସା କ୍ଷେତ୍ରରେ ଫିଜିଓଥେରାପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ରାଜ୍ୟର ପ୍ରତ୍ୟେକ ଜନସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଜଣେ ଫିଜିଓଥେରାପିଷ୍ଟଙ୍କୁ ରାଜ୍ୟ ସରକାର ନିଯୁକ୍ତି କରିବାକୁ ଚିନ୍ତା କରୁଛନ୍ତି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଆଇନ୍, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ, ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିଓଥେରାପି (ଆଇଏପି) ଉତ୍କଳ ଶାଖା ଏବଂ ଆଇଏପି ମହିଳା ଶାଖା ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ଫିଜିଓଥେରାପି ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଚିକିତ୍ସା କ୍ଷେତ୍ରରେ ରୋଗର ନିରାକରଣ ଓ ରୋଗୀଙ୍କୁ ସୁସ୍ଥ କରିବା କ୍ଷେତ୍ରରେ ଫିଜିଓଥେରାପିର ବଡ଼ ଭୂମିକା ରହିଛି । କୋଭିଡ୍ ପରବର୍ତ୍ତୀ ସମୟରେ ବ୍ରେନ୍ ଷ୍ଟ୍ରୋକ୍ ଯୋଗୁଁ ପକ୍ଷାଘାତ ରୋଗୀଙ୍କ ସଂଖ୍ୟା ବଢିଛି । ଗାଁ ଗହଳିରେ ମଧ ରୋଗୀଙ୍କ ପାଇଁ ଫିଜିଓଥେରାପି ଚିକିତ୍ସା ଆବଶ୍ୟକ ହେଉଛି । ତେଣୁ ପ୍ରତି ପିଏଚ୍‌ସିରେ ୨୦୨୭ ସୁଦ୍ଧା ଜଣେ ଲେଖାଏଁ ଫିଜିଓଥେରାପିଷ୍ଟ୍ ନିଯୁକ୍ତି ଲାଗି ସ୍ୱାସ୍ଥ୍ୟ ବିଭାଗ ସହ ସେ ବିଚାରବିମର୍ଶ କରିବେ ବୋଲି ସେ କହିଥିଲେ। ଦେଶରେ ବୟସ୍କଙ୍କ ସଂଖ୍ୟା ବଢିବାକୁ ଯାଉଛି। ତେଣୁ ସେତେବେଳେ ବୟସ୍କ ରୋଗୀଙ୍କ ସଂଖ୍ୟା ମଧ ବଢ଼ିବ। ଏ କ୍ଷେତ୍ରରେ ଫିଜିଓଥେରାପିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଉତ୍ତର ବିଧାୟକ ବାବୁ ସିଂ ଯୋଗଦେଇ ସୁସ୍ଥ ଭାରତ ଓ ସୁସ୍ଥ ଓଡ଼ିଶା ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ର ବ୍ୟାୟାମ ଏବଂ ଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିଓଥେରାପିର ଜାତୀୟ ସଭାପତି ଡକ୍ଟର ସୀବ ଝା, ଆଇଏପି ମହିଳା ଶାଖାର ସଭାନେତ୍ରୀ ଡକ୍ଟର ରୁଚି ଭାର୍ଗବେ, ସମ୍ମିଳନୀର ଅର୍ଗାନାଇଜିଂ କମିଟିର ଅଧକ୍ଷା ତଥା ସମ୍ ହସ୍ପିଟାଲ୍ ଫିଜିଓଥେରାପି ବିଭାଗର ମୁଖ୍ୟ ଡାକ୍ତର ସ୍ମିତିପ୍ରଜ୍ଞା ଦଳବେହେରା, ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଂଜନ ଦାସ ଓ ଆଇଏପି ଉତ୍କଳ ଶାଖାର ସମ୍ପାଦକ ଭୁବନାନନ୍ଦ ପାଣି ବକ୍ତବ୍ୟ ରଖିଥିଲେ।

## ମେସ୍‌ରୁ ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମେସ୍‌ରୁ ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର । ବାରିପଦାର ଭଞ୍ଜପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀପୋଷୀ ଠାରେ ଥିବା ମୟୂରଭଞ୍ଜ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ କଲେଜର ୩ୟ ବର୍ଷ ମେକାନିକାଲ୍ ଇଞ୍ଜିନିୟର ଛାତ୍ରର ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି । ମୃତ ଛାତ୍ର ଜଣକ ହେଉଛନ୍ତି ବିଶୋଇ ଅଞ୍ଚଳର ବୁଦ୍ଧାଦିତ୍ୟ ନାୟକ। ସେ ଲକ୍ଷ୍ମୀପୋଷି ଠାରେ ଥିବା ଘରୋଇ ମେସ୍‌ରେ ରହୁଥିଲେ। ତେବେ ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନଥିବା ବେଳେ ଭଞ୍ଜପୁର ଥାନା ପୋଲିସ୍ ପହଞ୍ଚି ଘଟଣାର ତଦନ୍ତ କରୁଛି । ସୂଚନା ଅନୁସାରେ, ସନ୍ଧ୍ୟାରେ ପୁଅ ସହ ଶେଷଥର ପାଇଁ କଥା ହୋଇଥିବା ବାପା କହିଛନ୍ତି । ଫୋନ୍‌ରେ ବାଲାନ୍ସ ସରିଯାଇଥିବାରୁ ସାଙ୍ଗ ଫୋନ୍‌ରୁ ବାପାଙ୍କ ସହ କଥା ହୋଇଥିଲେ । ସେପଟେ ରାତିରେ ଫୋନ୍‌ରେ ଝଗଡ଼ା କରୁଥିବା କହିଛନ୍ତି ସହପାଠୀ ।

# ଏସ୍‌ବିଆଇ ଲାଇଫ୍ ପକ୍ଷରୁ 'ସ୍ମାର୍ଟ ପ୍ଲାଟିନା ସୁପ୍ରିମ୍' ପ୍ଲାନ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦେଶର ସବୁଠୁ ବିଶ୍ୱାସଯୋଗ୍ୟ ଘରୋଇ ବୀମା କମ୍ପାନି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ନନ୍-ଲିଙ୍କଡ୍, ନନ୍-ପାର୍ଟିସିପେଟିଂ ଜୀବନ ବୀମା ପ୍ଲାନ୍ 'ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ସୁପ୍ରିମ୍'ର ଶୁଭାରମ୍ଭ କରାଯାଇଛି । ଯାହା ଉଭୟ ସୁରକ୍ଷା ଓ ଗ୍ୟାରେଣ୍ଟି ବୀମା ରାଶି ପ୍ରଦାନ କରିବ। ଆଜିର ଅନିଶ୍ଚିତତାର ଦୁନିଆରେ ଗ୍ରାହକମାନେ ନିଶ୍ଚିତତା ଚାହୁଛନ୍ତି । ସେଥିପାଇଁ ଭବିଷ୍ୟତରେ ଗ୍ୟାରେଣ୍ଟି ରିଟର୍ଣ୍ଣ ପ୍ରଦାନ କରୁଥିବା ଆର୍ଥିକ ଉପକରଣର ଚାହିଦା ବଢ଼ିଛି । ସେହି ଆବଶ୍ୟକତାକୁ ପୂରଣ କରିବା ଲାଗି ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ସୁପ୍ରିମ୍ ଗ୍ରାହକମାନଙ୍କ ଚୟନ ଅନୁସାରେ ଗ୍ୟାରେଣ୍ଟି ଭବିଷ୍ୟତ ରିଟର୍ଣ୍ଣ ପ୍ରଦାନ କରୁଛି । ବର୍ତ୍ତମାନର ଅର୍ଥନୈତିକ ଅନିଶ୍ଚିତତା ଯୋଗୁଁ ସମସ୍ତ ବୟସ ବର୍ଗ ଏବଂ ଜନସଂଖ୍ୟାରେ ଅନୁଭବ ହେଉଛି ଯେ ନିଜ ଭବିଷ୍ୟତର ଆର୍ଥିକ ସ୍ଥିତିକୁ ସୁରକ୍ଷିତ ରଖିବା ପାଇଁ ଆଜି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଏସ୍‌ବିଆଇ ଲାଇଫ୍- ସ୍ମାର୍ଟ ପ୍ଲାଟିନା ସୁପ୍ରିମ୍‌କୁ ବୟସ ବର୍ଗ ଏବଂ ଜନସଂଖ୍ୟାର ବିବିଧ ଆବଶ୍ୟକତାକୁ ଅନୁକୂଳ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ନିଶ୍ଚିତ ଆୟ ଯୋଜନା ଏହାର ସୁହାଇବା ଭଳି ବୈଶିଷ୍ଟ୍ୟ, ଯେପରିକି ନମନୀୟ ପଲିସି ପ୍ରିମିୟମ୍ ପୈଠ ମିଆଦ, ପଲିସି ମିଆଦ, ପେମେଣ୍ଟ ପ୍ରଦାନ ଅବଧି, ସ୍ତର ଏବଂ ନିଶ୍ଚିତ ଆୟ ବୃଦ୍ଧି ଏବଂ ପେମେଣ୍ଟ ପ୍ରଦାନ ଅବଧି ଶେଷରେ ପ୍ରଦାନ କରାଯାଇଥିବା ମୋଟ୍ ପ୍ରିମିୟମର ୧୧୦% ରିଟର୍ଣ୍ଣ ମାଧ୍ୟମରେ ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରୁଛି । ନିଶ୍ଚିତ ସଞ୍ଚୟ ଯୋଜନା ନିଶ୍ଚିତ ରିଟର୍ଣ୍ଣ ଖୋଜୁଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ସ୍ଥାୟୀ ସମାଧାନ ଭାବରେ କାର୍ଯ୍ୟ କରୁଛି ଏବଂ ନିଜ ଓ ସେମାନଙ୍କ ପ୍ରିୟଜନଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଏକ ଦୃଢ଼ ଆର୍ଥିକ ନିରାପତା ଜାଲ ନିର୍ମାଣ କରୁଛି । ଏହି ଯୋଜନା ସମ୍ପର୍କରେ ଏସ୍‌ବିଆଇ ଲାଇଫ୍‌ର ଏମ୍‌ଡି ଓ ସିଇଓ ଅମିତ ଝିଙ୍ଗରଣ କହିଛନ୍ତି ଯେ, ଆଜିର ଚମତ୍କାର ଆର୍ଥିକ ପରିବେଶରେ ଲୋକମାନଙ୍କୁ ଏଭଳି ବୀମା ସମାଧାନ ଦରକାର ଯାହା ସୁରକ୍ଷା, ନମନିୟତା ଓ ସବୁଠୁ ଉପରେ । ସେମାନଙ୍କ ଅଭିଳାଷ ପୂରଣ କରିବା ଲାଗି ଭବିଷ୍ୟତ ଆୟର ଗ୍ୟାରେଣ୍ଟି ପ୍ରଦାନ କରୁଥିବ। ଆମର ନୂଆ ଗ୍ୟାରେଣ୍ଟି ରିଟର୍ଣ୍ଣ ପ୍ଲାନ୍ 'ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନମା ସୁପ୍ରିମ୍' ସହ ଗ୍ରାହକମାନ ନିଜ ଜୀବନର ପ୍ରମୁଖ ମାଇଲଖୁଣ୍ଟ ପାଇଁ ବିଶ୍ୱାସର ସହ ଯୋଜନା ପ୍ରସ୍ତୁତ କରିପିବେ ଏବଂ ନିଜ ପ୍ରିୟଜନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିପାରିବେ।




# ପାଣି ପଞ୍ଚାୟତ ସମସ୍ୟା ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**



ଜଳସମ୍ପଦ ବିଭାଗ ତରଫରୁ କଟକ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଚଳିତ ଡିସେମ୍ବର ୨୨ ତାରିଖରୁ ଆସନ୍ତା ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ବିଭିନ୍ନ ବିଭାଗର ସହଯୋଗରେ ପାଳିତ ହେବାକୁ ଯାଉଥିବା ଏହି ପକ୍ଷର ଶୁଭାରମ୍ଭ ଡିସେମ୍ବର ୨୨ ତାରିଖ ଦିନ ପାଣି ପଞ୍ଚାୟତର ଉପଦେୟତା ବାର୍ତ୍ତା ବହନ କରୁଥିବା ଏକ ସଚେତନତା ରଥର ଶୁଭ ଉଦ୍‌ଘାଟନ ସହ କରାଯିବ। ଏହି ରଥ କଟକ ଜିଲ୍ଲାର ସମସ୍ତ ବ୍ଲକକୁ ଭ୍ରମଣ କରିବ । ଏହି ପକ୍ଷ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପକ୍ଷ ପାଳନର ଅଂଶବିଶେଷ ଭାବେ ପ୍ରତାପ ନଗରି ସ୍ଥିତ ଓ୍ୱାଲମି ଠାରେ ଚଳିତ ଡିସେମ୍ବର ୨୯ ତାରିଖ ଦିନ ଏକ ପ୍ରଦର୍ଶନୀ ଆୟୋଜିତ ହେବ ଯେଉଁଥିରେ କୃଷି ପଶୁପାଳନ ଏବଂ ପଶୁଚିକିତ୍ସା, ଜଙ୍ଗଲ, ମୃତ୍ତିକା ସରକ୍ଷଣ, ଉଦ୍ୟାନ କୃଷି, ମତ୍ସ୍ୟ, ଉଠା ଜଳସେଚନ, ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ, ସେଚାଞ୍ଚଳ ଉନ୍ନୟନ ବିଭାଗ, ଗବେଷଣାରତ ଅନୁଷ୍ଠାନ ଆଦି ଅଂଶ ଗ୍ରହଣ କରି ସେମାନଙ୍କ କାର୍ଯକଳାପ ତଥା ଯନ୍ତ୍ରାଂଶର ପ୍ରଦର୍ଶନ କରିବେ। ଏହି ଅବସରରେ ଜିଲ୍ଲାର ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଣି ପଞ୍ଚାୟତ ବିଷୟରେ ବିଭିନ୍ନ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହେବ, ଯାହାର କୃତି ପ୍ରତିଯୋଗୀ ମାନଙ୍କୁ ଜାନୁଆରୀ ୫ ତାରିଖରେ ହେବାକୁ ଥିବା ସମାପନୀ ସମାରୋହରେ ପୁରସ୍କୃତ କରାଯିବ । ସମାପାନୀ ସମାରୋହରେ ସୂଚନା ଶିକ୍ଷା ଓ ସଞ୍ଚାର ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନର ବିଭିନ୍ନ ଉତ୍ସବରେ କଟକ ଜିଲ୍ଲାର ଜନପ୍ରତିନିଧି ମାନେ ସାମିଲ୍ ହେବେ। ପ୍ରକାଶ ଥାଉ କି କଟକ ଜିଲ୍ଲାରେ ୩୦୦ରୁ ଉର୍ଦ୍ଧ୍ୱ ପାଣି ପଞ୍ଚାୟତ କାର୍ଯ୍ୟ କରୁଛି । କଟକ ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ପାଣି ପଞ୍ଚାୟତ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେବାପାଇଁ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଇଞ୍ଜିନିୟର ହେମନ୍ତ କୁମାର ପାଣ୍ଡବ, ବିଜୟ କୁମାର ସେଠି, ମଳୟ କୁମାର ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଶୋକ କୁମାର କର ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷର ସଫଳ ପାଳନ ନିମନ୍ତେ ଆଲୋଚନା କରିଥିଲେ।




## ଜିଲ୍ଲା ଛାତ୍ର ବିଜେଡ଼ି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ ତରଫରୁ ବାରିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ Mayurbhanj College of Accountancy and Managementରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୁନୀଲ କୁମାର ନାୟକଙ୍କ ନେତୃତ୍ୱରେ ହୋଇଥିଲା । ଏଥିରେ ଉପସ୍ଥିତ ଥିଲେ ରାଜ୍ୟ ଛାତ୍ର ବିଜେଡ଼ି ଉପସଭାପତି ନାରାୟଣ ପ୍ରସାଦ ସିଂ, ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ବୈବତ ନାରାୟଣ ବିଶ୍ୱାଳ, ଜିଲ୍ଲା ଛାତ୍ର ବିଜେଡ଼ି ସାଧାରଣ ସମ୍ପାଦକ ତରୁଣ ନାୟକ, ଭବାନୀ ଶଙ୍କର ଧଡା, ଛାତ୍ର ସମ୍ପାଦକ ଅମିତ୍ ମହାକୁଡ, ଛାତ୍ର ନେତା ଅଭିନନ୍ଦନ ବାରିକ ଓ ବିନାୟକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ବହୁତ ନୂତନ ଭୋଟର ଛାତ୍ରଛାତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବ୍ୟକ୍ତିତ୍ୱରୁ ଅନୁପ୍ରାଣିତ ହୋଇ ଉତ୍ସାହର ସହ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହରେ ନିଜକୁ ସାମିଲ୍ କରିଥିଲେ ।

# ପୁସ୍ତକମେଳାକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ:ଜିଲ୍ଲାପାଳ

## ଜଗତସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀଙ୍କ ଅଧକ୍ଷତାରେ ଆଗାମୀ ୨୬ ତମ ଜଗତସିଂହପୁର ପୁସ୍ତକମେଳା-୨୦୨୫ ପାଳନ ନିମନ୍ତେ ସାଧାରଣ ପରିଷଦ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାଂସ୍କୃତିକ ପରିଷଦର ଅଧକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ ଆଗାମୀ ପୁସ୍ତକମେଳାକୁ ଆକର୍ଷଣୀୟ କରିବାକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ଦୃଢ ପ୍ରତିଶ୍ରୁତି ଦେବା ସହିତ ପୁସ୍ତକମେଳାର ସଫଳତା ନିମନ୍ତେ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ପରିଷଦର କୋଷାଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ପୂର୍ବ ବର୍ଷ ପୁସ୍ତକ ମେଳାର ଆୟବ୍ୟୟ ବିବରଣୀ ପାଠ କରିବା ସହ ଆଗାମୀ ୨୬ ତମ ପୁସ୍ତକମେଳାର ସମ୍ଭାବ୍ୟ ଖର୍ଚ୍ଚ ଓ ଆୟ ଅଟକଳ ଉପସ୍ଥାପନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସମ୍ପିତ ରାଉତ, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଉପାଧକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ନରେଶ ଦାସ ପ୍ରମୁଖ ଉପସ୍ଥିତ ରହି ଆଗାମୀ ପୁସ୍ତକମେଳାକୁ କିପରି ସରସ ସୁନ୍ଦର ହୋଇପାରିବ ସୁଚିନ୍ତିତ ମତାମତ ଦେଇଥିଲେ। ୨୬ ତମ ପୁସ୍ତକ ମେଳାକୁ ସରସ ସୁନ୍ଦର କରିବା ପାଇଁ ପରିଷଦର ଅଧକ୍ଷ ଓ ସଭ୍ୟମାନେ ନୂତନ ପ୍ରସ୍ତାବ ମାନ ରଖିଥିଲେ । ଆପଣଙ୍କ ଲେଖକଙ୍କୁ ଭେଟନ୍ତୁ, ବ୍ୟଙ୍ଗ ସମ୍ମିଳନୀ, ଷ୍ଟଡି ଜୋନ୍ କରାଯିବା ପାଇଁ ସ୍ଥିର କରାଯାଇଥିଲା । ଏହା ସହିତ ସ୍ୱତନ୍ତ୍ର ଭାବରେ ଗୋଟିଏ ଦିନ ପାଇଁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ୨ଟି ପର୍ଯ୍ୟାୟରେ ମିଡିଆ କନ୍‌କ୍ଲେଭ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏହି ମିଡିଆ କନ୍‌କ୍ଲେଭରେ ରାଜ୍ୟ ଓ ରାଜ୍ୟ ବାହାରରୁ ବହୁ ବରିଷ୍ଠ ସାମ୍ବାଦିକ ମାନଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର କରାଯାଇଥିଲା ।ଏହା ସହିତ ୨୬ତମ ପୁସ୍ତକ ମେଳାର ସ୍ମରଣୀକା ପାଇଁ ଆଗାମୀ ଜାନୁଆରୀ ମାସ ୭ ତାରିଖ ମଧ୍ୟରେ ଲେଖା ପଠାଇବାକୁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚି ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିଲେ ।ପରିଷଦର ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପାଧକ୍ଷ ବିଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣୀବିହାର ୮୦ର ବାର୍ଷିକ ସାଧାରଣ ଅଧିବେଶନ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବ୍ରାହ୍ମଣଝରିଲୋ ନିକଟସ୍ଥ ଏକ କୃଷି ଉଦ୍ୟାନରେ ବାଣୀବିହାର ୮୦ ସଂଗଠନର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶହେରୁ ଅଧିକ ସଭ୍ୟସଭ୍ୟା ଯୋଗଦାନ କରିଥିଲେ । ସଭ୍ୟ ଡଃ ଅଜୟ ମିଶ୍ରଙ୍କ ଦ୍ୱାରା ସମ୍ପାଦିତ ସ୍ମରଣିକା ଏହି ଅଧିବେଶନରେ ଉନ୍ମୋଚିତ ହୋଇଥିଲା । ସଭ୍ୟ କବି ଅଲେଖ ନନ୍ଦୀଙ୍କ ଲିଖିତ ଏକ କବିତା ପୁସ୍ତକ ନିମ୍ନଗା ମଧ ପାଠକାର୍ପିତ ହୋଇଥିଲା । ସଭାପତି ଶରତ ଦାଶଙ୍କ ଇସ୍ତଫା ପରିପ୍ରେକ୍ଷୀରେ ନୂତନ ସଭାପତି ଭାବେ ଡ଼ଃ ପ୍ରତାପ ମିଶ୍ର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ବାଣୀବିହାର ୮୦ ଆଗାମୀ ଦିନରେ ଏହାର ସମାଜସେବା କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସମ୍ପାଦକ ଶ୍ରୀ ଆଶୁତୋଷ ଦାଶ ପ୍ରକାଶ କରିଛନ୍ତି ।

# ୩ଟି ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଷଷ୍ଠ ରାଜ୍ୟ ପୁସ୍ତକ ମେଳାର ଏକାଦଶ ଦିନରେ ପକ୍ଷୀଘର ପ୍ରକାଶନୀ ପକ୍ଷରୁ ତିନୋଟି ପୁସ୍ତକ ଉନ୍ମୋଚିତ ହୋଇଛି। ଦୁର୍ଗାଚରଣ ଷଡ଼ଙ୍ଗୀଙ୍କ କବିତା ପୁସ୍ତକ 'ଛଳ', ଡା. ବିଶ୍ୱମ୍ଭର ଦାସଙ୍କ ଗଳ୍ପ ପୁସ୍ତକ 'ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ', ଡ. କିଶୋର ଚନ୍ଦ୍ର ଦାଶଙ୍କ ଗଳ୍ପ ପୁସ୍ତକ 'କିଛି ଗପ କିଛି କଥା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଅତିଥି ଭାବେ କବି ପ୍ରଶାସକ ରଞ୍ଜନ କୁମାର ଦାସ, କଥାଶିଳ୍ପୀ ଅଜୟ ସ୍ୱାଇଁ, ସ୍ତମ୍ଭକାର ଶ୍ରୀରାମ ଦାଶ, କଥାଶିଳ୍ପୀ ଅରବିନ୍ଦ ରାୟ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଲେଖକଙ୍କ ପୁସ୍ତକ ବିଷୟରେ ବକ୍ତବ୍ୟ ରଖିଥିଲେ । ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ ପରିଚାଳନା କରିଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୮।୧୨।୨୦୨୪, ପୌଷ ଦି୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୧୫।୨୫** **ଚନ୍ଦ୍ରୋଦୟ- ରାଘ ୮।୧୦।୧୦**

**ତୃତୀୟା-** ଦିଘ ୧୦।୦୬ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ରାଘ ୧।୦୧ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୧୦।୦୬ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୧୯ ଗତେ ଘ ୮।୨୯ ମଧ୍ୟେ । ଦିଘ ୧।୩୧ ଗତେ ଦିଘ ୩।୪୧ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ। ଶତ୍ରୁ ଆପଣଙ୍କ ଠାରୁ ପରାସ୍ତ ହେବେ । ପ୍ରଚୁର ଧନର ଅଧିକାରୀ ହେବେ । ଶୁଭ ଖବର ପାଇ ଆନନ୍ଦିତ ହେବେ । ପରିବାରରେ ସାମାନ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହେବ ।



**ବୃଷ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ଆୟରେ ଉନ୍ନତି ଦେଖାଦେବ । ଯାନବାହାନ କ୍ରୟ କରିପାରନ୍ତି । ଦୂରଯାତ୍ରାରେ ସଫଳତା ହାସଲ ହେବ । ଘରେ ଆନନ୍ଦ ଲାଭ ହେବାର ସୂଚନା ମଧ ମିଳୁଛି ।



**ମିଥୁନ:** କର୍ମକ୍ଷେତ୍ରରେ ଉପରିସ୍ଥ କର୍ମକର୍ତ୍ତାଙ୍କ ସହଯୋଗ ଲାଭ କରିବେ । ଲାଭର ପରିମାଣ ବଢ଼ିବ । ରୋଜଗାରର ପରିମାଣ କମିବ । ମହିଳାମାନେ ସ୍ୱାର୍ଥପର ହେବେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଶୁଭ ଖବର ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଘରେ ଆନନ୍ଦ ଦେଖାଦେବ ।



**ସିଂହ:** ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଦୟାଳୁ ହେବେ । ପରିବାରରେ ସମସ୍ୟା ହେତୁ ଚିନ୍ତା ଦେଖାଦେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ମାଲିମୋକଦ୍ଦମାରେ ସଫଳତା ହାସଲ ହେବ ।



**କନ୍ୟା:** ଆୟର ପରିମାଣ ବଢ଼ିବ । ଚାକିରୀ କ୍ଷେତ୍ରରେ ସଫଳତା ହାସଲ ହେବ । ଦେହ ଓ ମନ ଭଲ ରହିବ । ବନ୍ଧୁ ଦର୍ଶନର ସୁଯୋଗ ସୃଷ୍ଟି ହେବ । ପ୍ରତୀକ୍ଷିତ ଶୁଭ ଖବରଟି ଅପରାହ୍ନେ ପ୍ରାପ୍ତ ହେବାର ସୂଚନା ।



**ତୁଳା:** ମନରେ ପ୍ରସନ୍ନ ଜାତ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ଲୋକପ୍ରିୟତା ହାସଲ ହେବ। ରୋଜଗାର ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ପରିଶ୍ରମର ପରିମାଣ ବଢ଼ିବ ।



**ବିଛା:** ପାରିବାରିକ ଆଦର ସମ୍ମାନ ଲାଭ ହେବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ଅଳସୁଆମିରେ କାର୍ଯ୍ୟ ନାଶ ହେବାର ସମ୍ଭାବନା । ଖର୍ଚ୍ଚର ପରିମାଣ ଅଧିକ ହେବ । ପାରିବାରିକ ଶାନ୍ତି ଲାଭ ହେବ ।



**ଧନୁ:** କର୍ମକ୍ଷେତ୍ରରେ ମାନମନାନ୍ତର ଦେଖାଦେବାର ସୂଚନା । ଧନ କ୍ଷୟର ସୂଚନା । ଶାରୀରିକ ସୁସ୍ଥତା ଅନୁଭବ କରିବେ । ବନ୍ଧୁ ଦର୍ଶନର ସୁଯୋଗ ଲାଭ । ସୌଖିନ୍ୟ ଦ୍ରବ୍ୟ କ୍ରୟ କରିପାରନ୍ତି । ମହିଳାମାନେ ସୁଖୀ ହେବେ ।



**ମକର:** ଆଜି ଆପଣଙ୍କର ଦିନଟି ଆନନ୍ଦ ଉତ୍ସବରେ କଟିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରି ଉପକୃତ ହେବେ ।



**କୁମ୍ଭ:** ଦୁଃସାହସିକ କାର୍ଯ୍ୟରେ କୃତକାର୍ଯ୍ୟ ହେବେ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଓ ମନ ଭଲ ରହିବାର ସୂଚନା । ଦୟାଳୁ ହେବେ ।



**ମୀନ:** କର୍ମକ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିବେ । କୁଟୁମ୍ବେ କଳହ ଦେଖାଦେବାର ସୂଚନା । ସମ୍ମାନ ଉପରେ ଆଞ୍ଚ ଆସିପାରେ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଆୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୯।୧୨।୨୦୨୪, ପୌଷ ଦି୪ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୬।୧୫।୫୭** **ଚନ୍ଦ୍ରୋଦୟ- ରାଘ ୯।୦୬।୨୩**

**ଚତୁର୍ଥୀ-** ଦିଘ ୧୦।୦୪ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ରାଘ ୨।୦୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । ରାଘ ୨।୦୧ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୨।୦୧ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧୦।୦୪ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୦ ଗତେ ଘ ୭।୪୬ ମଧ୍ୟେ । ସନ୍ଧ୍ୟା ଘ ୬।୦୧ ଗତେ ରାଘ ୯।୩୨ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

## ଗ୍ରାମାଞ୍ଚଳରେ ଖର୍ଚ୍ଚ ୨୯୫୦ ଟଙ୍କା ମୁଣ୍ଡପିଛା ଖର୍ଚ୍ଚ

ରାଜ୍ୟର ଗ୍ରାମାଞ୍ଚଳ ଅଧିବାସୀଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା। ଅର୍ଥାତ୍ ସେମାନେ ଦିନକୁ ୯୮ ଟଙ୍କା ୩୩ ପଇସାରେ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ସହରାଞ୍ଚଳ ଅଧିବାସୀଙ୍କ ମାସିକ ହାରାହାରି ଖର୍ଚ୍ଚ ୫୧୮୭ ଟଙ୍କା ରହିଛି। ସେମାନେ ଦୈନିକ ୧୭୨ ଟଙ୍କା ୯୦ ପଇସା ଖର୍ଚ୍ଚ କରୁଛନ୍ତି। ତେବେ ଏହି ଖର୍ଚ୍ଚରେ ଓଡ଼ିଶା ବହୁ ରାଜ୍ୟ ଏବଂ ଜାତୀୟ ହାରଠାରୁ ପଛରେ ରହିଛି। ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ମାସିକ ହାରାହାରି ଖର୍ଚ୍ଚ ୩୭୭୩ ଟଙ୍କା ଥିବା ବେଳେ ସହରାଞ୍ଚଳରେ ତାହା ୬୪୫୯ ଟଙ୍କା ରହିଛି। ଏହା ପୂର୍ବରୁ ଆସିଥିବା ସର୍ବେକ୍ଷଣ ରିପୋର୍ଟ ୨୦୧୧-୧୨ରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୧୦୦୩ ଟଙ୍କା ଏବଂ ସହରାଞ୍ଚଳରେ ୧୯୪୧ ଟଙ୍କା ଥିଲା। ୧୦ ବର୍ଷ ଭିତରେ ଗ୍ରାମାଞ୍ଚଳରେ ଲୋକମାନଙ୍କ ହାରାହାରି ବ୍ୟୟରେ ୧୯୪୭ ଟଙ୍କାର ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳରେ ୩୨୪୬ ଟଙ୍କା ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପାରିବାରିକ ଉପଯୋଗିତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୨-୨୩ ରିପୋର୍ଟ ଅନୁଯାୟୀ କେବଳ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍ ରହିଛି। ସହରାଞ୍ଚଳ ବ୍ୟୟରେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ, ମଣିପୁର ଓ ଝାଡ଼ଖଣ୍ଡରେ ମାସିକ ମୁଣ୍ଡପିଛା ବ୍ୟୟ ୬୦୦୦ ଟଙ୍କାରୁ କମ୍ ରହିଛି। ଏହି ସମସ୍ତ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଜାତୀୟ ହାରଠାରୁ ଖରାପ ରହିଛି। ରିପୋର୍ଟକୁ ନିରେଖି ଦେଖିବା ପରେ ଜଣାପଡ଼ିଛି ଯେ ମଣିପୁରର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ସର୍ବାଧିକ ୭୭୩୧ ଟଙ୍କା ରହିଛି। ଏହା ବ୍ୟତୀତ ଆଣ୍ଡାମାନ ଓ ନିକୋବର, ଚଣ୍ଡିଗଡ଼, ସିକିମ୍ ଓ ଗୋଆରେ ତାହା ୭୦୦୦ ଟଙ୍କାରୁ ଅଧିକ ରହିଛି। ସହରାଞ୍ଚଳରେ ମାସିକ ମୁଣ୍ଡପିଛା ହାରାହାରି ବ୍ୟୟ କ୍ଷେତ୍ରରେ ୧୨,୫୭୫ ଟଙ୍କା ସହ ଚଣ୍ଡିଗଡ଼ ଶୀର୍ଷରେ ଥିବା ବେଳେ ସିକିମ୍ରେ ତାହା ୧୨,୧୦୫ ଟଙ୍କା ରହିଛି। ଏହି ସର୍ବେକ୍ଷଣ ଲାଗି ଓଡ଼ିଶାର ଗ୍ରାମାଞ୍ଚଳରୁ ୬୭୩୨ ଓ ସହରାଞ୍ଚଳରୁ ୨୫୪୩ ପରିବାରକୁ ନମୁନା ଭାବେ ଗ୍ରହଣ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ୨୦୧୧-୧୨ର ସର୍ବେକ୍ଷଣ ତୁଳନାରେ ରାଜ୍ୟର ସ୍ଥିତିରେ ଉନ୍ନତି ହୋଇଛି। ପୂର୍ବରୁ ଏହା ସବା ତଳେ ଥିଲା। ଏବେ ତଳ ଆଡୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଯଦି ମୁଦ୍ରାସ୍ଫୀତି ହାର ବିଚାରକୁ ନିଆଯିବ ତେବେ ରାଜ୍ୟର ଗ୍ରାମାଞ୍ଚଳରେ ମୁଣ୍ଡପିଛା ମାସିକ ହାରାହାରି ଖର୍ଚ୍ଚ ୧୦୦୦ ଟଙ୍କା ପାଖାପାଖି ବଢ଼ିଛି ବୋଲି କୁହାଯାଇପାରିବ। ଏହି ରିପୋର୍ଟରୁ ଜଣାପଡୁଛି ଯେ ଲୋକମାନେ ଖାଦ୍ୟ ଉପରେ କମ୍ ଖର୍ଚ୍ଚ କରୁଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)

(କ୍ରମଶଃ)

# ବର୍ଣ୍ଣସଙ୍କର



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

କୁଳ ପରମ୍ପରାରେ ଚଳିଆସିଥିବା ମର୍ଯ୍ୟାଦାପୂର୍ଣ୍ଣ କାର୍ଯ୍ୟ ସବୁ ସୁରକ୍ଷିତ ରହିଲେ ସେହି କୁଳର ସ୍ତ୍ରୀ ଏବଂ ପୁରୁଷମାନଙ୍କ ମଧ୍ୟରେ ଅଧର୍ମ ପ୍ରବେଶ କରିପାରେ ନାହିଁ ଯାହାକୁ କି କୁଳ ମର୍ଯ୍ୟାଦା ବା ସନାତନ କୁଳ ଧର୍ମ କୁହାଯାଏ। କୁଳ ଧର୍ମ ଜାଣିଥିବା ବୃଦ୍ଧମାନଙ୍କର ଦେହାନ୍ତ ହେବାପରେ ପରବର୍ତ୍ତୀ ବଂଶଧରମାନେ ଏପରି କୁଳଧର୍ମକୁ ରଖିପାରନ୍ତି ନାହିଁ। ତେଣୁ ଧର୍ମ ନାଶ ହୋଇଯିବା ସହିତ ପାପ ଭାଗ ବିସ୍ତାରିତ ହୋଇଥାଏ। ତେବେ ଏପରି ଅଧର୍ମକୁ ଏଡ଼ାଇବାକୁ ହେଲେ ପ୍ରଥମେ ମନରେ ଆଣିବାକୁ ହେବ (୧) ଈଶ୍ୱର ଭୟ, (୨) ଶାସ୍ତ୍ର ଅନୁମୋଦିତ ଶାସନ, (୩) କୁଳ ମର୍ଯ୍ୟାଦା ବୁଡ଼ିଯିବାର ଭୟ, (୪) ପ୍ରଚଳିତ ସାମାଜିକ ନିୟମ ଓ (୫) ଶାରୀରିକ ତଥା ଆର୍ଥିକ ଅନିଷ୍ଟର ଆଶଙ୍କା।

ଏହିସବୁ ମଧ୍ୟରେ ଈଶ୍ୱର ଏବଂ ଶାସ୍ତ୍ରକୁ ସତ୍ୟ ବୋଲି କୁହାଗଲେ ମଧ୍ୟ ତାହା କେବଳ ଶ୍ରଦ୍ଧା ଉପରେ ନିର୍ଭର କରିଥାଏ। ରାଜ୍ୟ ଶାସନ ଥାଏ ପ୍ରଜା ପାଳନ ନିମନ୍ତେ ଉଦ୍ଦିଷ୍ଟ। ମାତ୍ର ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରନ୍ତି ସେପରି ନିୟମକୁ ସେମାନେ ନିଜ ପ୍ରତି ଲାଗୁ କରାଇନଥାନ୍ତି। ସେହିଭଳି ଶାରୀରିକ ଓ ଆର୍ଥିକ କଷ୍ଟର ଆଶଙ୍କା କେବଳ ବ୍ୟକ୍ତିଗତ ଭାବରେ ରହିଥାଏ। କୁଳ ମର୍ଯ୍ୟାଦା ବା ସମ୍ମାନକୁ କୁଟୁମ୍ବର ଲୋକମାନେ ହିଁ କେବଳ ବଞ୍ଚାଇ ରଖିଥାନ୍ତି। ଯେଉଁଠାରେ ଏପରି ପରମ୍ପରା ନଷ୍ଟ ହୋଇଯାଏ ସେତେବେଳେ ସେଠାରେ କୁଳ ଯଥେଚ୍ଛାଚାରୀ ହୋଇଯିବା ସହିତ ସେମାନଙ୍କ ମନରେ ଭରିଯାଏ ଉଚ୍ଛୃଙ୍ଖଳତା। ଏପରି ଦେଖାଦେଲେ ସବୁଆଡ଼େ ପାପ ବିସ୍ତାରିତ ହୋଇଥାଏ। ପୁଣି ଏପରି ପାପ ବିସ୍ତାରିତ ହେଲେ ବଂଶର ଅବସ୍ଥା କ'ଣ ହୋଇଥାଏ ତାହା ଶ୍ରୀମଦ୍ଭଗବଦ୍ ଗୀତାର ୪୧ ଶ୍ଳୋକରେ ବର୍ଣ୍ଣିତ ହୋଇଛି।

**ଅଧର୍ମାଭିଭବାତ୍କୃଷ୍ଣ ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ।**
**ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ॥ ॥୪୧॥**

କୁଳ ଧର୍ମ ନଷ୍ଟ ହୋଇଗଲେ ପରିବାରର ପ୍ରତ୍ୟେକ ସ୍ତ୍ରୀ, ପୁରୁଷ ଉଚ୍ଛୃଙ୍ଖଳ ହୋଇ ଅଧର୍ମ କାମରେ ଆଗେଇ ଯାଇଥାନ୍ତି। ଏହିଭଳି ଭାବରେ ପାପର ଭାଗିଦାର ହେଲେ ବଂଶ ମର୍ଯ୍ୟାଦାର କୌଣସି ମୂଲ୍ୟ ରହେନାହିଁ। ସେପରି ମର୍ଯ୍ୟାଦାକୁ ପାଳନ କରିବା ତ ଦୂରର କଥା ମାତ୍ର ତାହା ଜାଣିବାକୁ କେହି ଚେଷ୍ଟା ବି କରନ୍ତି ନାହିଁ। ଯଦି ଏପରି କଥାର ସୂଚନା କେହି ହେଜେଇ ଦେଇଥାଏ ସେମାନେ ତାହାକୁ ଥଟ୍ଟା ପରିହାସରେ ଉଡ଼େଇ ଦିଅନ୍ତି। ପତ୍ନୀବ୍ରତା କଥା ବିଚାରକୁ ଭୁଲିଯାଇ ସ୍ତ୍ରୀ ଲୋକମାନେ ବିଭିନ୍ନ ବର୍ଣ୍ଣର ପୁରୁଷମାନଙ୍କ ସହିତ ସଂଯୋଜିତ ହେବା ଫଳରେ ସେମାନଙ୍କଠାରୁ ଜନ୍ମିତ ସନ୍ତାନମାନେ ହିଁ ହୁଅନ୍ତି ବର୍ଣ୍ଣସଙ୍କର। ଯାହାକୁ ଅନ୍ୟ ଅର୍ଥରେ ଜାରଜ କୁହାଯାଏ। କୁଳ ସମ୍ମାନ ପ୍ରତି ସେମାନଙ୍କର ମନ ଆଦୌ ନଥାଏ। ବର୍ଣ୍ଣସଙ୍କରମାନଙ୍କର ଜନ୍ମ ହେଲେ ସମାଜରେ କିଭଳି ପ୍ରକାରର ପରିସ୍ଥିତି ଉପୁଜିଥାଏ ତାହା ଗୀତାର ପ୍ରଥମ ଅଧ୍ୟାୟ ୪୨ ଶ୍ଳୋକରେ ଉଲ୍ଲେଖ ରହିଛି।

**ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ**
**ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ॥ ।୪୨।**

ଜନ୍ମ ନେବାପରେ ସେମାନଙ୍କର ପ୍ରତିଟି କାର୍ଯ୍ୟ ଏକ ପ୍ରତିଷ୍ଠିତ କୁଳକୁ ପାପ ବା ନରକ ଆଡ଼କୁ ନେଇଯାଇଥାଏ। ସେମାନେ ପିତୃପୁରୁଷ ବା ବଂଶରେ ପୂର୍ବରୁ ଅଧିଷ୍ଠିତ ଥିବା ବ୍ୟକ୍ତିମାନଙ୍କୁ ଶ୍ରାଦ୍ଧ ଦିଅନ୍ତି ନାହିଁ। ପିଣ୍ଡ ଓ ଜଳଦାନ କ୍ରିୟା ନ କରିବାରୁ ସେହି କୁଳର ପିତୃଲୋକମାନେ ଶ୍ରାଦ୍ଧ ତର୍ପଣରୁ ବଞ୍ଚିତ ହୁଅନ୍ତି ଓ ସେମାନଙ୍କର ଅଧୋଗତି ହୋଇଥାଏ। ଯେଉଁମାନେ ସର୍ବଦା ଯୁଦ୍ଧ ପ୍ରବୃତ୍ତିରେ ବୁଡ଼ି ରହି ନିଜ କୁଳ ବା ବଂଶର ଲୋକମାନଙ୍କ ସଂହାରର କାରଣ ହୋଇଥାନ୍ତି ସେମାନଙ୍କୁ କୁହାଯାଏ କୁଳ ନାଶକାରୀ। କୁଳଶ୍ୟ ପଦ ସହିତ ଚ ଅବ୍ୟୟ ପ୍ରୟୋଗ କରି କୁହାଯାଇପାରେ ଯେ ବର୍ଣ୍ଣସଙ୍କରମାନଙ୍କର ସନ୍ତାନ କେବଳ ସେହି କୁଳ ନାଶକାରୀମାନଙ୍କୁ ନରକରେ ପହଞ୍ଚାଇବାର କାରଣ ନ ହୋଇ ବରଂ ସମସ୍ତ କୁଳକୁ ମଧ୍ୟ ସେଠାକୁ ନେଇଯାଇଥାନ୍ତି। ପିଣ୍ଡ ଏବଂ ଜଳ ଦାନ କ୍ରିୟା ଲୋପ ହୋଇଯିବା ବା ନ କରିବାରୁ ପିତୃଲୋକମାନଙ୍କର ଅଧୋଗତି ହୋଇଥାଏ ବୋଲି ଯାହା ଉଲ୍ଲେଖ ଅଛି ତାହାହେଲା ଶ୍ରାଦ୍ଧରେ ପିଣ୍ଡ ଦାନ କରିବା ଓ ପିତୃଗଣଙ୍କ ନିମନ୍ତେ ଯେଉଁ ବ୍ରାହ୍ମଣ ଭୋଜନାଦି କରାଇବା ସହିତ ତର୍ପଣରେ ଆଞ୍ଜୁଳା ଭରି ଯେପରି ଜଳ ଦିଆଯାଏ ତାହାକୁ ହିଁ ଉଦକ କ୍ରିୟା କହିଥାନ୍ତି। ତେଣୁ ପିଣ୍ଡ ଏବଂ ଉଦକ ମିଶିଲେ ତାହାକୁ ପିଣ୍ଡୋଦକ କ୍ରିୟା କୁହାଯାଏ। ଏହାକୁ ହିଁ କୁହାଯାଏ ଶ୍ରାଦ୍ଧ ତର୍ପଣ। କୁଳ ମର୍ଯ୍ୟାଦାକୁ ସମ୍ମାନ ଦେଉଥିବା ପରିବାରର ଲୋକେ ଶ୍ରାଦ୍ଧ ତର୍ପଣ କରିଥାନ୍ତି। ମାତ୍ର କୁଳରେ ଧର୍ମ ନଷ୍ଟ ହୋଇଥିବା ହେତୁ ଯେଉଁ ବର୍ଣ୍ଣସଙ୍କରମାନେ ଜନ୍ମ ନେଇଥାନ୍ତି ସେମାନେ ଶ୍ରାଦ୍ଧ ତର୍ପଣ କ୍ରିୟା ଜାଣନ୍ତି ନାହିଁ ବା କେହି ବତାଇଲେ ତାହା କରିବାକୁ ପ୍ରସ୍ତୁତ ହୋଇନଥାନ୍ତି।

ଏହିପରି ପିତୃପୁରୁଷମାନେ ବଂଶର ସନ୍ତାନମାନଙ୍କଦ୍ୱାରା ଜଳଦାନ ନ ପାଇଲେ ସେମାନଙ୍କର ପତନ ହୋଇଥାଏ। ବର୍ଣ୍ଣସଙ୍କରମାନଙ୍କର ଦୋଷ ଯୋଗୁ ଯେଉଁଭଳି କ୍ଷତି ହୋଇଥାଏ ତାହା ମଧ୍ୟ ଗୀତାର ସେହି ପ୍ରଥମ ଅଧ୍ୟାୟର ୪୩ ଶ୍ଳୋକରେ ବର୍ଣ୍ଣିତ ହୋଇଛି।

**ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ।**
**ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ॥ ।୪୩।**

ବର୍ଣ୍ଣସଙ୍କରମାନଙ୍କର ଦୋଷ ବର୍ଣ୍ଣନାରେ କୁହାଯାଇଛି ଯେ ତାହା ଥାଏ ଚାରି ପ୍ରକାର। (୧) କୁଳନାଶ, (୨) କୁଳ ନାଶରୁ ଧର୍ମ ନାଶ, (୩) ପାପର ବୃଦ୍ଧି ଓ (୪) ପାପ ବୃଦ୍ଧିଦ୍ୱାରା କୁଳ ସ୍ତ୍ରୀମାନେ ବ୍ୟଭିଚାରିଣୀ ବା ଦୂଷିତା ହୁଅନ୍ତି। ସେପରି ବୃଦ୍ଧିରେ କୁଳ ସ୍ତ୍ରୀମାନଙ୍କର ବ୍ୟଭିଚାରିତା ବଢ଼ିବା ଇତ୍ୟାଦି ଚାରିଗୋଟି ଦୋଷରୁ ବର୍ଣ୍ଣସଙ୍କରମାନଙ୍କର ଜନ୍ମ ହୋଇଥାଏ। ସନାତନ କୁଳ ଓ ଜାତିଧର୍ମ ମଧ୍ୟରେ ପ୍ରଭେଦ କଣ ଓ ଏହିସବୁ ଦୋଷ ଦ୍ୱାରା କୁଳ ନାଶ କିପରି ହୁଏ ତାହା ଉପରେ ମଧ୍ୟ ପ୍ରଶ୍ନ ଆସିପାରେ। ପୂର୍ବରୁ ଆଲୋଚନା ହୋଇଛି ଯେ କୁଳ ଓ ଜାତି ଧର୍ମନାଶଦ୍ୱାରା ବଂଶରେ ସଦାଚାର ରହିନଥାଏ। ବଂଶ ମର୍ଯ୍ୟାଦାର ନାମ ହେଉଛି ସନାତନ କୁଳ ଧର୍ମ। ଏହି ଅଧ୍ୟାୟର ୪୦ ଶ୍ଳୋକରେ ଏହା ସହିତ ସନାତନାଃ ବିଶେଷଣ ଦିଆଯାଇ ଶାଶ୍ୱତାଃ ବିଶେଷଣର ପ୍ରୟୋଗ କରାଯାଇଛି। ବେଦଶାସ୍ତ୍ରୋକ୍ତ 'ବର୍ଣ୍ଣଧର୍ମ' ହିଁ ଜାତିଧର୍ମ। କୁଳର ମର୍ଯ୍ୟାଦା ସହ ତାକୁ ଆଚରଣରେ ଦେଖାଉଥିବା ବୟୋବୃଦ୍ଧମାନଙ୍କର ତିରୋଧାନ ପରେ କୁଳଧର୍ମ ନଷ୍ଟ ହୋଇଯିବା କଥା ପୂର୍ବରୁ କୁହାଯାଇଛି। ଏଥିରେ ବର୍ଣ୍ଣସଙ୍କରମାନଙ୍କର ଦୋଷ ବଢ଼ିଯିବା ସହିତ ଜାତିଧର୍ମ ମଧ୍ୟ ନଷ୍ଟ ହୋଇଯାଏ। ବିଭିନ୍ନ ଜାତିର ସଂଯୋଗରେ ଜନ୍ମ ନେଇଥିବା ସଙ୍କର ସନ୍ତାନମାନଙ୍କଠାରେ ବର୍ଣ୍ଣ ଧର୍ମ ରହିପାରେ ନାହିଁ। ଯାହାଫଳରେ ବଂଶର ଗୌରବ ମଧ୍ୟ ଧ୍ୱଂସ ପ୍ରାପ୍ତ ହୁଏ। ତେଣୁ ଏହି ବର୍ଣ୍ଣସଙ୍କରମାନେ କୁଳଧର୍ମ ବିନାଶର ହୋଇଥାନ୍ତି ପ୍ରକୃତ କାରଣ। କୁଳ ଏବଂ ଜାତିଧର୍ମ କିଭଳି କ୍ଷତି ହୁଏ ତାହା ଗୀତାର ସେହି ଅଧ୍ୟାୟରେ ଥିବା ୪୪ ଶ୍ଳୋକରେ କୁହାଯାଇଛି।

**ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ।**
**ନରକେଽନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ॥ ॥୪୪॥**

ଯେଉଁମାନଙ୍କର କୁଳଧର୍ମ ନଷ୍ଟ ହୋଇଯାଇଛି ସେମାନେ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ନରକରେ ରହିଥାନ୍ତି। ତାହା ଥାଏ ଦୀର୍ଘକାଳ ଓ ସେ ସବୁକୁ କୁମ୍ଭିପାକ ଓ ରୌରବ ଆଦି ଯମ ଯନ୍ତ୍ରଣା କହିଥାନ୍ତି। ତେଣୁ ପରମ୍ପରାଗତ ଧର୍ମରୁ ବିଚ୍ୟୁତ ହେଲେ ସେହିସବୁ ନର୍କକୁ ଭୋଗ କରିବା ନିଶ୍ଚିତ ଥାଏ। ସେଥିପାଇଁ କୁଳ ଧର୍ମକୁ ନଷ୍ଟ କରିଦେବାକୁ ଆଦୌ ଚେଷ୍ଟା କରିବା ଉଚିତ ନୁହେଁ।

ବର୍ତ୍ତମାନର ସମାଜରେ ଏହିସବୁ ପ୍ରତି ଭୃକ୍ଷେପ ନକରି ଯିଏ ଯାହା ଇଚ୍ଛା ତାହା କରିଚାଲିଛନ୍ତି। ଯାହାଫଳରେ ସମାଜରେ ଧର୍ମଗ୍ରନ୍ଥମାନଙ୍କରେ ଲେଖାଥିବା ଉପଦେଶମାନଙ୍କ ପ୍ରତି ବିତୃଷ୍ଣା ଦେଖାଯାଉଛି। ବ୍ୟଭିଚାର, ମିଥ୍ୟା, ପରଶ୍ରୀକାତରତା, ପରସ୍ତ୍ରୀକୁ ପ୍ରଲୋଭିତ କରି ସଂଭୋଗ କରିବା, ଅନ୍ୟର ଅନିଷ୍ଟ ଚିନ୍ତା, କୌଣସି ଲୋଭ ନ ଥାଇ ମିଥ୍ୟା କହି ଅନ୍ୟକୁ ଉଦ୍ଦେଶ୍ୟ ମୂଳକ ଭାବରେ ଲାଞ୍ଛିତ କରିବା ଇତ୍ୟାଦି ଥାଏ ସମାଜ ଅଧୋପତନର ପରୋକ୍ଷ କାରଣ। ଯେଉଁମାନେ ଏପରି କାର୍ଯ୍ୟ କରି ଭାବିଥାନ୍ତି ଯେ ସେମାନେ ବହୁ ଭଲ କାମ କରୁଛନ୍ତି। ତାହା କେବଳ ଔଦ୍ଧତ୍ୟ ଓ ମନ୍ଦ ବୁଦ୍ଧିର ପରିଚୟ।

ଏହିସବୁ କାର୍ଯ୍ୟର ପ୍ରୋତ୍ସାହନ ଦେବାରେ ଭାଟଗିରି ବର୍ତ୍ତମାନର ସମାଜରେ ବେଶ୍ ଉଜ୍ଜିବିତ। ଏହି କୁଳନାଶକାରୀ ବର୍ଣ୍ଣସଙ୍କରମାନଙ୍କର ଭାଟଗିରି ଏଭଳି ଭାବରେ ଗତି କରୁଛି ଯେ ସାଧାରଣ ଲୋକେ ସେଥିରେ ଅତ୍ୟନ୍ତ ଅଥୟ ହେବାସହ ସମାଜରେ ଭ୍ରଷ୍ଟାଚାର ବି ବଢ଼ିଯାଉଛି। କୌଣସି ରାଜକୀୟ ଲୋକଙ୍କଠାରୁ ସୁବିଧା ହାସଲ ପାଇଁ ଏହା ହିଁ ହେଉଛି ବର୍ତ୍ତମାନର ମାଧ୍ୟମ।

ବ୍ୟକ୍ତି ଚରିତ୍ରରେ ପରର ନିନ୍ଦା କରିବା ସହିତ ଅନ୍ୟକୁ ଖୋସାମତ କରିବା, ତାହାର ପ୍ରଶଂସା କରି କାର୍ଯ୍ୟ ହାସଲ କରିବା ଇତ୍ୟାଦି ଅକ୍ଷମଣୀୟ ଅପରାଧ। ପ୍ରଶଂସିତ ହେଉଥିବା ଲୋକଟି ଜାଣିବାର ଅଛି ଯେ ଯେଉଁ ବ୍ୟକ୍ତିଟି ତାଙ୍କୁ ପ୍ରଶଂସା କରୁଛି, ସେ କେଉଁ ଶ୍ରେଣୀର, ତାର ବଂଶ ଓ ଆଭିଜାତ୍ୟ କଣ, ସମାଜ ପ୍ରତି ତାହାର କିଭଳି ବଦାନ୍ୟତା ରହିଛି ଇତ୍ୟାଦି ବହୁ କଥା। ମାତ୍ର ଏହାସବୁ ବିଚାରକୁ ନ ନେଇ ପ୍ରଶଂସା କରୁଥିବା ଭାଟଟିର କାର୍ଯ୍ୟଗୁଡ଼ିକୁ ଯଦି ଗ୍ରହଣ କରିନିଆଯାଏ ତେବେ ତାହା କେତେ ଭୟଙ୍କର ହେବ ତାହାର ବିଚାର କରିବାର କଥା ଓ ଏପରି ହେଲେ ସମାଜକୁ ଶୃଙ୍ଖଳିତ ବାଟରେ ଆଦୌ ନେଇ ହେବନାହିଁ। ଏଥିରେ ଏତିକି ମାତ୍ର କୁହାଯାଇପାରେ ଯେ ବର୍ଣ୍ଣସଙ୍କର ଭାଟମାନେ ଏହା ତ କରିବେ ମାତ୍ର ବିଚାରକର ବିଚାରର ସ୍ୱତନ୍ତ୍ରତା ରହିବାର ଆବଶ୍ୟକତା ରହିଛି।

ଦୃଷ୍ଟାନ୍ତସ୍ୱରୂପ ନିଜେ ଶିକ୍ଷାଦାନ ପାଇଥିବା ବିଦ୍ୟାଳୟର ଜଣେ ଗୁରୁଙ୍କର ସତେଇଶ ପୁରୁଷଙ୍କୁ, କଦର୍ଯ୍ୟ ଭାଷାରେ ଗାଳି ଦେଉଥିବା ତାଙ୍କର ଜଣେ ଶିକ୍ଷିତ ଶିଷ୍ୟ ସେହି ପରିବାର ସମ୍ମୁଖରେ ତାଙ୍କୁ ଶତ ପ୍ରଶଂସାରେ ପୋତି ପକାଉଥିବାର କାରନାମା ହିଁ ତାକୁ ପରିଚୟ କରାଇ ଦେଇଥାଏ ଯେ ସେ ବର୍ଣ୍ଣସଙ୍କର ଗୋତ୍ରୀୟ। ସମାଜରେ ନିଜ ପତିଆରାର ପ୍ରତିଷ୍ଠା ନିମନ୍ତେ ବିଭିନ୍ନ ଜନ୍ମଦିନଠାରୁ ତିରୋଧାନ ଦିବସମାନଙ୍କର ଉତ୍ସବମାନଙ୍କର ଆୟୋଜନ କରାଇ ସମ୍ପୃକ୍ତ ବଂଶର ପ୍ରୀତିଭାଜନ ହେଉଥିବାବେଳେ ଅନ୍ୟମାନଙ୍କ ଆଗରେ ସେମାନଙ୍କୁ କୁଭାଷାରେ ଗାଳିଦେବା କେତେ ଦୂର ସମୀଚିନ ତାହା ପାଠକମାନେ ବିଚାର କରିବେ। ଏହିଭଳି ଚରିତ୍ରମାନେ ବର୍ତ୍ତମାନ ସମାଜରେ ଏପରି ଆସ୍ଥାନ ମାଡ଼ି ବସିଛନ୍ତି ଯେ ସେମାନଙ୍କୁ ସେଥିରୁ ହଟାଇବା ଦୁରୂହ ବ୍ୟାପାର।

# ଯାଯାବରର ଡାଇରୀ-୬୫

## (ଦ୍ୱିତୀୟ ବିଦେଶ ଭ୍ରମଣ)

## (ବ୍ରଡଓ୍ୱେ ଥିଏଟର)



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ
ଆପାର୍ଟମେଣ୍ଟ, ନାଗେଶ୍ୱର
ଟାଙ୍ଗୀ, ଭୁବନେଶ୍ୱର
ମୋ-୯୪୩୯୭୧୯୮୫୭

ଯୁକ୍ତରାଷ୍ଟ୍ର ଆମେରିକାର ବିତ୍ତବଶାଳୀ ସହର ନ୍ୟୁୟର୍କରୁ, ବିଶ୍ୱର ସର୍ବଶ୍ରେଷ୍ଠ ରାଜଧାନୀ ଭାବେ ଗ୍ରହଣ କରାଯାଏ। ବିଶ୍ୱର ଅର୍ଥନୈତିକ, ବାଣିଜ୍ୟିକ, ସାଂସ୍କୃତିକ, ଯାନ୍ତ୍ରିକ ବିଜ୍ଞାନ, ଚିତ୍ତ ବିନୋଦନ, ଖବର ସଂପ୍ରସାରଣ ସହିତ ଶିକ୍ଷା ଓ ଗବେଷଣା କେନ୍ଦ୍ର ଭାବେ ପରିଚିତ ଏହି ପ୍ରାଚୀନ ତମ ସହରର ଅନ୍ୟତମ ଆକର୍ଷଣ ହେଲା "ବ୍ରଡଓ୍ୱେ ଥିଏଟର" ଯେଉଁଠାରେ ବର୍ଷ ତମାମ ନାଟକ ପ୍ରଦର୍ଶନ ହୁଏ। ନ୍ୟୁୟର୍କ ସହରର ଗୋଟିଏ ଗୁମ୍ଫା ରାସ୍ତା ଯାହାର ନାମ ବ୍ରଡଓ୍ୱେ। ଏହି ନାମର ଆଧାରରେ ୧୬୮୧ ମସିହାରେ ସ୍ଥାପିତ ହୋଇଥିଲା "ବ୍ରଡଓ୍ୱେ ଥିଏଟର"। ବର୍ତ୍ତମାନ ଏହି ଅନୁଷ୍ଠାନର ଶାଖା-ପ୍ରଶାଖା ନ୍ୟୁୟର୍କ ସହର ସହିତ ଯୁକ୍ତରାଷ୍ଟ୍ର ଆମେରିକା ବିଭିନ୍ନ ସହରରେ ପ୍ରତିଷ୍ଠିତ ହୋଇ ବର୍ଷସାରା ନାଟକ ପ୍ରଦର୍ଶନ କରିଥାଆନ୍ତି।

ବ୍ରଡଓ୍ୱେ ଥିଏଟରରେ ପ୍ରଦର୍ଶିତ ହେଉଥିବା ଅଧିକାଂଶ ନାଟକ ସଂଗୀତ ବହୁଳ। ଏହି ଶୈଳୀରେ ପ୍ରାୟୋଜିତ ନାଟକ ଗୁଡିକର ଚରମ ସଫଳତା ପଛରେ ରହିଛି ଆମେରୀକିୟ ଲୋକ ସଂଗୀତ ଓ ଲୋକବାଦ୍ୟର ସଫଳ ପ୍ରୟୋଗ। ହଲିଉଡ୍ର ଚଳଚିତ୍ର ଅପେକ୍ଷା, ବ୍ରଡଓ୍ୱେ ପ୍ରାୟୋଜିତ ନାଟକପ୍ରତି ଲୋକଙ୍କ ପ୍ରବଳ ଆଗ୍ରହ ଦୃଷ୍ଟିରୁ ବ୍ରଡଓ୍ୱେ ଥିଏଟର ଗ୍ରୁପ୍ର ୪୩ ଗୋଟି ନାଟ୍ୟଦଳ ମଧ୍ୟରୁ ଦୁଇଟି ମୁଖ୍ୟଦଳ ବ୍ରଡଓ୍ୱେ ଥିଏଟର ଓ ଓ୍ୱିଣ୍ଟର ଗାର୍ଡେନ ଥିଏଟର ନ୍ୟୁୟର୍କରେ ରହି ନିୟମିତ ନାଟକ ପ୍ରଦର୍ଶନ କରୁଥିବା ବେଳେ, ଅନ୍ୟ ୪୧ ଗୋଟି ପେଷାଦାର ନାଟ୍ୟ ସଂସ୍ଥାଭାବେ ସମଗ୍ର ଦେଶ ଓ ବିଦେଶରେ ନାଟ୍ୟ ପରିବେଷଣ କରି ଥାଆନ୍ତି। ନ୍ୟୁୟାର୍କକୁ ଆସୁଥିବା ବିଦେଶୀ ପର୍ଯ୍ୟଟକ ମାନଙ୍କ ବିଶେଷ ଆକର୍ଷଣ ଥାଏ ବ୍ରଡଓ୍ୱେ ଥିଏଟରରେ ନାଟକ ଦେଖିବା। ପରିସଂଖ୍ୟାନରୁ ଜଣାଯାଏ ବିଗତ ଦୁଇବର୍ଷ ମଧ୍ୟରେ ନ୍ୟୁୟାର୍କକୁ ଆସିଥିବା ବାର ଲକ୍ଷ ବିଦେଶୀ ପର୍ଯ୍ୟଟକଙ୍କ ନାଟକ ଦେଖାରୁ ନାଟ୍ୟାନୁଷ୍ଠାନ ମାନେ ୧.୫୪ ହଜାର ବିଲିୟନ ଡଲାର ଅର୍ଥ ରୋଜଗାର କରିଥିଲେ। ନାଟକ ଦେଖିବା ସକାଶେ ଆମେରିକାନ୍ ମାନଙ୍କ ଆଗ୍ରହ ଓ ନିଜ ଜନ୍ମମାଟିର କଳା ସଂସ୍କୃତି, ପ୍ରତି ଶ୍ରଦ୍ଧା ଓ ସମ୍ମାନ ଦେଖିବା ବେଳେ ମୋର ମନେ ପଡିଲା ପ୍ରଚଣ୍ଡ ସ୍ୱାଭିମାନୀ ସଂଗୀତ ନାଟକ ଏକାଡେମୀର ପୂର୍ବତନ ପ୍ରଡକ୍ସନ ଅଫିସର ଲୋକ ସଂସ୍କୃତି ବିଶେଷଜ୍ଞ ଧୀରେନ୍ ବାବୁଙ୍କ ନାଟ୍ୟଗୁରୁ ଆମେରିକାର 'ଗର୍ଲସ ଫାବ୍ରୀ', ନାଟକ ଓ ଲୋକନାଟକ କ୍ଷେତ୍ରରେ ଗବେଷଣା ନିମନ୍ତେ ଆସିଥିଲେ ଭାରତ ବର୍ଷ। ସମଗ୍ର ଭାରତ ବର୍ଷର ସମସ୍ତ ମୁଖ୍ୟ ଅଞ୍ଚଳ ଭ୍ରମଣ କରି ସେ ପହଞ୍ଚିଥିଲେ ଓଡ଼ିଶାରେ। ଓଡ଼ିଶାର କଳା ସଂସ୍କୃତି ସଂପର୍କରେ ଅନୁଧ୍ୟାନ କରିବା ପରେ, ଧୀରେନ୍ ବାବୁ ଗୁରୁଙ୍କୁ ଭାରତୀୟ ନାଟକର ପରିବେଷଣ ଶୈଳୀକୁ ନେଇ ଯେତେବେଳେ ତାଙ୍କର ମତାମତ ଦେବା ନିମନ୍ତେ ପ୍ରଶ୍ନ କଲେ, ସେ ସଂକ୍ଷିପ୍ତରେ କହିଥିଲେ, କନ୍ୟାକୁମାରୀ ଠାରୁ କାଶ୍ମିର, ପଶ୍ଚିମ ପ୍ରାନ୍ତରୁ ପୂର୍ବ ପ୍ରାନ୍ତରେ ପରିବେଷଣ କରାଯାଉଥିବା ଶତାଧିକ ନାଟକ ଗୁଡିକ ଦେଖିଲି। ତାର ମଧ୍ୟରେ ଶୈଳୀଗତ ଦୃଷ୍ଟି କୋଣରୁ ଅନେକ ଉଚ୍ଚକୋଟୀର ନାଟକ ମଧ୍ୟ ଥିଲା। କିନ୍ତୁ ଦୁଃଖର ସହିତ କହିବି, ସେହି ନାଟକ ଗୁଡିକ ମଧ୍ୟରେ ଗୋଟଏ ବି ଭାରତୀୟ ସଂସ୍କୃତି ଆଧାରିତ ନାଟକ ନଥିଲା। ସମସ୍ତ ନାଟକ ଥିଲା ଅନୁକରଣ ଧର୍ମୀ ପାଶ୍ଚାତ୍ୟ ଶୈଳୀର ନାଟକ।

ଆଶ୍ଚର୍ଯ୍ୟ ହୋଇ ସେ କହିଥିଲେ, ଭାରତୀୟ ସଂସ୍କୃତି ଅତି ପ୍ରାଚୀନ। ଧର୍ମ ଓ ପରମ୍ପରା ଆଧାରରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଶୈଳୀର ଲୋକନୃତ୍ୟ ଓ ଲୋକ ନାଟକ ଗ୍ରାମାଞ୍ଚଳର ଶିଳ୍ପୀମାନେ ମୁକ୍ତ ମଞ୍ଚରେ ପରିବେଷଣ କରନ୍ତି। ଏପରି ଗୌରବ ସମ୍ପର୍ଣ୍ଣ ପରମ୍ପରାର ଅଧିକାରୀ ହୋଇ ସୁଦ୍ଧା ଭାରତ ବର୍ଷରେ ପ୍ରଦର୍ଶିତ ମଞ୍ଚନାଟକ ଗୁଡିକରେ କାହିଁକି ନିଜର ପାରମ୍ପରିକ ଶୈଳୀର ପ୍ରୟୋଗ ଦେଖିବାକୁ ମିଳୁନାହିଁ, ମୁଁ ବୁଝି ପାରୁନାହିଁ।

ପ୍ରସଙ୍ଗକ୍ରମେ "ଗର୍ଲସ ଫାବ୍ରି"ଙ୍କ ଏହି ମତାମତକୁ ବିଶ୍ଳେଷଣ କରିବାକୁ ଯାଇ ମୁଁ ଦୁଃଖର ସହିତ କହିବି, ଆମ ଦେଶରେ କେତେକ ହାତ ଗଣତି ନାଟ୍ୟକାର ବିଜୟ ତେନ୍ଦୁଲକର, ଗିରିଶ କନ୍ନଡ, ରତନ ଥିୟାମଙ୍କୁ ବାଦ ଦେଲେ ଅଧିକାଂଶ ନାଟ୍ୟକାର ଲୋକଶୈଳୀ ପ୍ରୟୋଗ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଏହି କ୍ଷେତ୍ରରେ ଆମ ରାଜ୍ୟ ଓଡ଼ିଶାରେ ପରିବେଷିତ ମଞ୍ଚନାଟକ ସଂପର୍କରେ ଆଲୋଚନା ନିଷ୍ପ୍ରୟୋଜନ। ଆମ ରାଜ୍ୟରେ ପରିବେଷିତ ଶତାଧିକ ଲୋକ ଶୈଳୀ ବିଶ୍ୱବାସୀଙ୍କୁ ଆକର୍ଷିତ କରୁଥିବା ବେଳେ ସେହି ଶୈଳୀ ଗୁଡିକର ପ୍ରୟୋଗ ଆମର ମଞ୍ଚ ନାଟକରେ ଦେଖିବାକୁ ମିଳେନି। ଗ୍ରାମ୍ୟ ସଂସ୍କୃତି ପ୍ରତି ଅଣଦେଖା କରିବା ଫଳରେ ଗ୍ରାମ ଓ ସହର ମଧ୍ୟରେ ଦୂରତା ଏତେ ଦୂର ବଢି ଯାଇଛି। କେହି କାହା ପାଖରେ ପହଞ୍ଚି ପାରୁ ନାହାଁନ୍ତି। ଗ୍ରାମ୍ୟ ସଂସ୍କୃତି ଗ୍ରାମର ସୀମା ମଧ୍ୟରେ ଆବଦ୍ଧ ରହିଥିବା ବେଳେ, ସହରାଞ୍ଚଳର ନାଟ୍ୟଶିଳ୍ପୀ ମାନେ, ନିଜର ଗ୍ରାମ୍ୟ ସଂସ୍କୃତିକୁ ପଦାଘାତ କରି ପାଶ୍ଚାତ୍ୟ ଧର୍ମୀ ହୋଇ ନିଜର ସ୍ୱାତନ୍ତ୍ର୍ୟତା ହରାଇ ବସିଲେଣି।

ବର୍ତ୍ତମାନ ଆମେ ଫେରିବା ମୂଳ ପ୍ରସଙ୍ଗକୁ।

ନ୍ୟୁୟାର୍କର "ବ୍ରଡଓ୍ୱେ ଥିଏଟର" ଓ "ଲଣ୍ଡନର ଗ୍ଲୋବ ଥିଏଟର" ନାଟ୍ୟ ପରିବେଷଣ ନିମନ୍ତେ ବିଶ୍ୱ ପ୍ରସିଦ୍ଧ। ଗ୍ଲୋବ ଥିଏଟରରେ ମୁଖ୍ୟତଃ ସେକ୍ସପିଅରଙ୍କ ନାଟକ ଗୁଡିକ ପରିବେଷଣ ହେବା ବେଳେ, ବ୍ରଡଓ୍ୱେ ଥିଏଟରରେ ବିଶ୍ୱର ବହୁ ବିଖ୍ୟାତ ନାଟ୍ୟକାରଙ୍କ ନାଟକ ପରିବେଷଣ କରାଯାଇଥାଏ। ଏହି ଦୁଇଟି ଅନୁଷ୍ଠାନର ନାଟକ ଗୁଡିକୁ ଦେଖିବା ପାଇଁ ଦର୍ଶକମାନେ ବହୁ ବର୍ଷଧରି ଅପେକ୍ଷା କରି ଥାଆନ୍ତି। ସୌଭାଗ୍ୟ ବଶତଃ ମୋର ଦୁଇଥର ଆମେରିକା ଗସ୍ତ କାଳରେ ଏହି ଅନୁଷ୍ଠାନ ଦୁଇଟିର ପ୍ରାୟୋଜିତ ଦୁଇଟି ନାଟକ 'ଅଥେଲୋ ଓ ଦି ଲାୟନ କିଙ୍ଗ' ମୁଁ ଦେଖିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରିଥିଲି। ଏହା ସମ୍ଭବ ହୋଇଥିଲା ସୁଜିତ୍ ଯୋଗୁଁ। ନାଟକ ପ୍ରତି ମୋର ସମର୍ପିତ ମନୋଭାବ କଥା ସୁଜିତ ପିଲାବେଳୁ ଜାଣେ। ଚଳଚ୍ଚିତ୍ରରେ ରୁପାୟିତ 'ଅଥେଲୋ' ନାଟକର ଟିକଟ ପାଇବା ସକାଶେ ସୁଜିତ୍କୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡିନଥିଲା। କିନ୍ତୁ ବିଂଶ ଶତାବ୍ଦୀର ଶେଷ ଦଶକରେ ମଞ୍ଚସ୍ଥ "ବ୍ରଡଓ୍ୱେ ଥିଏଟର"ର ସର୍ବକାଳିନ ରେକର୍ଡ ସୃଷ୍ଟିକାରୀ ଡିଜ୍ନୀ ଗ୍ରୁପଦ୍ୱାରା ପ୍ରାୟୋଜିତ ନାଟକ "ଦି ଲାୟନ କିଂଗ'ର ଟିକଟ ପାଇବା ପାଇଁ ସୁଜିତ୍ ଦୁଇବର୍ଷ ପୂର୍ବରୁ ଅଗ୍ରୀମ ଟିକଟ ଖରିଦ କରିଥିଲା। ନାଟକ ଦେଖିବା ସକାଶେ ସୁଜିତ୍ର ଆଗ୍ରହ ମଧ୍ୟ କମ୍ ନୁହେଁ। ପିଲା ଦିନରୁ ନାଟକ ରିହାରସଲ ଠାରୁ ମଞ୍ଚସ୍ଥ କରିବା ଯାଏଁ, ସେ ପ୍ରତ୍ୟେକ ସ୍ତରରେ ମୋ ନିକଟରେ ଥାଏ। ବର୍ତ୍ତମାନ ବି ସେ ଚାହୁଁଥିଲା ସମସ୍ତ ପରିବାରବର୍ଗଙ୍କୁ ନେଇ ନାଟକ ଦେଖିବା। କିନ୍ତୁ ଆମେରିକାନ ମାନଙ୍କ "ଦି ଲାୟନ କିଂଗ" ଦେଖିବା ପାଇଁ ପ୍ରବଳ ଆଗ୍ରହ ଫଳରେ, ସେ ପାଇଥିଲା ମାତ୍ର ଦୁଇଟି ଟିକଟ।



ତେଣୁ ଶ୍ରୀଷ୍ଟି ସହିତ ମୁଁ ବସି ନାଟକ ଦେଖିବା ବେଳେ, ସୁଜିତ୍ ବାହାରେ ଅପେକ୍ଷା କରିଥିଲା ଆମର ଆଗମନକୁ।

ପ୍ରଥମ ଗସ୍ତ କାଳରେ, କ୍ୟାରୀ ସହରର ଗୋଟିଏ ସିନେମା ହଲ୍ରେ ଚଳଚ୍ଚିତ୍ର ପରଦାରେ "ଅଥେଲୋ" ନାଟକ ଦେଖିବାରେ କିଛି ବୈଚିତ୍ର୍ୟତା ନଥିଲା। ସ୍ୱତନ୍ତ୍ରତା ଥିଲା ଏତିକି, ସେକ୍ସପିଅରଙ୍କ କାଳଜୟୀ ନାଟକ 'ଅଥେଲୋ'ର ସେହି ବର୍ଷଥିଲା ପାଞ୍ଚଶହ ବର୍ଷପୂର୍ତ୍ତୀ ଉତ୍ସବ। ତେଣୁ ଗ୍ଲୋବ ଥିଏଟର ତରଫରୁ ନାଟକଟିକୁ ଚଳଚିତ୍ରରେ ରୂପାୟିତ କରି ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ଥିଲା ଗ୍ଲୋବ ଥିଏଟରର ମୁଖ୍ୟ ଉଦ୍ଦେଶ୍ୟ।

ଦ୍ୱିତୀୟ ଗସ୍ତ କାଳରେ 'ଦି ଲାୟନ କିଂଗ'ର ଜୀବନ୍ତ ପ୍ରଦର୍ଶନ ଦେଖିବାର ଅନୁଭୂତି ଥିଲା ଅତ୍ୟନ୍ତ ରୋମାଞ୍ଚକର। ଡରହାମ ପରଫର୍ମିଂ ଆର୍ଟସ ସେଣ୍ଟରର ବିଶାଳ ରଙ୍ଗମଞ୍ଚରେ ୧୩୦ ଜଣ କଳାକାରଙ୍କ ଅଭିନୟ ସାଙ୍ଗକୁ ୧୫୦ ଜଣ ରଙ୍ଗକର୍ମିଙ୍କ ସଂଗୀତ ଓ ବାଦ୍ୟର ଝଙ୍କାର ପ୍ରେକ୍ଷାଳୟରେ ଉପସ୍ଥିତ ତିନି ହଜାରରରୁ ଉର୍ଦ୍ଧ୍ୱ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା। ଯେହେତୁ ନାଟକର କାହାଣୀ ଆଫ୍ରିକାନ ଜଙ୍ଗଲର ପଶୁପକ୍ଷୀ ମାନଙ୍କ ଜୀବନ ଶୈଳୀକୁ ନେଇ ରଚିତ, ଅଂଶଗ୍ରହଣ କରୁଥିବା ଅଧିକାଂଶ କଳାକାର ଥିଲେ ଆଫ୍ରିକାର ନିଗ୍ରୋ ସଂପ୍ରଦାୟ। ଜଙ୍ଗଲର ପଶୁ-ପକ୍ଷୀଙ୍କ ସହିତ ନିଗ୍ରୋ ସଂପ୍ରଦାୟଙ୍କ କୌତୁକିଆ ଅଭିନୟ, କୋମଳମତି ପିଲାମାନଙ୍କୁ ଅଧିକ ଆନନ୍ଦିତ କରୁଥିଲା। କହିବା ବାହୁଲ୍ୟ ଏତେ ବଡ ପ୍ରେକ୍ଷାଳୟ ଓ ରଙ୍ଗମଞ୍ଚରେ ଶତାଧିକ କଳାକାରମାନଙ୍କ ଏକତ୍ର ଅଭିନୟ, ଆଜି ସୁଦ୍ଧା ଆମର ଦେଶରେ ପରିବେଷିତ କୌଣସି ନାଟକରେ ଦେଖିବା ମୋର ଜ୍ଞାତସାର ମଧ୍ୟରେ ନାହିଁ।

ବ୍ରଡଓ୍ୱେ ଥିଏଟର ଦ୍ୱାରା ପ୍ରାୟୋଜିତ 'ଦି ଲାୟନ କିଂଗ୍'ର ଅନୁବନ୍ଧିତ ପ୍ରଯୋଜକ ଥିଲେ ବିଶ୍ୱ ପ୍ରସିଦ୍ଧ ନାଟ୍ୟାନୁଷ୍ଠାନ ଡିଜନି ଥିଏଟ୍ରିକାଲ ଗ୍ରୁପ୍। ୧୯୪୪ ମସିହାରେ ସେମାନେ ବ୍ରଡଓ୍ୱେ ଥିଏଟରର ଶ୍ରେଷ୍ଠ ଦଶଗୋଟି ନାଟକର ବିଶ୍ୱସ୍ତରୀୟ ପ୍ରଦର୍ଶନ ନିମନ୍ତେ ଚୁକ୍ତି ସ୍ୱାକ୍ଷର କରିବା ସହିତ, ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତ୍ୟେକ ରାଜ୍ୟ ସହିତ ବିଶ୍ୱର ବିଭିନ୍ନ ସ୍ଥାନରେ ନାଟକ ପ୍ରଦର୍ଶନ କରି ବ୍ରଡଓ୍ୱେ ଥିଏଟରକୁ ଗୌରବାନ୍ୱିତ କରିଥିଲେ। ଡିଜ୍ନୀ ଗ୍ରୁପ ମାଧ୍ୟମରେ ପ୍ରଦର୍ଶିତ ପ୍ରଥମ ନାଟକ ଥିଲା "ବିୟୁଟି ଏଣ୍ଡ ଦି ବିଷ୍ଟ'। ଯାହା କ୍ରମାନ୍ୱୟରେ ୧୩ ବର୍ଷ ଧରି ବ୍ରଡଓ୍ୱେ ଥିଏଟର ଗୁଡିକର ପ୍ରଦର୍ଶିତ ହେବା ସହିତ ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇ ବିଶ୍ୱବାସୀଙ୍କୁ ଆମୋଦିତ କରିବାରେ ସକ୍ଷମ ହୋଇଥିଲା। 'ବ୍ରଡଓ୍ୱେ ଥିଏଟର'ର ସଫଳତା ପଛରେ ଡିଜ୍ନୀ ଗ୍ରୁପର ଅବଦାନକୁ କେହି ଅସ୍ୱୀକାର କରି ପାରିବେନି। ପ୍ରତ୍ୟେକ ଅନୁଷ୍ଠାନର ସଫଳତା ପଛରେ କୌଣସି ଏକ ଅଦୃଶ୍ୟ ଶକ୍ତିର ତ୍ୟାଗ ଥାଏ। ଡିଜ୍ନୀ ଗ୍ରୁପ ମାଧ୍ୟମରେ ମୁକ୍ତିଲାଭ କରିଥିବା ବ୍ରଡଓ୍ୱେର ଯୁଗାନ୍ତକାରୀ ନାଟକ "ଦି ଲାୟନ କିଙ୍ଗ" ସମସ୍ତ ପୂର୍ବବର୍ତ୍ତୀ ରେକର୍ଡକୁ ଅତିକ୍ରମ କରି ୧୯୯୭ ମସିହାରୁ ଅଦ୍ୟାବଧି ପ୍ରଦର୍ଶନ ହେବା ସହିତ ଚଳଚ୍ଚିତ୍ର ଓ ଧାରାବାହିକରେ ରୂପାନ୍ତରିତ ହୋଇ କୋଟି କୋଟି ଦର୍ଶକଙ୍କୁ ଆମୋଦିତ କରିବା ସହିତ ଶତାଧିକ ବିଶ୍ୱସ୍ତରୀୟ ପୁରସ୍କାର ପାଇବା ସକ୍ଷମ ହୋଇଛି।

(କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଡିସେମ୍ବର ୨୦୨୪ ବୁଧବାର



# ଶୀତଦିନ ହାର୍ଟ ସୁସ୍ଥ ପାଇଁ ଲାଭଦାୟକ ଚିନାବାଦାମ



ଘରେ ହେଉ କିମ୍ବା ବାହାରକୁ ବୁଲିବାକୁ ଯିବା ସମୟରେ ହେଉ, ଆମେ ଯେ କୌଣସି ସମୟରେ ଚିନାବାଦାମ ଖାଇବାକୁ ପସନ୍ଦ କରିଥାଉ। ଆଉ ଖାସ୍ କରି ଶୀତ ଦିନେ ଏହାର ଚାହିଦା ଅଧିକ। ଏହା କେବଳ ସ୍ୱାଦରେ ନୁହେଁ, ବରଂ ସ୍ୱାସ୍ଥ୍ୟ ପାଇଁ ବି ବେଶ୍ ଲାଭଦାୟକ । ବାଦାମରେ ପ୍ରଚୁର ପ୍ରୋଟିନ, ହେଲ୍‌ଦି ଫ୍ୟାଟ୍, ଫାଇବର ରହିଥାଏ । ଯାହା ଶୀତ ଦିନରେ ଥଣ୍ଡା, କାଶ ଭଳି ରୋଗରୁ ଦୂରେଇ ରଖିବାରେ ସାହାଯ୍ୟ କରେ । ଆଉ ନିମୟିତ ସେବନ ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ।

**ହାର୍ଟ ସୁସ୍ଥ ରଖେ:** ବାଦାମକୁ ଭିଜାଇଲେ ଏହାର ଚୋପା ପାଣିକୁ ଭଲ ଭାବେ ଶୋଷି ନିଏ । ଏହାକୁ ଖାଇବା ଖାଇବା ହୃଦୟ ପାଇଁ ସ୍ୱାସ୍ଥ୍ୟକର ହୋଇଥାଏ । ଏଥିରେ ହାର୍ଟଆଟାକ୍ ଏବଂ ହୃଦୟ ସହ ଜଡିତ ଅନ୍ୟାନ୍ୟ ରୋଗ ଆଶଙ୍କା ହ୍ରାସ ପାଏ। ଏହି କାରଣରୁ ନିଜ ଡାଏଟରେ ବାଦାମ ସାମିଲ କରିବା ଉଚିତ୍ ।

**କମିଥାଏ ଥଣ୍ଡା ଓ କାଶ:** ଶୀତ ଦିନ ହେବା ମାତ୍ରେ ଥଣ୍ଡା କାଶ ଭଳି ସମସ୍ୟା ଅଧିକ ବଢିଯାଏ । ବାଦାମରେ ଇମ୍ୟୁନିଟି ବଢାଇବା ଶକ୍ତି ଥିବାରୁ ଏହାକୁ ନିୟମିତ ଖାଇବା ଭଲ । ବିଶେଷକ କରି ଭିଜା ବାଦାମ ଅଧିକ ଲାଭଦାୟକ ହୋଇଥାଏ । ଥଣ୍ଡା, କାଶ ଓ ବିଭିନ୍ନ ସଂକ୍ରମଣ ଆଶଙ୍କା କମ୍ ହୋଇଥାଏ ।

**ସ୍ମୃତିଶକ୍ତି ବଢ଼ାଇଥାଏ:** ସ୍ମୃତି ଶକ୍ତି ବଢାଇବା ପାଇଁ ବାଦାମ ଖାଇବା ଭଲ। ପାଣିରେ ଭିଜା ବାଦାମ ଅଧିକ ଲାଭଦାୟକ ହୋଇଥାଏ । ଏହାସହିତ ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନେ ମଧ୍ୟ ବାଦାମ ଖାଇବା ଦ୍ୱାରା ଫାଇଦା ମିଳେ ।

**ସୁସ୍ଥ ତ୍ୱଚା:** ଚିନାବାଦମ ଏକ ଶୀତଦିନିଆ ସୁପରଫୁଡ୍ । ଏଥିରେ ଥିବା ବାୟୋଟିନ ଶୁଷ୍କ ତ୍ୱଚା ବା ଡ୍ରାଏ ସ୍କିନ ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ । ଏହା ତ୍ୱଚାକୁ ସୁସ୍ଥ ତଥା ଉଜ୍ଜଳ ରଖିବାରେ ସହାୟକ ହୁଏ ।

## ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଅଧିକ ଥଣ୍ଡା ଲାଗେ

ଶୀତ ଆରମ୍ଭ ହୋଇଗଲାଣି । ଧିରେ ଧିରେ ଶୀତ ବଢିବାରେ ଲାଗିଛି । କିନ୍ତୁ କେବେ ଲକ୍ଷ୍ୟ କରିଛନ୍ତି କି ଥଣ୍ଡାର ପ୍ରଭାବ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଅଧିକ ଅନୁଭବ ହୋଇଥାଏ । ଚାଲନ୍ତୁ ଜାଣିବା ଏହା ପଛରେ ଥିବା କାରଣ ବିଷୟରେ କଣ କହୁଛନ୍ତି ନ୍ୟୁରୋଲୋଜିଷ୍ଟ ।

**କାହିଁକି ଲାଗେ ଅଧିକ ଥଣ୍ଡା**

ପ୍ରଥମତଃ, ପୁରୁଷଙ୍କ ତୁଳନାରେ ମହିଳାଙ୍କ ଶରୀରର ଚର୍ବି କମ୍ ରହିଥାଏ । ମାଂସପେଶୀ ଶରୀରରେ ଗରମ ସୃଷ୍ଟି କରିବାର ପ୍ରମୁଖ ସ୍ରୋତ । ପୁରୁଷଙ୍କ ତୁଳନାରେ ମହିଳାଙ୍କଠାରେ କମ୍ ମାଂସପେଶୀ ରହିଥିବା କାରଣରୁ ସେମାନଙ୍କ ଅଧିକ ଥଣ୍ଡା ଲାଗିଥାଏ ।

ଦ୍ୱିତୀୟତଃ, କମ୍ ମେଟାବଲିକ୍ ହାର । ମେଟାବଲିଜିମ୍ ଅର୍ଥାତ୍ ଶରୀରର ଶକ୍ତି ଖର୍ଚ୍ଚ କରିବାର ପ୍ରକ୍ରିୟା । ଏହା ଶରୀରର କ୍ୟାଲୋରୀକୁ ଶକ୍ତିରେ ପରିବର୍ତ୍ତିତ କରିଥାଏ । କାରଣ ମହିଳାମାନଙ୍କଠାରେ କମ୍ ମାଂସପେଶୀ ରହିଥିବା କାରଣରୁ କ୍ୟାଲୋରୀ ବର୍ଣ୍ଣ କରିବାର କ୍ଷମତା କମ୍ ରହିଥାଏ । ତେଣୁ ମେଟାବଲିଜିମ୍ ହାର କମ୍ ରହିବା ସହ ଶରୀରରେ କମ୍ ଗରମ ଅନୁଭୂତ ହୁଏ। ଫଳରେ ଅଧିକ ଥଣ୍ଡା ଲାଗିଥାଏ । ତୃତୀୟତଃ, ହରମୋନାଲ୍ ପ୍ରଭାବ । ମହିଳାଙ୍କ ଶରୀରରେ ପ୍ରୋଜେଷ୍ଟେରନ୍ ହରମୋନ୍‌ର ମାତ୍ରା ଅଧିକ ରହିଥାଏ । ଏହା ଶରୀରର ରକ୍ତବାହିକାକୁ ସଙ୍କୁଚିତ କରିଥାଏ, ଯାହାଦ୍ୱାରା ହିଟ୍ ଲସ୍ ହୋଇଥାଏ । ତେଣୁ ସେମାନଙ୍କୁ ଅଧିକ ଥଣ୍ଡା ଅନୁଭୂତ ହୁଏ ।

# ପ୍ରତିଦିନ ଖାଆନ୍ତୁ ସେଓ



ସେଓରେ ଭିଟାମିନ, ମିନେରାଲ, ଫାଇବର, ଭିଟାମିନ ସି, ଭିଟାମିନ ବି୬, ପୋଟାସିୟମ, ଫରଫରସ୍, କପର ଓ ଫାଇବର ଭରପୂର ମାତ୍ରାରେ ଥାଏ । ଆଉ ଏଥିପାଇଁ ସୁସ୍ଥ ଶରୀର ପାଇଁ ପ୍ରତ୍ୟେକ ଦିନ ଗୋଟିଏ ସେଓ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦିଅନ୍ତି । ତେବେ ଆସନ୍ତୁ ଜାଣିବା ସେଓ ଖାଇଲେ ଶରୀରକୁ କ'ଣ ସବୁ ଫାଇଦା ମିଳିଥାଏ ।

**ମାରାତ୍ମକ ରୋଗରୁ ରକ୍ଷା:** ନିୟମିତ ସେଓ ଖାଇଲେ ଶରୀରକୁ ଜରୁରୀ ଭିଟାମିନ, ମିନେରାଲ ଓ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏହା କ୍ୟାନ୍ସର, ହୃଦରୋଗ, ଆସ୍ଥାମା, ଟାଇପ୍-୨ ଡାଇବେଟିସ ଭଳି ଗମ୍ଭୀର ରୋଗରୁ ସୁରକ୍ଷା ଦେବାରେ ସାହାଯ୍ୟ କରିପାରେ । ସେଓରେ କ୍ୟାନ୍ସର ବିରୋଧୀ ଗୁଣ ରହିଛି । ଭିଟାମିନ ସି ଓ ପୋଟାସିୟମ ହୃଦୟ ସହ ଜଡିତ ସମସ୍ୟା ଦୂର କରିଥାଏ।

**ଓଜନ ନିୟନ୍ତ୍ରଣ:** ଓଜନ କମାଇବାକୁ ଚାହୁଁଥିବା ଲୋକେ ପ୍ରତିଦିନ ସେଓ ଖାଇବା ଭଲ । ସେଓ ଅଧିକ ପରିମାଣରେ ଫାଇବର ଓ ଜଳ ରହିଥାଏ । ଏହାକୁ ଖାଇଲେ ଭୋକ ନିୟନ୍ତ୍ରଣ ରହେ ଏବଂ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗେନି ଯାହାକି ଆମର ଓଜନ ନିୟନ୍ତ୍ରଣରେ ସହାୟକ ହୁଏ ।

**ଦାନ୍ତ ଓ ହାଡ ସୁଦୃଢ:** ସେଓ ଚୋବାଇ ଖାଇବା ଦ୍ୱାରା ପାଟିରେ ଲାଳ ଉତ୍ପାଦନ ବଢିଥାଏ । ଯାହାଫଳରେ ପାଟିରେ ବ୍ୟାକ୍ଟେରିଆ କମ୍ ହୁଏ ଓ ଦାନ୍ତ ସୁସ୍ଥ ରହିଥାଏ । ସେହିପରି ଏଥିରେ ଥିବା ବୋରନ ନାମକ ଯୌଗିକ ହାଡକୁ ମଜଭୁତ କରିବାରେ ସହାୟକ ହୁଏ ।

**ପେଟ ପାଇଁ ଭଲ:** ସେଓରେ ପେକଟିନ ଥାଏ । ଏହା ଏକ ପ୍ରକାରର ଫାଇବର ଯାହା ଆପଣଙ୍କ ଗଟ୍ ମାଇକ୍ରୋବିଓମରେ ପ୍ରିବାୟୋଟିକ ଭଳି କାମ କରେ ଓ ଗଟ୍ ସ୍ୱାସ୍ଥ୍ୟ ଠିକ୍ ରଖେ। ଏହା ପେଟରେ ଭଲ ବ୍ୟାକ୍ଟେରିଆ ସୃଷ୍ଟି କରେ । ଫଳରେ କ୍ରନିକ ରୋଗଗୁଡିକରୁ ରକ୍ଷା କରିବାରେ ସାହାଯ୍ୟ ମିଳିଥାଏ ।

**ବ୍ଲଡସୁଗାର:** ଏକ ଅଧ୍ୟୟନ ଅନୁସାରେ, ଦିନକୁ ଗୋଟିଏ ସେଓ ଖାଉଥିବା ଲୋକଙ୍କୁ ସେଓ ଖାଉନଥିବା ଲୋକଙ୍କ ତୁଳନାରେ ଟାଇପ୍-୨ ଡାଇବେଟିସ ହେବାର ଆଶଙ୍କା ୨୮ ପ୍ରତିଶତ କମ୍ ଥାଏ । ଏଥିରେ ଥିବା ସୋଲୁବଲ ଫାଇବର ବ୍ଲଡସୁଗାର ନିୟନ୍ତ୍ରଣରେ ସାହାଯ୍ୟ କରେ ।

**କୋଲେଷ୍ଟ୍ରଲ ଓ ବ୍ଲଡପ୍ରେସର:** ସେଓ କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ମଧ୍ୟ ସହାୟକ। ଏଥିରେ ଥିବା ଫାଇବର, ପୋଟାସିୟମ, ଆଣ୍ଟିଅକ୍ସିଡାଣ୍ଟ ହୃଦୟକୁ ସୁସ୍ଥ ରଖେ । କୋଲେଷ୍ଟ୍ରଲ ସ୍ତର କମ୍ କରିଥାଏ ଓ ରକ୍ତଚାପ ନିୟନ୍ତ୍ରିତ ରଖିଥାଏ । ଯେଉଁଥିପାଇଁ ହୃଦରୋଗ ହେବାର ବିପଦ କମିଯାଏ ।

# ଏପିଲେପ୍‌ସି ରୋଗର କାରଣ ଏବଂ ଲକ୍ଷଣ ବାରମ୍ବାର ମୂର୍ଚ୍ଛା ହେବା ସହ ପାଟିରୁ ଫେଣ ବାହାରେ

ଅପସ୍ମାର ବା ଏପିଲେପ୍‌ସି ରୋଗ ମସ୍ତିଷ୍କରେ ଥିବା ସ୍ନାୟୁ କୋଷରେ ଅତ୍ୟଧିକ ବୈଦ୍ୟୁତିକ ପ୍ରବାହ ସୃଷ୍ଟି କରିଥାଏ। ଏଥିରେ ଆକ୍ରାନ୍ତ ଲୋକ ବାରମ୍ବାର ମୂର୍ଚ୍ଛା ହେବା ସହ ପାଟିରୁ ଫେଣ ବାହାରେ । ଆପେ ଆପେ ପରିସ୍ରା ହୋଇଯାଏ । ଜିଭ କାମୁଡ଼ି ପକାଇବାରୁ କ୍ଷତ ବି ହୋଇଥାଏ। କେତେକ ଲୋକଙ୍କ ଶରୀରର ଏକ ନିର୍ଦ୍ଦିଷ୍ଟ ଅଙ୍ଗରେ ଫିଟ୍‌ସ୍ ବା ବାତ ମାରିବା ଦେଖା ଦେଇଥାଏ । ଏହାକୁ ଫୋକାଲ୍ ସିଜର ବୋଲି କୁହାଯାଏ । ପିଲାମାନଙ୍କଠାରେ ଏହି ରୋଗ ଦେଖାଦେଲେ ଅନ୍ୟମନସ୍କତା ଓ ଶୂନ୍ୟକୁ ଚାହିଁ ରହିବା ଭଳି ଲକ୍ଷଣ ପ୍ରକାଶ ପାଏ । ଏହାକୁ ଆବସେନ୍‌ସ ସିଜର କହନ୍ତି।



**କାରଣ**

ଏପିଲେପ୍‌ସିର କୌଣସି ସ୍ପଷ୍ଟ କାରଣ ଅଧିକାଂଶ ଆକ୍ରାନ୍ତଙ୍କ କ୍ଷେତ୍ରରେ ନଥାଏ। ମୁଖ୍ୟତଃ ଏହା ଏକ ଜେନେଟିକ୍ ରୋଗ । କେତେକ କ୍ଷେତ୍ରରେ ମୁଣ୍ଡରେ ଆଘାତ (ବ୍ରେନ୍ ଷ୍ଟ୍ରୋକ୍), ଟ୍ୟୁମର, ମେନିନ୍‌ଜାଇଟିସ୍, ଏନ୍‌ସିଫାଲାଇଟିସ୍ ଓ ନିୟମିତ ଅତ୍ୟଧିକ ନିଶା ସେବନ ଯୋଗୁଁ ମଧ୍ୟ ଏ ରୋଗ ଦେଖା ଦେଇଥାଏ । ସେହିପରି ଛୋଟ ପିଲାଙ୍କ ମସ୍ତିଷ୍କରେ କୌଣସି କ୍ଷତ ସୃଷ୍ଟି ହେବାରୁ ସେମାନେ ଏପିଲେପ୍‌ସି (ଅପସ୍ମାର)ରେ ଆକ୍ରାନ୍ତ ହୋଇଥାନ୍ତି । ଅପସ୍ମାର ଆକ୍ରାନ୍ତଙ୍କ ପାଇଁ ଗାଡ଼ି ଚାଳନା, ସନ୍ତରଣ ଓ ନିଆଁ ପାଖରେ କାମ କରିବା ମନା । କାରଣ ଗାଡ଼ି ଚଳାଇବା ସମୟରେ ଅଚାନକ ଦୁର୍ଘଟଣା ଆଶଙ୍କା ଥାଏ । ସେହିପରି ନଦୀ, ନାଳ, ପୋଖରୀରେ ସନ୍ତରଣ କରୁଥିଲେ ପାଣିରେ ବୁଡ଼ିଯିବା ସହ ନିଆଁ ପାଖରେ କାମ କରିବା ମଧ୍ୟରେ ପୋଡ଼ି ହେବାର ଆଶଙ୍କା ରହିଛି । ଏହି ସମୟରେ ବେଶି ସମୟ ଧରି ବାତ ମାରିଲେ ପାଟିରୁ ଅତ୍ୟଧିକ ନାଳ ଓ ଫେଣ ବାହାରି ଶ୍ୱାସନଳୀକୁ ରୁଦ୍ଧ କରିଥାଏ । ଫଳରେ ଶ୍ୱାସରୁଦ୍ଧ ହୋଇ ମଧ୍ୟ ଆକସ୍ମିକ ମୃତ୍ୟୁ ଘଟେ ।

**ପ୍ରକାରଭେଦ ଅନୁସାରେ ଚିକିତ୍ସା**

ଏହି ରୋଗର ଚିକିତ୍ସାରେ ଆଦୌ ଅବହେଳା କରିବେ ନାହିଁ । ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ନିତାନ୍ତ ଆବଶ୍ୟକ । ଏଥିଲାଗି ଫେନିଟୋଇନ୍, ଭାଲପ୍ରୋଏଟ୍, ଲେଭେଟିରାସିଟାମ୍ ଆଦି ଅନେକ ଔଷଧ ସେବନ ଆବଶ୍ୟକ ପଡ଼ିଥାଏ । ସେହିପରି କୋସାମାଇଡ୍ ଓ ପେରାମ୍ପାନେଲ୍ ଆଦି ଅନେକ ନୂଆ ଔଷଧ ଏବେ ଉପଲବ୍ଧ ହେଲାଣି । ଯେଉଁ ଆକ୍ରାନ୍ତଙ୍କ ଶରୀରରେ ଔଷଧ କାମ କରେନାହିଁ, ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀରେ ସୂକ୍ଷ୍ମ ଅପରେସନ୍ କରିବା ଲାଗି ସୁଯୋଗ ରହିଛି । ଏହି ରୋଗରେ ଆକ୍ରାନ୍ତ ଲୋକେ ନିଦ୍ରାହୀନତାରୁ ଦୂରେଇ ରହିବା ସହ ଅଧିକ ସମୟ ମୋବାଇଲ୍ ଓ ଟିଭି ଦେଖିବା ଉଚିତ ନୁହେଁ । ନିଶା ସେବନରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବେ । ଅନ୍ୟର ପ୍ରରୋଚନାରେ ପଡ଼ି ଅପସ୍ମାର ରୋଗୀଙ୍କୁ ଝଡ଼ାଫୁଙ୍କା, ପୂଜାପାଠ, ନାକରେ ଚପଲ ଶୁଙ୍ଘାଇବା ଅନୁଚିତ। ଏସବୁ କରିବା ଦ୍ୱାରା କିଛି ସୁଫଳ ମିଳିନଥାଏ। ନିୟମିତ ବ୍ୟବଧାନରେ ସ୍ନାୟୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ସେବନ କଲେ ଆକ୍ରାନ୍ତ ଲୋକେ ବିପଦମୁକ୍ତ ହେବା ସହ ସାଧାରଣ ଜୀବନଯାପନ କରିପାରିବେ ।

# ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର



ପୃଥିବୀ କକ୍ଷରେ ରହି ଏହାକୁ ପରିକ୍ରମଣ କରୁଥିବା ଏକ କୃତ୍ରିମ ସଂରଚନା ହେଉଛି ଅନ୍ତରୀକ୍ଷ କେନ୍ଦ୍ର। ଏଥିରେ ଅନେକ ଦିନ ପର୍ଯ୍ୟନ୍ତ ରହି ମହାକାଶଚାରୀମାନେ ଗବେଷଣା କରବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି । ଏହାକୁ ଚାପରେ ରଖାଯାଇଥାଏ ଏବଂ ମହାକାଶଚାରୀମାନଙ୍କର ଆବଶ୍ୟକ ଜଳ, ଖାଦ୍ୟ ଓ ଅମ୍ଳଜାନକୁ ପୃଥିବୀରୁ ନିୟମିତ ବ୍ୟବଧାନରେ ପଠାଯାଏ। ମହାକାଶ ଯାନରେ ଅନ୍ତରୀକ୍ଷକୁ ଯାଇ ବିଭିନ୍ନ ପରୀକ୍ଷା କରି ଅଳ୍ପ ଦିନ ପରେ ମହାକାଶଚାରୀମାନେ ପୃଥିବୀକୁ ଫେରି ଆସୁଥିଲେ। ମହାକାଶରେ ଏକ ପରୀକ୍ଷାଗାର ସ୍ଥାପନ କରି ସେଠାରେ ନିରନ୍ତର ପରୀକ୍ଷା ଓ ଗବେଷଣା କରିବା ପାଇଁ ଉଭୟ ସୋଭିଏତ ରୁଷ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଚେଷ୍ଟା କଲେ। କିନ୍ତୁ ରୁଷ୍ ୧୮୭୧ ଏପ୍ରିଲ ୧୯ ତାରିଖରେ ପ୍ରଥମ ଅନ୍ତରୀକ୍ଷ କେନ୍ଦ୍ର 'ସାଲ୍ୟୁଟ-୧'କୁ ଉତ୍କ୍ଷେପଣ କରିଥିଲା। ଏଥିରେ ଗୋଟିଏ ପର୍ଯ୍ୟବେକ୍ଷଣାଗାର ଥିଲା। ସାଲ୍ୟୁଟ-୧ର ଓଜନ ୧୮୪୨୫ କିଗ୍ରା ଏବଂ ଦୈର୍ଘ୍ୟ ଓ ବ୍ୟାସ ଯଥାକ୍ରମେ ୧୫.୮ ମିଟର ଏବଂ ୪.୫ ମିଟର ଥିଲା। ଏହା ପାଖକୁ ମାତ୍ର ଦୁଇଥର ମହାକାଶଚାରୀ ଯାଇଥିଲେ। ପ୍ରଥମ ଥର ତିନି ଜଣ ଯାଇଥିଲେ ମାତ୍ର ଡିଜାଇନ୍‌ରେ ତ୍ରୁଟି ଥିବାରୁ ସେମାନଙ୍କର ଯାନ କେନ୍ଦ୍ର ସହିତ ସଂଯୋଗ ହୋଇପାରିଲା ନାହିଁ। ଏଥିପାଇଁ ସେମାନେ ଫେରି ଆସିଲେ। ତ୍ରୁଟି ସୁଧାରିବା ପରେ ଅନ୍ୟ ତିନି ଜଣ ମହାକାଶଚାରୀ ସେଠାରେ ୨୩ ଦିନ ରହି ଫେରିଥିଲେ। ମାତ୍ର ଦୁଃଖର ବିଷୟ ଯେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ବେଳେ ଗୋଟିଏ ଭାଲ୍‌ବ ଠିକ୍ ଭାବେ କାମ ନ କରିବାରୁ ତିନି ଜଣ ମହାକାଶଚାରୀ ତା' ଭିତରେ ମୃତ୍ୟୁବରଣ କରିଥିଲେ। ଏହାପରେ ରୁଷ୍ ୧୯୭୪ ଏବଂ ୧୯୮୨ ମସିହା ମଧ୍ୟରେ ଆଉ ଛଅଟି ଅନ୍ତରୀକ୍ଷ କେନ୍ଦ୍ର ପଠାଇଥିଲା। ସାଲ୍ୟୁଟ-୬ ଏବଂ ସାଲ୍ୟୁଟ-୭ରେ ମହାକାଶଚାରୀମାନେ ତିନି ମାସରୁ ଅଧିକ ସମୟ ଥିଲେ।

ଯୁକ୍ତରାଷ୍ଟ ଆମେରିକାର ପ୍ରଥମ ଅନ୍ତରୀକ୍ଷ କେନ୍ଦ୍ର ଥିଲା ସ୍କାଏଲାବ। ଏହାକୁ ୧୯୭୩ରେ ଉତ୍‌କ୍ଷେପଣ କରାଯାଇଥିଲା। ଏହାର ଓଜନ ୯୧ ଟନ୍ ଥିଲା ଏବଂ ଆପୋଲୋ ଯାନ ସାହାଯ୍ୟରେ ଖାଦ୍ୟ ଓ ମହାକାଶଚାରୀମାନେ ଏଠାକୁ ଆସୁଥିଲେ। ଏଠାକୁ ତିନି ଥର ମହାକାଶଚାରୀମାନେ ଯାଇଥିଲେ ଏବଂ ପ୍ରତ୍ୟେକ ଥରରେ ତିନି ଜଣ ମହାକାଶଚାରୀ ଥିଲେ। ଏହା ୧୯୭୯ ମସିହାରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରି ଧ୍ୱଂସ ହୋଇଯାଇଥିଲା। ସୋଭିଏତ ରୁଷ୍ ୧୯୮୬ ମସିହାରେ ମିର ଅନ୍ତରୀକ୍ଷ କେନ୍ଦ୍ରକୁ ଉତକ୍ଷେପଣ କରିଥିଲା। ଏଠାରେ ମହାକାଶଚାରୀମାନେ ଏକ ବର୍ଷରୁ ଅଧିକ ସମୟ ରହିଥିଲେ। ୧୯୯୧ ମସିହାରେ ସୋଭିଏତ୍ ରୁଷ ଭାଗ ହୋଇଯିବା ପରେ ଏହା ରୁଷିଆ ନିୟନ୍ତ୍ରଣକୁ ଆସିଲା। ମାତ୍ର ଏଥିପାଇଁ ଆବଶ୍ୟକ ଅର୍ଥାଭାବ ଦେଖାଦେବାରୁ ଏହାକୁ ଆମେରିକା ବ୍ୟବହାର କରିବା ପାଇଁ ଅନୁମତି ଦିଆଗଲା। ଉଭୟ ଦେଶର ମିଳିତ ଅଭିଯାନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ନିର୍ମାଣ ପାଇଁ ପ୍ରେରଣା ଦେଲା। ଏଥିରେ କିଛି ତ୍ରୁଟି ଦେଖାଯିବା ପରେ ଏହାକୁ ୨୦୦୧ ମସିହାରେ ପୃଥିବୀର ବାୟୁମଣ୍ଡଳକୁ ଖସାଇ ଧ୍ୱଂସ କରିଦିଆଗଲା।

ଏବେ ୨୫ ଦେଶର ମିଳିତ ଉଦ୍ୟୋଗରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର କାର୍ଯ୍ୟ କରୁଛି। ଅବଶ୍ୟ ଏଥିମଧ୍ୟରେ ଭାରତ ନାହିଁ। ଏଥିପାଇଁ ୧୫୦୦୦ କୋଟି ଡଲାର ଖର୍ଚ୍ଚ ହୋଇଛି। ୧୯୯୮ ମସିହାରେ ଏହାର ପ୍ରଥମ ମଡ୍ୟୁଲକୁ ଉତ୍‌କ୍ଷେପଣ କରାଯାଇଥିଲା ଏବଂ ୨୦୦୦ ମସିହାରୁ ଏଠାରେ ମହାକାଶଚାରୀମାନେ ଅନବରତ ରହି ଗବେଷଣା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୨ଟି ଦେଶରୁ ୨୮୬ ଜଣ ବ୍ୟକ୍ତି ଏଠାକୁ ଯାଇଛନ୍ତି। ଏହା ୨୦୩୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଯୋଜନା କରାଯାଇଛି। ଚାଇନା ୨୦୨୧ ମସିହାରେ ନିଜର ମହାକାଶ କେନ୍ଦ୍ର 'ତିଆଙ୍ଗୋଙ୍ଗ'କୁ ମହାକାଶକୁ ଉତ୍‌କ୍ଷେପଣ କରିଛି ଏବଂ ୨୦୨୨ ମସିହା ଅକ୍ଟୋବରରେ ଏହାକୁ ପ୍ରଥମ ମହାକାଶଚାରୀ ଯାଇ ରହିଛନ୍ତି। ଏହିପରି ବର୍ତ୍ତମାନ କେବଳ ଦୁଇଟି ଅନ୍ତରୀକ୍ଷ କେନ୍ଦ୍ର-ଅନ୍ତରୀକ୍ଷ ମହାକାଶ କେନ୍ଦ୍ର ଏବଂ ତିଆଙ୍ଗୋଙ୍ଗ କାର୍ଯ୍ୟରତ ଅଛି।

ଆମ ଦେଶ ଭାରତ ମହାକାଶ ଅଭିଯାନରେ ଅନେକ କୃତିତ୍ୱ ହାସଲ କରିଛି। ଚନ୍ଦ୍ରପୃଷ୍ଠରେ ଯାନ ଅବତରଣ, ମଙ୍ଗଳ କକ୍ଷରେ ମହାକାଶ ଯାନ ଏବଂ ସୂର୍ଯ୍ୟ ସନ୍ଧାନରେ ମହାକାଶ ଯାନ ପ୍ରେରଣ ହେଉଛି ଏହାର କେତେଗୁଡିଏ କୃତୀ। ଭାରତ ୨୦୨୫ ମସିହାରେ ଗଗନଯାନରେ ମହାକାଶକୁ ନିଜର ମହାକାଶଚାରୀ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଛି। ଏହି ପରିପ୍ରେକ୍ଷୀରେ ଭାରତ ନିଜର ଗୋଟିଏ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ କରିବା ପାଇଁ ଯୋଜନା କରିଛି। କେନ୍ଦ୍ର ସରକାର ଏହି ବର୍ଷ ସେପ୍ଟେମ୍ବରରେ ଏହି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାର ନାମ ରଖାଯାଇଛି 'ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର'। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହାକୁ ଗଗନଯାନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିବେଚନା କରୁଛି। ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ରକୁ ୨୦୩୫ ମସିହା ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ଇସ୍ରୋ ଘୋଷଣା କରିଛି। ଏହାର ପ୍ରଥମ ମଡ୍ୟୁଲକୁ ୨୦୨୮ ସୁଦ୍ଧା ପଠାଯିବ। ଏହାର ଓଜନ ୫୨ ଟନ୍ ହେବ ଏବଂ ଏହାକୁ ଭୂପୃଷ୍ଠରୁ ୪୦୦ରୁ ୪୫୦ କିମି ଉଚ୍ଚତା ମଧ୍ୟରେ ଅବସ୍ଥାପିତ କରାଯିବ। ପାଞ୍ଚଟି ମଡ୍ୟୁଲରେ ଏହି କେନ୍ଦ୍ର ନିର୍ମିତ ହେବ ଏବଂ ଏହାର ମୋଟ ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୭ ମିଟର ଏବଂ ୨୦ ମିଟର ରହିବ। ଏହା ମଧ୍ୟରେ ଚାରି ଜଣ ମହାକାଶଚାରୀ ଏକାଦିକ୍ରମେ ୩-୪ ମାସ ପର୍ଯ୍ୟନ୍ତ ରହି ଗବେଷଣା କରିପାରିବା ଭଳି ଏହାକୁ ଡିଜାଇନ୍ କରାଯାଇଛି। ସୌର ଫଳକ ସାହାଯ୍ୟରେ ଏହା ଆବଶ୍ୟକ ଶକ୍ତି ପାଇବ। ଆଶାକରାଯାଉଛି, ଉଲ୍ଲେଖନୀୟ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସହାୟତା କରିବ। ଅତିକମ ମାଧ୍ୟାକର୍ଷଣରେ ଗବେଷଣା କରି ଭାରତୀୟ ମହାକାଶଚାରୀମାନେ ସଫଳତା ଲାଭ କରିବାର ଅନେକ ସମ୍ଭାବନା ରହିଛି। ଏହି କେନ୍ଦ୍ର ଇସ୍ରୋ ଖ୍ୟାତିକୁ ଆହୁରି ବୃଦ୍ଧି କରିବ।

# ଯୁବଗୋଷ୍ଠୀଙ୍କୁ ଅଧିକ କ୍ୟାନ୍ସର ବିପଦ



କ୍ୟାନ୍ସର ଏବେ ଏକ ବଡ ସ୍ୱାସ୍ଥ୍ୟଗତ ସମସ୍ୟା ଭାବେ ଉଭା ହୋଇଛି । ବୟସ ବଢିବା ସହିତ କ୍ୟାନ୍ସର ବିପଦ ବଢିବାକୁ ଲାଗିଛି । ବୟସ ବଢିବା ପରେ ଇମ୍ୟୁନିଟି ପାୱାର କମିଥାଏ । ତେଣୁ କ୍ୟାନ୍ସର ଭୟ ଅଧିକ ରହିଥାଏ । ମେମୋରିଆଲ ସ୍ଲୋନ କେଟିରିଙ୍ଗ କ୍ୟାନ୍ସର ସେଣ୍ଟର ଅନୁସାରେ କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ୭୦ବର୍ଷ ବୟସ ମଧ୍ୟରେ ସମ୍ଭବ ହୋଇଥାଏ । ୮୦ରୁ ୮୫ ବର୍ଷ ବୟସରେ ଚିକିତ୍ସା ସମ୍ଭାବନା କମ ରହିଥାଏ । ରିସର୍ଚ୍ଚରୁ ଏହା ଜଣାପଡିଛି କି ବରିଷ୍ଠଙ୍କ ଅପେକ୍ଷା ଯୁବଗୋଷ୍ଠୀଙ୍କ ମଧ୍ୟରେ କ୍ୟାନ୍ସର ବିପଦ ଅଧିକ ରହିଥାଏ । ବୟସ ବଢିବା ସାଙ୍ଗକୁ କୋଷ ନୂଆ ସେଲ ପ୍ରସ୍ତୁତ କରିବା କ୍ଷମତା କମିଥାଏ । ତେଣୁ କ୍ୟାନ୍ସର ହେବା ସମ୍ଭାବନା କମ ହୋଇଥାଏ । ବୟସ ବଢିବା ସାଙ୍ଗକୁ କ୍ୟାନ୍ସର ଚରମ ସ୍ଥିତିରେ ପହଞ୍ଚିଥାଏ । ମାତ୍ର କମ ହୋଇଥାଏ ।କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ୭୦ବର୍ଷ ବୟସ ମଧ୍ୟରେ ହୋଇଥାଏ । ୮୦ରୁ ୮୫ ବର୍ଷରେ ଚିକିତ୍ସା ସମ୍ଭବନା କମିଥାଏ । ବୟସ୍କଙ୍କ ଅପେକ୍ଷା ଯୁବଗୋଷ୍ଠୀଙ୍କୁ କ୍ୟାନ୍ସର ବିପଦ ଅଧିକ ରହିଥାଏ । ଗତ ୧୦ ବର୍ଷରେ ୨୫ରୁ ୪୦ ବର୍ଷର ଯୁବଗୋଷ୍ଠୀ କ୍ୟାନ୍ସରେ ଆକ୍ରାନ୍ତ ହୋଇଛନ୍ତି । ସର୍ଭେରୁ ଏହା ଜଣାପଡିଛି କି, କୋଭିଡରେ ଆକ୍ରାନ୍ତ ହେବା ପରେ ଶରୀର ଇମ୍ୟୁନିଟି ପାୱାର କମ ହୋଇଛି। ଆଜି ବି ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରେ ସୁଧାର ଆସିନାହିଁ । ବୟସ ବଢିବା ସାଙ୍ଗକୁ କୋଷ ନୂଆ ସେଲ ପ୍ରସ୍ତୁତ କରିବା କ୍ଷମତା ହରାଇଥାଏ। ଫଳରେ ବୟସ୍କଙ୍କ ଅପେକ୍ଷା ଯୁବଗୋଷ୍ଠୀଙ୍କୁ କ୍ୟାନ୍ସର ବିପଦ ଅଧିକ ରହିଥାଏ ।

# ଟକ୍ସିକ ରିଲେସନରୁ ମିଳିବ ମୁକ୍ତି, ଆପଣାନ୍ତୁ ଏହି ଟିପ୍ସ

ଆଜିକାଲି ସମ୍ପର୍କରେ ଶୀଘ୍ର ଫାଟ ଆସୁଛି । ବିଶେଷ କରି ବୈବାହିକ ଜୀବନରେ ଏହା ଅଧିକ ସମସ୍ୟା ସୃଷ୍ଟି କରିଥାଏ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତଭେଦ ସମ୍ପର୍କରେ ଫାଟ ସୃଷ୍ଟି କରେ । ଜଣେ ପ୍ରେମ, ସମ୍ମାନରେ ସମ୍ପର୍କକୁ ବଞ୍ଚେଇବାକୁ ଚାହେଁ ତା ବଦଳରେ ସେ ସମାନ ଆଶା ରଖେ । ମାତ୍ର କିଛି ସମ୍ପର୍କରେ ସେପରି ହୋଇନଥାଏ । ସମାଜ ଭୟରେ କେହି କେହି ନକାରାତ୍ମକ ସମ୍ପର୍କକୁ ନିଭାଇବାକୁ ବାଧ୍ୟ ହୁଅନ୍ତି । ତେବେ କେମିତି ସମ୍ପର୍କ ସୁଧାରିବେ ଓ ଟକ୍ସିକ ରିଲେସନରୁ ମୁକ୍ତି ମିଳିବ ସେ ନେଇ କିଛି ଟିପ୍ସ ଆପଣାନ୍ତୁ ।

**ସତକୁ ସ୍ୱୀକାର କରନ୍ତୁ**-ମନସ୍ତତ୍ତ୍ୱବିତଙ୍କ ଅନୁସାରେ ଯଦି ଆପଣ ଟକ୍ସିସ ରିଲେସନସିପରେ ଅଛନ୍ତି ତେବେ ଏଥିରୁ ମୁକ୍ତି ପାଇପାରିବେ । ପ୍ରଥମେ ଏହାକୁ ଚିହ୍ନିବାକୁ ପଡିବ ଓ ସ୍ୱୀକାର କରିବାକୁ ହେବ । ଆପଣ କଣ ଜଣେ ଏପରି ବ୍ୟକ୍ତିଙ୍କ ସମ୍ପର୍କରେ ଅଛନ୍ତି ଯିଏ ଆପଣଙ୍କୁ ସର୍ବଦା ତାଛଲ୍ୟ କରୁଛନ୍ତି । ତାଙ୍କ ସହ ରହିଲା ତୁମେ ଅସହାୟ ଅନୁଭବ କରୁଛ କି । ଏପରି ସମ୍ପର୍କକୁ ରଖିବା ପାଇଁ ନିଜର ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସ ହରାଉ ଥିବା ଅନୁଭବ କରୁଛନ୍ତି କି। ଏପରି ସମ୍ପର୍କ ଆପଣଙ୍କ ଜୀବନ, କାମ ଓ ଭାବନା ଉପରେ ପ୍ରଭାବ ପକାଇଥାଏ।

**ସର୍ବପ୍ରଥମେ ଆପଣ**- ଅନ୍ୟଠୁ ପ୍ରେମ ଓ ସମ୍ମାନ ପାଇବାକୁ ହେଲେ ପ୍ରଥମେ ନିଜକୁ ଭଲ ପାଇବାକୁ ହେବ ସମ୍ମାନ ଦେବାକୁ ହେବ । ନିଜ ଆଗରେ ଛୋଟ କରି ଦେଉଥିବା ସମ୍ପର୍କଠୁ ଦୂରେଇବା କୌଣସି ସମ୍ମାନଠୁ କମ ନୁହେଁ । ନିଜକୁ ନକରାତ୍ମକ ଭାବନାଠୁ ଦୂରେଇ ରଖନ୍ତୁ ।

**ଗୋଟିଏ ସୁଯୋଗ ଦିଅନ୍ତୁ**-ନକାରାତ୍ମକ ସମ୍ପର୍କରୁ ମୁକ୍ତି ପାଇଁ ନିଜକୁ ଅଲଗା କରିବାକୁ ଚାହାଁନ୍ତି । ମାତ୍ର ଦୂରତା ବନେଇବା ପୂର୍ବରୁ ସମ୍ପର୍କକୁ ଗୋଟିଏ ସୁଯୋଗ ଦିଅନ୍ତୁ । ଖୋଲିଖୋଲି ବିଷୟରେ କଥା ହୁଅନ୍ତୁ । ସ୍ଥିତିରୁ ସୁଧାରିବାକୁ ଚେଷ୍ଟା କରନ୍ତୁ । ଏପରି ସ୍ଥିତିରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ । ଯଦି କିଛି ସମାଧାନ ବାଟ ବାହାରୁନାହିଁ ତେବେ ବିନା ଝଗଡାରେ ସମ୍ପର୍କ ଶେଷ କରିବାକୁ ନିଷ୍ପତ୍ତି ନିଅନ୍ତୁ ।

**ମନରୁ ଦୂରେଇ ଦିଅନ୍ତୁ**- କୌଣସି ସମ୍ପର୍କରେ ଦୂରତା ଆସିଲେ ତାକୁ ନେଇ କିଛି ନକାରାତ୍ମକ ଚିନ୍ତାଧାର ରଖନ୍ତୁ ନାହିଁ । ଜଣଙ୍କ ପଛରେ କିଛି ଭୁଲ କଥା କୁହନ୍ତୁ ନାହିଁ । ଏପରି କରିବା ଦ୍ୱାରା ଜଣାପଡିଥାଏ ଯେ ଆପଣ ସେ ସମ୍ପର୍କରୁ ଫିଜିକାଲ ଭାବେ ଦୂରେଇଛନ୍ତି ମାତ୍ର ମାନସିକ ଭାବେ ଦୂରେଇ ନାହାନ୍ତି । ଯାହା ଆପଣଙ୍କ ମାନସିକ ଶାନ୍ତିକୁ ଛଡେଇନିଏ । ସେ ସବୁବେଳ ଖୁସିରେ ରୁହନ୍ତୁ ଏତିକି ଚାହିଁବା ଦରକାର ।

**ସୀମା ପାର କରନ୍ତୁ ନାହିଁ**- ସବୁ ଜିନିଷରେ ଏକ ସୀମା ଥାଏ । ବିଶେଷ କରି ସମ୍ପର୍କରେ ଏହାର ଅଧିକ ଗୁରୁତ୍ୱଥାଏ । ସୀମା ଆମ ଜୀବନର ପ୍ରତି କ୍ଷଣରେ ପ୍ରାଥମିକତା ବହନ କରିଥାଏ । ଭାବନାକୁ ସମ୍ମାନ ଜାଣାଇବା ସମ୍ପର୍କର ଏକ ଅଂଶ । ନିଜର ଲାଭ ପାଇଁ ଅନ୍ୟର ଭାବନାକୁ କ୍ଷତି ପହଞ୍ଚାଇବା ଆଦୌ ଠିକ୍ ନୁହେଁ । ନୂଆ ଆରମ୍ଭ ପାଇଁ ଟକ୍ସିକ ରିଲେସନସିପକୁ କେଉଁଠି ଶେଷ କରିବାକୁ ହେବ ତାହା ସୀମା ହିଁ ସ୍ଥିର କରିବ ।

**ନୂଆ ଜୀବନକୁ ଉପହାର**- ଜଣେ ମହିଳା ଯେବେ ଟକ୍ସିକ ରିଲେସନରୁ ବାହାରିବାକୁ ନିର୍ଣ୍ଣୟ ନିଏ ତେବେ ତା ଜୀବନରେ ଏକ ବିରାଟ ପରିବର୍ତ୍ତନ ହୋଇଥାଏ । ଯାହାର କଳ୍ପନା ସେ କେବେ କରିନଥାନ୍ତି । ଏହି ସମୟ ତାଙ୍କୁ ଶକ୍ତିଶାଳୀ କରିଥାଏ । ଆଉ ଥରେ ନିଜକୁ ଚିହ୍ନି ଥାଏ । ନୂଆ ଆରମ୍ଭ କରିବାକୁ ନିଜକୁ ଏକ ଉପହାର ଦେଇଥାଏ ।



# ବୟସ ୫୦ ଟପିଲେ ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ ଛିନ୍ନ ହୋଇଯାଏ

ଆଲଜିମର୍ସ ରୋଗ ପ୍ରାୟ ୫୦ ବର୍ଷ ବୟସ ପରେ ପ୍ରକାଶପାଏ। ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମିଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ ଛିନ୍ନ ହୋଇଯାଏ। ଏହାଦ୍ୱାରା ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ କାର୍ଯ୍ୟରହିତ ହୋଇପଡ଼ନ୍ତି। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ପରିଲକ୍ଷିତ ହୁଏ। ପରିବର୍ତ୍ତିତ ହେଉ ନ ଥିବା ମସ୍ତିଷ୍କ ଅଞ୍ଚଳ ସୁସ୍ଥତାର ସହ କାର୍ଯ୍ୟ କରିଚାଲିବା ସତରେ ଏକ ବୈଜ୍ଞାନିକ ବିସ୍ମୟ। ହେଲେ ସ୍ନାୟୁକୋଷଗୁଡ଼ିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ପୁଣି ରୋଗୀଭେଦରେ ଏହି ପ୍ରଭାବରେ ପରିଲକ୍ଷିତ ହୋଇଥାଏ ଭିନ୍ନତା। ଜାଣି ରଖିବା କଥା ଯେ, ଆଲଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡ଼ିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଗଲେ ଆଲଜିମର୍ସ ବାହାରିବା ଆଶଙ୍କା ବେଶି।



# ଆଇସିସି ର୍‍ୟାଙ୍କିଙ୍ଗ : ଉଭୟ ଦିନିକିଆ ଓ ଟି-୨୦ର ଟପ୍ ୩ରେ ସ୍ମୃତି ମନ୍ଧାନା



**ନୂଆଦିଲ୍ଲୀ**

ଭାରତୀୟ ମହିଳା ଦଳର ଉପ ଅଧିନାୟକ ସ୍ମୃତି ମନ୍ଧାନାଙ୍କୁ ଆଇସିସି ର୍‍ୟାଙ୍କିଙ୍ଗରେ ବଡ଼ ସଫଳତା ମିଳିଛି। ସେ ଉଭୟ ଦିନିକିଆ ଓ ଟି-୨୦ ବ୍ୟାଟିଂ ରାଙ୍କିଙ୍ଗର ଟପ୍ ୩ରେ ରହିବାର ଗୌରବ ହାସଲ କରିଛନ୍ତି। ଆଇସିସି ମହିଳା ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ମନ୍ଧାନା ୩ଟି ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେହିପରି ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ସେ ଗୋଟିଏ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନ ଦଖଲ କରିଛନ୍ତି। ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ ପାଇଁ ତାଙ୍କୁ ର୍‍ୟାଙ୍କିଙ୍ଗରେ ଏପରି ଫାଇଦା ମିଳିଛି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜର ଶେଷ ମ୍ୟାଚ୍ ପର୍ଥରେ ଖେଳା ଯାଉଥିବା ବେଳେ ମନ୍ଧାନା ୧୦୫ ରନର ଇନିଂସ ଖେଳିଥିଲେ। ସେହିପରି ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜର ପ୍ରଥମ ଟି-୨୦ରେ ସ୍ମୃତି ମନ୍ଧାନାଙ୍କ ବ୍ୟାଟରୁ ୫୪ ରନ ବାହାରିଥିଲା। ଏହି ଦମ୍‌ଦାର ବ୍ୟାଟିଂ ପରେ ସେ ର୍‍ୟାଙ୍କିଙ୍ଗର ଟପ୍ ୩ରେ ରହିଛନ୍ତି। ମହିଳା ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗର ଟପ୍ ୧୦ରେ ମନ୍ଧାନା ଏକମାତ୍ର ଭାରତୀୟ। ଅଧିନାୟକ ହରମନପ୍ରୀତ କୌର ୨ଟି ସ୍ଥାନ ତଳକୁ ଖସି ୧୩ରେ ପହଞ୍ଚିଥିବା ବେଳେ ଜେମିମା ରୋଡ୍ରିଗସ୍ ୬ଟି ସ୍ଥାନ ଉପରକୁ ଉଠି ର୍‍ୟାଙ୍କିଙ୍ଗର ୧୫ତମ ସ୍ଥାନ ଦଖଲ କରିଛନ୍ତି। ପୂର୍ବ ଭଳି ଦକ୍ଷିଣ ଆଫ୍ରିକାର ଲାଉରା ୱୋଲଭାର୍ଡଟ ୧ନଂ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ମହିଳା ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗର ଟପ୍ ୧୦ରେ ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ କୌର ପ୍ରବେଶ କରିଛନ୍ତି। ସେ ୬୪୧ ପଏଣ୍ଟ ସହ ୧୦ନମ୍ବର ସ୍ଥାନରେ ଅଛନ୍ତି।

ସେହିପରି ୱେଷ୍ଟଇଣ୍ଡିଜ ବିପକ୍ଷରେ ୭୩ ରନର ଇନିଂସ ଖେଳିଥିବା ଜେମିମା ୬ଟି ସ୍ଥାନ ଉପରକୁ ଉଠି ୧୫ ନମ୍ବରରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆର ବେଥ ମୁନୀ ପୂର୍ବଭଳି ଟି-୨୦ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଛନ୍ତି।

# ଦମ୍ ଦେଖାଇଲେ ବୁମ୍‌ରା ଓ ଆକାଶ ଦୀପ୍ : ଫଲୋଅନ ଏଡ଼ାଇଲା ଭାରତ

**ବ୍ରିସବେନ**

ବାରମ୍ବାର ବର୍ଷା ଯୋଗୁ ମ୍ୟାଚ୍‌କୁ ବନ୍ଦ କରିବାକୁ ପଡୁଥିଲା। ଭାରତ ମଧ୍ୟ ନିୟମିତ ଢଙ୍ଗରେ ୱିକେଟ ହରାଇ ଚାଲିଥିଲା। ଲାଗୁଥିଲା ଗାବାରେ ପରାଜୟ ସୁନିଶ୍ଚିତ। କାରଣ ଭାରତ ଫଲୋଅନ ଖାଇବା ଏକପ୍ରକାରର ନିଶ୍ଚିତ ହୋଇଯାଇ ଥିଲା। ଭାରତ ୨୧୩ ରନରେ ୯ମ ୱିକେଟ ମଧ୍ୟ ହରାଇଥିଲା।

ଏହି ସମୟରେ ଫଲୋଅନ ଏଡ଼ାଇବାକୁ ୩୩ ରନର ଆବଶ୍ୟକ ରହିଥିଲା। ଏତିକି ବେଳେ ଶେଷ ୱିକେଟ ପାଇଁ ଚମତ୍କାର କରିଥିଲେ ଯଶପ୍ରୀତ ବୁମ୍‌ରା ଓ ଆକାଶ ଦୀପ। ଉଭୟ ଅଷ୍ଟ୍ରେଲିଆର ଦୁଇ ଦ୍ରୁତ ବୋଲର ପାଟ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ଘାଇଲା କରିଥିଲେ। ଶେଷ ୱିକେଟ ପାଇଁ ଅପରାଜିତ ୩୯ ରନ ଯୋଡ଼ି ଭାରତକୁ ଫଲୋଅନ୍‌ରୁ ବେଶ୍ ନାଟକୀୟ ଢଙ୍ଗରେ ଉଦ୍ଧାର କରିଥିଲେ।

ଫଲୋଅନ ଏଡ଼ାଇବାକୁ ୪ ରନ ବାକି ଥିବା ବେଳେ କମିନ୍ସଙ୍କୁ ଆକାଶ ଦୀପ ଗଲି ଅଞ୍ଚଳରେ ଚୌକା ମାରିଥିଲେ। ଏହି ସମୟରେ ଗାବାରେ ଥିବା ସମସ୍ତ ଦର୍ଶକ ଓ ଭାରତୀୟ ଟିମ୍‌ର ସଦସ୍ୟମାନେ ବେଶ୍ ଉତ୍ସାହିତ ହୋଇ ଉଠିଥିଲେ। ଉତ୍ସାହ ଏତିକିରେ ସୀମିତ ରହିଥିଲେ। ଫଲୋଅନ



ଏଡ଼ାଇବା ପରେ କମିନ୍ସଙ୍କୁ ଆକାଶ ଦୀପ ମିଡ୍ ୱିକେଟ ଅଞ୍ଚଳରେ ପୁଣି ଗୋଟିଏ ବିରାଟ ଛକା ମାରିଥିଲେ।

ଉଭୟ ୧୦ମ ୱିକେଟ ପାଇଁ ୩୯ ରନ ଯୋଡ଼ି ୪ର୍ଥ ଦିନର ଖେଳ ଶେଷ ସୁଦ୍ଧାର ଭାରତର ସ୍କୋରକୁ ୨୫୨ ରନରେ ପହଞ୍ଚାଇ ଦେଇଛନ୍ତି। ଭାରତ ଏବେ ବି ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୧୯୩ ରନ ପଛରେ ରହିଛି। ହେଲେ ପରାଜୟ ଆଶଙ୍କାକୁ କିଛି ମାତ୍ରାରେ ଟାଳି ଦେଇଛି।

ଷ୍ଟମ୍ପ୍ ଅପସାରଣ ବେଳକୁ ବୁମ୍‌ରା ୧୦ ରନ ଓ ଆକାଶ ଦୀପ ୨୭ ରନ କରି ଅପରାଜିତ ରହିଛନ୍ତି। ଉଭୟ ବୁଧବାର ପୁଣି ବ୍ୟାଟିଂ କରିବେ।

ମଙ୍ଗଳବାର ୪ର୍ଥ ଦିନ ବେଶ୍ ନାଟକୀୟ ଢଙ୍ଗରେ ଆରମ୍ଭ ହୋଇଥିଲା। ସୋମବାର ଅପରାଜିତ ଥିବା କେଏଲ ରାହୁଲ ୩୩ ରନରୁ ଇନିଂସ ଆରମ୍ଭ କରିଥିଲେ। ହେଲେ ପ୍ରଥମ ବଲ୍‌ରେ ସେ କ୍ୟାଚ୍ ଦେଇଥିଲେ ହେଁ ଏହାକୁ ସ୍ଲିପ୍ ଅଞ୍ଚଳରେ ଛିଡ଼ା ହୋଇଥିବା ଷ୍ଟିଭ ସ୍ମିଥ୍ ହାତ ଛଡ଼ା କରି ଦେଇଥିଲେ। ମଙ୍ଗଳବାରର ଅନ୍ୟତମ ଅପରାଜିତ ବ୍ୟାଟର ତଥା ଭାରତୀୟ ଟିମ୍‌ର ଅଧିନାୟକ ରୋହିତ ଶର୍ମା ପୁଣି ସମସ୍ତଙ୍କୁ ନିରାଶ କରିଥିଲେ। ସେ ମାତ୍ର ୧୦ ରନ କରି କମିନ୍ସଙ୍କ ବଲରେ ଆଉଟ ହୋଇଥିଲେ। ଭାରତ ୭୪ ରନରେ ରୋହିତଙ୍କୁ ହରାଇଥିଲା। ହେଲେ ଏତିକି ବେଳେ ରାହୁଲ ଓ ଜାଡ଼େଜା ସ୍ଥିତି ସମ୍ଭାଳି ଥିଲେ। ରାହୁଲଙ୍କ ବ୍ୟାଟ୍‌ରୁ ମଧ୍ୟ ଆଉ ଏକ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। କିନ୍ତୁ ସେ ୮୪ ରନ କରିଥିବା ବେଳେ ତାଙ୍କୁ ନାଥନ ଲାୟନ ଆଉଟ କରି ଦେଇଥିଲେ।

ନୀତୀଶ କୁମାର ରେଡ୍ଡୀଙ୍କ ସହ ମିଶି ଜାଡ଼େଜା ଦଳୀୟ ସ୍କୋରକୁ ୧୯୪ ରନରେ ପହଞ୍ଚାଇଥିଲେ। କିନ୍ତୁ କମିନ୍ସଙ୍କୁ କଟ୍ ମାରିବାକୁ ଯାଇ ନୀତୀଶ କୁମାର ୧୬ ରନରେ ଆଉଟ ହୋଇଯାଇଥିଲେ। ଲଞ୍ଚ୍ ପରେ ଜାଡ଼େଜାଙ୍କ ବ୍ୟାଟରୁ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ୯ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ମହମ୍ମଦ ସିରାଜ କେବଳ ୧ ରନ କରିଥିଲେ। ଜାଡ଼େଜା ବ୍ୟକ୍ତିଗତ ୭୭ ରନରେ ଥିବା ବେଳେ କମିନ୍ସଙ୍କ ବଲରେ ଆଉଟ ହୋଇଯାଇଥିଲେ। ଏହି ସମୟରେ ଭାରତର ସ୍କୋର ୨୧୩ ରନ ରହିଥିଲା।

ଲାଗୁଥିଲା ଭାରତ ଫଲୋଅନ ଏଡ଼ାଇ ପାରିବ ନାହିଁ। କାରଣ ଦଳ ହାତରେ କେବଳ ଗୋଟିଏ ୱିକେଟ ରହିଥିଲା। କିନ୍ତୁ ସବୁ ପ୍ରତିକୂଳ ପରିସ୍ଥିତିକୁ ମାତ୍ ଦେଇ ବୁମ୍‌ରା ଓ ଆକାଶ ଦୀପ କମାଲ କରିଥିଲେ। ଉଭୟ ଭାରତକୁ ନିଶ୍ଚିତ ବିପଦରୁ ଉଦ୍ଧାର କରିବା ସହ ଖରାପ ଆଲୁଅ ପାଇଁ ମ୍ୟାଚ୍ ବନ୍ଦ ହେବା ଯାଏ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ।

# ବାର୍ଷିକ କ୍ରୀଡ଼ା : ଉଚ୍ଚ ଡିଆଁ ଖେଳ ବେଳେ ତଳେ ପଡ଼ି ଭାଙ୍ଗିଲା ଛାତ୍ରଙ୍କ ହାତ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ବେଳେ ଘଟିଲା ଅଘଟଣ। ଉଚ୍ଚ ଡିଆଁ ଖେଳ ବେଳେ ତଳେ ପଡ଼ି ଛାତ୍ରଙ୍କ ବାମ ହାତ ଭାଙ୍ଗିଯାଇଥିବା ଜଣାପଡ଼ିଛି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏଭଳି ଘଟଣା। ଆହତ ଛାତ୍ର ଜଣକ ସପ୍ତମ ଶ୍ରେଣୀର ଲିଙ୍କନ ନାୟକ ହୋଇଥିବା ସୂଚନା ମିଳିଛି। ଘଟଣା ପ୍ରକାରେ ବାଲିଗୁଡ଼ା ବ୍ଲକ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଚାଲିଥିଲା। ସୋମବାର ଅପରାହ୍ନରେ ଉଚ୍ଚ ଡିଆଁ ଖେଳ ଚାଲିଥିବା ବେଳେ ଛାତ୍ର ଜଣକ ଭୂଇଁରେ ପଡ଼ିଯିବାରୁ ତାଙ୍କ ବାମ ହାତରେ ଆଘାତ ଲାଗିଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରଙ୍କୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚିକିତ୍ସା ପରେ ଛାତ୍ର ଲିଙ୍କନ ନାୟକଙ୍କ ହାତ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସେପଟେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଆହତ ଛାତ୍ରଙ୍କୁ ବ୍ରହ୍ମପୁର ଏମକେସିଜି ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ଆହତ ଛାତ୍ର ଜଣକ ବିଦ୍ୟାଳୟ ଛାତ୍ରାବାସରେ ରହି ପାଠ ପଢୁଥିଲେ। ତାଙ୍କ ଘର ଦାରିଙ୍ଗବାଡ଼ି ବ୍ଲକ୍ ଅନ୍ତର୍ଗତ ଦନେକବାଡ଼ି ପଞ୍ଚାୟତର ଜିର୍ଜାମାହା ଗ୍ରାମ ବୋଲି ଜଣାପଡ଼ିଛି।

# ସୋଆରେ ଓଡ଼ିଶା ଓପନ୍ ଏବଂ ୧୫ତମ ଆନ୍ତର୍ଜାତିକ ଗ୍ରାଣ୍ଡମାଷ୍ଟର ଚେସ୍ ଉତ୍ସବ : ୨୦ଟି ଦେଶରୁ ୭୦୦ ପ୍ରତିଯୋଗୀ ସାମିଲ

**ଭୁବନେଶ୍ୱର**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଠାରେ ରବିବାର ଓଡ଼ିଶା ଓପନ୍ ଏବଂ ୧୫ତମ ଆନ୍ତର୍ଜାତିକ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍ ଉତ୍ସବ ଆରମ୍ଭ ହୋଇଛି । ୮ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ଟି ଦେଶରୁ ପ୍ରାୟ ୭୦୦ ପ୍ରତିଯୋଗୀ ସାମିଲ ହୋଇଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟକୁ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଭିନ୍ନ ବୟସର ଖେଳାଳିମାନେ ଆଗ୍ରହର ସହ ଏହି ପ୍ରତିଯୋଗିତାରେ ସାମିଲ ହୋଇଥିବା ନେଇ ସେ ଖୁସି ବ୍ୟକ୍ତ କରିଥିଲେ । ଏହାକୁ ଏକ ଉଚ୍ଚକୋଟୀର କାର୍ଯ୍ୟକ୍ରମ ବୋଲି ଅଭିହିତ କରିବା ସହ ଏହା ସାହାଯ୍ୟରେ ଚେସ୍ ଖେଳକୁ ଅଧିକ ଲୋକାଭିମୁଖୀ କରିହେବ ବୋଲି ଶ୍ରୀ ହରିଚନ୍ଦନ କହିଥିଲେ ।

ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ) ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ସୋଆ, ରୋଟାରୀ ଇନ୍‌ଷ୍ଟର ନ୍ୟାସନାଲ ଏବଂ



ଏମପ୍ରିଓ ଗ୍ରୁପ୍‌ର ମିଳିତ ସହଯୋଗରେ ଆୟୋଜିତ ହେଉଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ପୁରସ୍କାର ରାଶି ୪୦ ଲକ୍ଷ ଟଙ୍କା ରଖାଯାଇଛି। 'ଏ' କ୍ୟାଟେଗୋରୀରେ ୧୯୦୦ କିମ୍ବା ଅଧିକ ଏଲୋ ରେଟିଂ ଥିବା ପ୍ରାୟ ୧୨୦ ଜଣ ଖେଳାଳି ଭାଗ ନେଇଥିବା ବେଳେ କ୍ୟାଟେଗୋରୀ 'ବି'ରେ ୧୯୦୦ରୁ କମ୍ ଏଲୋରେଟିଂ ଥିବା ଖେଳାଳି ଏବଂ କ୍ୟାଟେଗୋରୀ 'ସି'ରେ ୧୬୦୦ରୁ କମ୍ ଏଲୋରେଟିଂ ଥିବା ଖେଳାଳି ସାମିଲ ହୋଇଛନ୍ତି।

କ୍ୟାଟେଗୋରୀ 'ଏ'ର ମୋଟ ପୁରସ୍କାର ରାଶି ୨୫ ଲକ୍ଷ ଟଙ୍କା ରହିଥିବା ବେଳେ ସର୍ବାଧିକ ପୁରସ୍କାର ସାଢ଼େ ୫ ଲକ୍ଷ ଟଙ୍କା ରଖାଯାଇଛି। ସେହିପରି କ୍ୟାଟେଗୋରୀ 'ବି' ଏବଂ କ୍ୟାଟେଗୋରୀ 'ସି' ନିମନ୍ତେ ସାଢ଼େ ସାତ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ରଖାଯାଇଛି । ସୋଆର ଦ୍ୱିତୀୟ କ୍ୟାମ୍ପସ୍‌ରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ବାବୁ ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଅର୍ଗାନାଇଜିଂ କମିଟିର ଅଧ୍ୟକ୍ଷ ତଥା ଏମ୍ପ୍ରିଓ ଗ୍ରୁପ୍‌ର ନିର୍ଦ୍ଦେଶକ ଡାକ୍ତର ଅବିନାଶ ସାମଲ, ଟୁର୍ଣ୍ଣାମେଣ୍ଟର ଅର୍ଗାନାଇଜିଂ କମିଟିର ସହ ଅଧ୍ୟକ୍ଷ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଏଓସିଓର ସଚିବ ତଥା ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ଦେବବ୍ରତ ଭଟ୍ଟ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର ଏବଂ ସୋଆର ସ୍ପୋର୍ଟ୍ସ ଅଫିସର ସୁନୀତା ବର୍ମା ଉପସ୍ଥିତ ଥିଲେ।

# ଦିଲ୍ଲୀ ଏନ୍‌ସିଆର୍ ଠାରେ ଡିଏଭି ଜାତୀୟ କ୍ରୀଡ଼ା-୨୦୨୪ ଉଦ୍‌ଯାପିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦେଶ ମଧ୍ୟରେ ଅବସ୍ଥାପିତ ଡି.ଏ.ଭି ବିଦ୍ୟାଳୟ ସମୂହର ବାର୍ଷିକ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା–୨୦୨୪ ଇତି ମଧ୍ୟରେ ଦିଲ୍ଲୀ ଏନ୍.ସି.ଆର୍ ଠାରେ ଉଦ୍‌ଯାପିତ ହୋଇଯାଇଛି। ୧୪, ୧୭ ଏବଂ ୧୯ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବିଭାଗରେ ସମୁଦାୟ ୩୦ଟି ବିଭାଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଡି.ଏ.ଭି ବିଦ୍ୟାଳୟରୁ ୨୭୦ ଜଣ ପ୍ରତିଯୋଗୀ ଐକିକ ତଥା ଦଳଗତ ବିଭାଗରେ ଭାଗନେଇ ଏକକ ବିଭାଗରେ ୨୫ ସ୍ୱର୍ଣ୍ଣ, ୨୨ ରୌପ୍ୟ ଓ ୩୦ କାଂସ୍ୟ ତଥା ଦଳଗତ ବିଭାଗରେ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୫ କାଂସ୍ୟ ପଦକ ସହ ସମୁଦାୟ ୯୧ଟି ପଦକ ହାସଲ କରି ଏକ ସର୍ବକାଳୀନ ରେକର୍ଡ ସୃଷ୍ଟିକରିବା ସହ ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି। ପ୍ରମୁଖ ପଦକ ହାସଲକାରୀଙ୍କ ମଧ୍ୟରେ ଏକକ ବିଭାଗ ଜିମ୍ନାଷ୍ଟିକ୍‌ରେ ଡି.ଏ.ଭି କଳିଙ୍ଗ ନଗରର ପ୍ରୀତି ଝଙ୍କାର ୪ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ସିଦିକ୍ଷା ସାହୁ ୨ କାଂସ୍ୟ, ଡି.ଏ.ଭି ପୁରୀର ସେଲିନା ଶ୍ରେଷ୍ଠା ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ କାଂସ୍ୟ, ସନ୍ତରଣ ପ୍ରତିଯୋଗିତାରେ ଡି.ଏ.ଭି ସି.ଡି.ଏ କଟକର ମନୋଜିତ୍ ରାୟ ୨ ସ୍ୱର୍ଣ୍ଣ, ୧ ରୌପ୍ୟ, ଡି.ଏ.ଭି ପୁରୀର କୀର୍ତ୍ତିକିରଣମୟୀ ସାହୁ ୨ ରୌପ୍ୟ, ଡି.ଏ.ଭି ୟୁନିଟ୍– ୮ର ଦେବେଶ୍ ଖରବ ୧ ରୌପ୍ୟ ଓ ୧ କାଂସ୍ୟ, ରୋଲର ସ୍କେଟିଙ୍ଗ୍ ବିଭାଗରେ ଡି.ଏ.ଭି ପୋଖରିପୁଟର ଅନସୁଲ କେଶରୀ ପ୍ରହରାଜ ୧ ସ୍ୱର୍ଣ୍ଣ, ୧ କାଂସ୍ୟ, ଡି.ଏ.ଭି ଚନ୍ଦ୍ରଶେଖରପୁରର ସାଇ ରେୟାନ୍‌ସ ପରିଡ଼ା ୨ ସ୍ୱର୍ଣ୍ଣ ଓ ସୋମନିଲ ଆଦିଶକ୍ତି ବାଗ୍ ୨ ସ୍ୱର୍ଣ୍ଣ, ସାନ୍‌ଭି ତିୱାରୀ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ତୀରନ୍ଦାଜ୍ ବିଭାଗରେ ଡି.ଏ.ଭି ଲାଞ୍ଜିଗଡ଼ର କ୍ଷୀରୋଦ କୁମାର ୧ ସ୍ୱର୍ଣ୍ଣ, ୨ ରୌପ୍ୟ ପଦକ ସହ ଅନ୍ୟାନ୍ୟ ବିଭାଗ ଯଥା ବନ୍ଧୁକ ଚାଳନା, ଦୌଡ଼କୁଦ, କରାଟେ, ଟାଇକୋଣ୍ଡ, ଏରୋବିକ୍ସ, ଉସୁ, ଦୌଡ଼ିଡିଆଁରେ ପଦକ ହାସଲ କରି ରାଜ୍ୟପାଇଁ ଗୌରବ ଆଣିଛନ୍ତି। ସେହିପରି ଦଳଗତ ବିଭାଗରେ ୧୪ ବର୍ଷରୁ କମ୍ ବାଳିକା ବିଭାଗ ଖୋଖୋ, ୧୪ ବର୍ଷରୁ କମ୍ ବାଳକ ବିଭାଗ ସ୍କେଟିଙ୍ଗ, ୧୭ ବର୍ଷରୁ କମ୍ ବାଳିକା ବିଭାଗ ଚେସ୍, ୧୯ ବର୍ଷରୁ କମ୍ ବାଳକ ବିଭାଗ ଏରୋବିକ୍ସରେ ସ୍ୱର୍ଣ୍ଣ, ୧୭ ବର୍ଷରୁ କମ୍ ବାଳକ ବିଭାଗ ଚେସ୍, ଲନ୍ ଟେନିସ୍, ରୋଲର ସ୍କେଟିଙ୍ଗ୍ ଓ ତୀରନ୍ଦାଜ୍, ୧୯ ବର୍ଷରୁ କମ୍ ବାଳକ ବିଭାଗ କ୍ରିକେଟର ରୌପ୍ୟ, ୧୪ବର୍ଷରୁ କମ୍ ବାଳିକା ବିଭାଗ ଲନ୍ ଟେନିସ୍, ଚେସ୍, ଏରୋବିକ୍ସ ଓ ଦୌଡ଼ିଡିଆଁ ଏବଂ ୧୭ ବର୍ଷରୁ କମ୍ ବାଳିକା ବିଭାଗ ତୀରନ୍ଦାଜ୍‌ରେ କାଂସ୍ୟ ପଦକ ସହ ରାଜ୍ୟକୁ ଏହି ଜାତୀୟ ପ୍ରତିଯୋଗିତାରେ ଏକ ବିଶାଳ ପଦକ ତାଲିକାରେ ଅନ୍ତର୍ଭୁକ୍ତ କରିଥିଲେ। ବିଦ୍ୟାଳୟ ସମୂହର ସର୍ବୋଚ୍ଚ ଅନୁଷ୍ଠାନ ଡି.ଏ.ଭି କଲେଜ ପରିଚାଳନା ସମିତି, ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ବିଦ୍ୟାଳୟରୁ କ୍ଲଷ୍ଟର ଏବଂ ଜୋନାଲ ପ୍ରତିଯୋଗିତା ମାଧ୍ୟମରେ ଉତ୍ତୀର୍ଣ୍ଣ ହୋଇ ୧୫୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କର କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଇଣ୍ଡିଆ ଗେଟ୍ ସ୍ଥିତ ମେଜର ଧ୍ୟାନଚାନ୍ଦ୍ ଷ୍ଟାଡିୟମ୍‌ରେ ଆୟୋଜିତ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ତଥା ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଦେଶର ସଫଳ କ୍ରୀଡ଼ାବିତ୍‌ଙ୍କ ଉପସ୍ଥିତିରେ ସମିତିର ସଭାପତି ପୁନମ୍ ସୁରୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଡି.ଏ.ଭି ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀଙ୍କର ମାର୍ଗଦର୍ଶନ, ଜାତୀୟ କ୍ରୀଡ଼ାର ରାଜ୍ୟ ସଂଯୋଜକ ତଥା ଡି.ଏ.ଭି ୟୁନିଟ୍-୮ ଭୁବନେଶ୍ୱରର ଅଧ୍ୟକ୍ଷା ଇପ୍‌ସିତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ଡି.ଏ.ଭି କଳିଙ୍ଗ ନଗରର ବରିଷ୍ଠ କ୍ରୀଡ଼ା ଶିକ୍ଷକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଡି.ଏ.ଭି ଝାରସୁଗୁଡ଼ାର ବିଜୟ କୁମାର ଦାସ, ଡି.ଏ.ଭି ରାଉରକେଲାର ମିନତୀ ପାତ୍ର ଏବଂ ଡି.ଏ.ଭି ବ୍ରଜରାଜନଗରର ନିବେଦିତା ରାଉତରାୟଙ୍କର ନେତୃତ୍ୱରେ ରାଜ୍ୟର ଏହି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦଳକୁ ଉପଯୁକ୍ତ ମାର୍ଗଦର୍ଶନ ଦେବାପାଇଁ ଡି.ଏ.ଭି ବସୁନ୍ଧରାର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦ୍‌ବାକ୍, ଡି.ଏ.ଭି ଅନୁଗୁଳର ଅଧ୍ୟକ୍ଷ ସମୀର କାନୁନ୍‌ଗୋ, ଡି.ଏ.ଭି ବନହରପାଲୀର ଅଧ୍ୟକ୍ଷା ଅନୀତା ଭାଗ୍ୟରାଜ ଓ ଅଦାନୀ ଡି.ଏ.ଭି ଭଦ୍ରକର ଅଧ୍ୟକ୍ଷା କ୍ରିଷ୍ଟପ୍ରିୟା ଷଡ଼ଙ୍ଗୀ ପ୍ରମୁଖ ଦଳସହ ଦିଲ୍ଲୀ ଯାତ୍ରା କରିଥିଲେ । ରାଜ୍ୟ ମଧ୍ୟରେ ଏହି ପ୍ରତିଯୋଗିତା ପାଇଁ ମନୋନୟନ ପଦ୍ଧତିକୁ ପରିଚାଳନା କରୁଥିବା କ୍ଲଷ୍ଟର ମୁଖ୍ୟ ଡି.ଏ.ଭି ପୋଖରୀପୁଟର ଅଧ୍ୟକ୍ଷ ବିପିନ୍ କୁମାର ସାହୁ, ଡି.ଏ.ଭି କଣିହାଁ ତାଳଚେରର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ରାଜ୍ୟଦଳର ଏହି ଯାତ୍ରାକୁ ସୂଚାରୁରୂପେ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଆଞ୍ଚଳିକ ନିର୍ଦ୍ଦେଶକ, ସହ ନିର୍ଦ୍ଦେଶକ ନିର୍ଦ୍ଦେଶିକା, ବିଭିନ୍ନ ବିଦ୍ୟାଳୟର ମୁଖ୍ୟ, କ୍ରୀଡ଼ାବିତ୍, ଅଭିଭାବକ, ବୁଦ୍ଧିଜୀବୀ ତଥା ବିଭିନ୍ନ ବିଭାଗରୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରାଯାଇଛି।

# ବୀରମହାରାଜପୁର ମହିଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ନିକଟସ୍ଥ ବାଗବାର ଚନ୍ଦ୍ରମଣି ମଠ ଓ ହନୁମାନ ବାଟିକାରୁ ମଶାଲ ଶୋଭାଯାତ୍ରାରେ ଆସିଲା ପରେ ବୀରମହାରାଜପୁର କଲେଜର ଅବସର ପ୍ରାପ୍ତ ଖେଳ ଶିକ୍ଷକ ନରେନ୍ଦ୍ର ଋନ୍ଦ ଓ ଅନୁଷ୍ଠାନର ଅଧ୍ୟକ୍ଷ ଆଶୁତୋଷ ହୋତା ଏହି ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ସଭାରେ କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତା ସଭାପତିତ୍ୱ କରିଥିବା ବେଳେ ବୀରମହାରାଜପୁର କଲେଜର ଅବସରପ୍ରାପ୍ତ ଖେଳ ଶିକ୍ଷକ ନରେନ୍ଦ୍ର ଋନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପରେ ଦୌଡ଼ (୧୦୦, ୨୦୦ ଓ ୪୦୦ ମିଟର) ଲମ୍ବଡ଼ିଆଁ, ଶଟ୍‌ପୁଟ୍, ଡିସ୍କସ୍ ଓ ଜାଭଲିନ ଥ୍ରୋ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବୀରମହାରାଜପୁର କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଜିଲ୍ଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡଃ ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠ ପଢା ସହ କ୍ରୀଡ଼ାର ମହତ ବିଷୟରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରିଚ୍ଚଳନା କମିଟିର ସମ୍ପାଦକ ତଥା ବୀରମହାରାଜପୁର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଂଜିତ କୁମାର ରଥ ଓ ନରେନ୍ଦ୍ର ଋନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସନ୍ତୋଷିନୀ ନାୟକ ସଂଯୋଜନା କରିଥିବା ବେଳେ ଶେଷରେ କଲେଜର ଖେଳ ଶିକ୍ଷୟିତ୍ରୀ ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀ କାଜଲ ନାୟକ ୩ଟି ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ଏ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ପୁରସ୍କୃତ ହୋଇଥିଲେ। ସନ୍ତୋଷ ବେହେରା, ଓମ୍‌ପ୍ରକାଶ ପଣ୍ଡା ସୁମନ୍ତ କଲତା ପିଙ୍କୁ ଗାଇଗାରିଆ ତଥା କଲେଜର ସମସ୍ତ କର୍ମଚ୍ଚରୀମାନେ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମକୁ ପରିଚ୍ଚଳନା କରିଥିଲେ।

GOVERNMENT OF ODISHA **O-902**

OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

**Corrigendum**

No. 5324 / Date 13.12.2024

1st Corrigendum to Bid Identification No.Tender-Online-C.C.28 of 2024 Dated 25.11.2024 invited vide Lr. No.5085 dated 25.11.2024 of Chief Construction Engineer, Central Rural Works Circle, Bhubaneswar

The date of availability of tender, date of opening of Technical Bid & Financial Bid invited vide this office N.I.T. No.Tender-Online-C.C.-28 of 2024 Dt-25.11.2024 issued vide Lr.No.5085 Dt-25.11.2024 of the Chief Construction Engineer. Central Rural Works Circle, Bhubaneswar is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of opening of tender | |
|---|---|---|---|---|
| | | Upto | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-28 of 2024 | 26.12.2024 up to 5.00 P.M. | 27.12.2024 at 11.00 A.M. | To be intimated later on |

All other conditions remain unaltered.

Sd/- CHIEF CONST.ENGINEER
CENTRAL R.W.CIRCLE, BHUBANESWAR

OIPR-25194/11/0018/2425

**CORRIGENDUM** **MM-340**

"Instruction to Bidders:- (Tender Notice No.6311 /1F/2024 Dt.06.12.2024) has been changed to as Notice No. 6324/1F/2024 Dt.07.12.2024 for the Construction of Staff Barrack at Kiakata under Madhapur Range of Athmallik Forest Division and Notice No. 6322/1F/2024 Dt.07.12.2024 for the Construction of Staff Barrack at Charkhaman under Handapa Range of Athamllik Forest Division. The corresponding documents have been uploaded in the www.odishaforest.in website. The last date for tender submission remains the same.

Sd/- Divisional Forest Officer,
Athmallik Division.

OIPR-08125/11/0011/2425

# ଟଙ୍ଗାହାତ କଡ଼ାଦଣ୍ଡ



ସତୀଶ ବିଶ୍ୱାଳ

ଦେଶ ସ୍ୱାଧୀନ ହେବା ପୂର୍ବରୁ ଅତ୍ୟାଚାରୀ ରାଜାମାନଙ୍କ ମଧ୍ୟରେ ଚର୍ଚ୍ଚାରେ ଥିଲେ ଢେଙ୍କାନାଳର ରାଜା ଶଙ୍କର ପ୍ରସାଦ ମହେନ୍ଦ୍ର ବାହାଦୂର। ଢେଙ୍କନାଳ ଚଢେଇହଡ଼ା ଡାକବଙ୍ଗଳା ଏବଂ ଯତନନଗର ଥିଲା ଏହି ଅତ୍ୟାଚାରର ମୁକ ସାକ୍ଷୀ। ଏଠାରେ ଇଂରେଜ ସରକାରଙ୍କ ମେଜର ବେଜେଲଗେଟ ଏବଂ ରାଜାଙ୍କ କର୍ମଚାରୀ ନନ୍ଦ ପେଷ୍କାର ପ୍ରଜାମାନଙ୍କୁ ସମସ୍ତ ପ୍ରକାର ନାହିଁ ନଥିବା ଅତ୍ୟାଚାର ଦେବାରେ ଅସରନ୍ତି ଆନନ୍ଦ ପାଉଥିଲେ। ଏପରିକି ଯୁବତୀ ଝିଅ ଏବଂ ବୋହୂମାନେ ଏହି ଅତ୍ୟାଚାରର ଶିକାର ହେଉଥିଲେ। ଏହି ସମୟରେ ଶାସକଙ୍କ ମାନବିକତାର ସବୁ ସୀମା ଉଲ୍ଲଂଘନ ନିକଟରେ ପାଶବିକତା ଠାରୁ ବି ଢେର ଅଧିକ ଥିଲା।

ପୁରାଣ, ଇତିହାସ ଓ ବର୍ତ୍ତମାନ ସମୟରେ ଅତ୍ୟାଚାର ଓ ଶୋଷଣ ବିରୋଧରେ ଯୁଗେ ଯୁଗେ ପ୍ରତିବାଦର ଆନ୍ଦୋଳନ ମୁଣ୍ଡ ଟେକିଛି। ଢେଙ୍କାନାଳ ରାଜାଙ୍କ ସହ ଇଂରେଜ ଶାସନ କଳର ମହାମେଣ୍ଟ ଯେତିକି ଅତ୍ୟାଚାରୀ ହୋଇଥିଲା, ପ୍ରଜାମାନଙ୍କ ମଧ୍ୟରେ ପ୍ରତିବାଦର ସ୍ୱର ସେତିକି ଜାଗ୍ରତ ହୋଇଥିଲା। ବିଶ୍ୱର ସର୍ବକନିଷ୍ଠ ସଂଗ୍ରାମୀ ବାଜି ରାଉତ ସହିଦ ହେବା ପରେ ଏହି ପ୍ରତିବାଦର ନିଆଁ ଅଧିକ ଜାଗ୍ରତ ହେଲା। ଫଳସ୍ୱରୂପ ୧୯୩୮ ମସିହାରେ ଢେଙ୍କାନାଳ ପ୍ରଜା ଆନ୍ଦୋଳନ ସମଗ୍ର ଗଡ଼ଜାତ ଏବଂ ରାଜା ରାଜୁଡ଼ା ଅତ୍ୟାଚାର ବିରୋଧରେ ଏକ ପ୍ରେରଣା ଭାବେ ଉଭା ହେଲା। ଅତ୍ୟାଚାର ଯେତିକି ବଢୁଥିଲା ତଦନୁସାରେ ଢେଙ୍କାନାଳ ମାଟିରେ ସଂଗ୍ରାମୀଙ୍କ ସଂଖ୍ୟା ମଧ୍ୟ ବଢୁଥିଲା। ସେମାନଙ୍କ ମଧ୍ୟରେ ଭିନ୍ନ ଏକ ସ୍ୱାଧୀନତା ସଂଗ୍ରାମୀ ଥିଲେ ଶ୍ରୀଧର ସାହୁ। ୧୯୧୫ ମସିହା ଡିସେମ୍ବର ମାସ ୧୮ ତାରିଖରେ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଗ୍ରାମରେ ପିତା ମଧୁସୂଦନ ଏବଂ ମାତା ଆଶାଲତା ଦେବୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ ଶ୍ରୀଧର।

ନିମ୍ନ ମଧ୍ୟବିତ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିବା ଶ୍ରୀଧର ଇଂରେଜ ଏବଂ ରାଜାଙ୍କ ଶାସନ ବିରୋଧରେ ଗଢି ଉଠିଥିବା ପ୍ରଜା ଆନ୍ଦୋଳନର ଜଣେ ଆଗ ଧାଡ଼ିର ନେତା ହୋଇଥିଲେ। ଏଥିପାଇଁ ଢେଙ୍କାନାଳ ରାଜାଙ୍କ ଅତ୍ୟାଚାରର ଶିକାର ହେଲେ। ତାଙ୍କର ବହୁ ଜମିବାଡ଼ି ରାଜା ଛଡ଼ାଇ ନେଲେ। ଢେଙ୍କାନାଳ ରାଜାଙ୍କ କୁଶାସନକୁ ସହି ନପାରି ସେ ସମୟରେ ଝିଅ, ବୋହୂଙ୍କୁ ନେଇ ବହୁ ପରିବାର ରାଜାଙ୍କ ଶାସନ ପରିସରରେ ନଥିବା ଯାଜପୁର ଜିଲ୍ଲା ଅଞ୍ଚଳକୁ ଚାଲି ଯାଉଥିଲେ। ଏହି ଧାରାରେ ଶ୍ରୀଧର ମଧ୍ୟ ସଂଗ୍ରାମୀମାନଙ୍କ ତାଲିମ ପାଇଁ ନିହଲପ୍ରସାଦ ନିକଟରେ ଥିବା ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର 'କଲାଣ୍ଡ'ରେ ନିଜ କ୍ୟାମ୍ପ ପ୍ରତିଷ୍ଠା କରିଥିଲେ। ଏହି କ୍ୟାମ୍ପକୁ ନିୟମିତ ନବକୃଷ୍ଣ ଚୌଧୁରୀ ଏବଂ ମାଳତୀ ଚୌଧୁରୀ ଆସୁଥିଲେ। ଢେଙ୍କାନାଳ ଏବଂ ଯାଜପୁର ଜିଲ୍ଲାର ସ୍ୱାଧୀନତା ଆନ୍ଦୋଳନକୁ ଉଜ୍ଜିବିତ କରିବାରେ ଏହି କ୍ୟାମ୍ପର ଭୂମିକା ଥିଲା। ଏଠାରେ ଢେଙ୍କାନାଳ ରାଜା ଏବଂ ତାଙ୍କ ସେନା ବାହିନୀ ପ୍ରବେଶ କରି ପାରୁ ନଥିବାରୁ ଶ୍ରୀଧର ଏଠାରୁ ପ୍ରଜା ଆନ୍ଦୋଳନର ସମସ୍ତ ଗୋଟି ଚାଳନା କରୁଥିଲେ ଏବଂ ନୂଆ ସଂଗ୍ରାମୀ ସୃଷ୍ଟି କରିବା ପାଇଁ ତାଲିମ ଦେଉଥିଲେ।

ଏହାସତ୍ତ୍ୱେ ବି ଢେଙ୍କାନାଳ ରାଜ୍ୟ ଭିତରକୁ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଭାରତଛାଡ଼ ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ପ୍ରସ୍ତୁତି ପାଇଁ ଗୁପ୍ତରେ ଯାଉଥିବା ବେଳେ ଧରାପଡ଼ି ଶ୍ରୀଧର ଗିରଫ ହେଲେ। ଢେଙ୍କାନାଳ ଜେଲରେ ବନ୍ଦୀ ଜୀବନ ବିତାଇବା ବେଳେ କଏଦୀମାନଙ୍କୁ ମାଟି ଖପରାରେ ଖାଇବାକୁ ଦିଆଯାଉଥିଲା। ଗୋଟିଏ ପାଇଖାନାରେ କଏଦୀମାନେ ଲମ୍ବା ଧାଡ଼ିରେ ଠିଆ ହୋଇ ଶୌଚ ହେଉଥିଲେ। କଏଦୀମାନଙ୍କୁ ବହିପତ୍ର ଏବଂ ଖବର କାଗଜ ପଢିବାର ସୁଯୋଗ ଦିଆଯାଉ ନଥିଲା। ଏହା



ଢେଙ୍କାନାଳର ସ୍ୱାଧୀନତା ସଂଗ୍ରାମୀ ଶ୍ରୀଧର ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ବିରୋଧରେ କଏଦୀ ଶ୍ରୀଧର ଜେଲ୍ ଭିତରେ ଆନ୍ଦୋଳନ ଆରମ୍ଭ କରି ୨୧ ଦିନ ଅନଶନ କରିଥିଲେ। ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ଶ୍ରୀଧରଙ୍କୁ 'ଟଙ୍ଗାହାତ କଡ଼ାଦଣ୍ଡ' ଦଣ୍ଡ ଦିଆଯାଇଥିଲା। ଢେଙ୍କାନାଳ ରାଜାଙ୍କ ଏହି ଦଣ୍ଡ ଅତ୍ୟନ୍ତ ଅମାନୁଷିକ ଏବଂ ହୃଦୟ ବିଦାରକ। ଏହି ଦଣ୍ଡ ବ୍ୟବସ୍ଥାରେ କଏଦୀଙ୍କ ଗୋଡ଼କୁ ଜେଲ ଛାତରେ ଥିବା କଡିରେ ବନ୍ଧି ଦେଇ ମୁଣ୍ଡ ତଳକୁ କରି ଟଙ୍ଗି ଦିଆଯାଏ। ଏହାପରେ ଢେଙ୍କାନାଳ ରାଜାଙ୍କ ନନ୍ଦ ପେଷ୍କାର ଏବଂ ମେଜର ବେଜଲଗେଟଙ୍କ ନିର୍ଦ୍ଦେଶରେ ଚାବୁକରେ ନିର୍ଦ୍ଧୁମ ପ୍ରହାର କରାଯାଏ। ଚାବୁକ ପ୍ରହାରରେ ଶରୀର ରକ୍ତ ଜୁଡୁବୁଡୁ ହେବା ପରେ ବି ପ୍ରହାର କରା ଚାଲିଥାଏ। ଏହାପରେ ବି ଶ୍ରୀଧର ଆନ୍ଦୋଳନରୁ ବିରତ ହୋଇ ନଥିଲେ। ଶେଷକୁ ଜେଲରେ ମାଟି ପାତ୍ର ବଦଳରେ ପିତଳ ପାତ୍ରରେ ଖାଦ୍ୟ ପ୍ରଦାନ, ପାଇଖାନା ସଂଖ୍ୟା ୧୨କୁ ବୃଦ୍ଧି କରାଯିବା ସହ କଏଦୀଙ୍କୁ ପୁସ୍ତକ ପଢିବାର ଅନୁମତି ପ୍ରଦାନ କରାଗଲା। ହେଲେ ଖବର କାଗଜ ପ୍ରଦାନ କରାଗଲା ନାହିଁ। ସେତେବେଳେ ଦେଶ ସ୍ୱାଧୀନ ପାଇଁ ହେଉଥିବା ଆନ୍ଦୋଳନ ସମ୍ବନ୍ଧରେ କଏଦୀମାନେ ଖବରକାଗଜରୁ ଜାଣିବାକୁ ପାଇଲେ, ସେମାନେ ଅଧିକ ଉତ୍ସାହିତ ହେବା ଆଶଙ୍କାରେ ଖବର କାଗଜ ପଢିବାର ସୁଯୋଗ ଦିଆଯାଉ ନଥିଲା। ଦେଶ ସ୍ୱାଧୀନ ହେବା ପରେ ସେ ଅନୁଗୁଳ ଠାରେ ଥିବା ବାଜି ରାଉତ ଛାତ୍ରାବାସ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ରହି ଅନେକ କାର୍ଯ୍ୟକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ହରିଜନ ମାନଙ୍କୁ ମନ୍ଦିର ପ୍ରବେଶ, ଗୋପାଳ ମାନଙ୍କ ଠାରୁ କାନ୍ଧିଆ ଉଚ୍ଛେଦ ଆନ୍ଦୋଳନ ସଫଳତା ଥିଲା ତାଙ୍କ ଜୀବନର ବଡ଼ କାର୍ଯ୍ୟ। ଓଡ଼ିଶା ଦଳିତ ଜାତି ସଂଘର ଜଣେ ସ୍ୱତନ୍ତ୍ର ସଭ୍ୟ ଭାବରେ ଢେଙ୍କାନାଳ ଓ ଯାଜପୁର ଜିଲ୍ଲାରେ ଅନେକ ସଂସ୍କାର ମୂଳକ କାର୍ଯ୍ୟ ପାଇଁ ସେ ଚିରସ୍ମରଣୀୟ। କେନ୍ଦ୍ର ସରକାରଙ୍କ ଠାରୁ ସମ୍ମାନ ସୂଚକ ତାମ୍ର ଫଳକ, ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱାଧୀନତା ସଂଗ୍ରାମୀ ସ୍ୱୀକୃତି ସମ୍ମାନ ପାଇଛନ୍ତି। ସେ ଢେଙ୍କାନାଳର ସଂଗ୍ରାମୀ ସାରଙ୍ଗଧର ଏବଂ ଲୌହ ମାନବୀ ନନ୍ଦିନୀ ଶତପଥୀଙ୍କ ଘନିଷ୍ଠ ଥିଲେ। ତାଙ୍କର ୧୯୯୩ ମସିହା ମେ ୫ ତାରିଖରେ ମୃତ୍ୟୁ ହୋଇଥିଲା। ତାଙ୍କର ପରଲୋକ ପରେ ପୁଅ ଗୋକୁଳିଚନ୍ଦ୍ର ସାହୁ ତାଙ୍କ ଜୀବନୀକୁ ନେଇ ନାଟକ ପୁସ୍ତକ 'ସୂର୍ଯ୍ୟାସ୍ତ ଏକ ଅତ୍ୟାଚାରୀ ରାଜତନ୍ତ୍ରର' ରଚନା କରିଥିଲେ। ଯାଜପୁର ଜିଲ୍ଲା କଲାଣ୍ଡ ନିକଟସ୍ଥ ରେଖିଦେଇପୁରରେ ଗତ ୨୧ ମେ' ୨୦୧୭ରେ ଏହି ନାଟକ ମଞ୍ଚସ୍ଥ ହେବା ବେଳେ ପ୍ରାୟ ୫ ହଜାର ଦର୍ଶକ ଏକାଠି ହୋଇଥିଲେ। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଏହି ନାଟକ ଉତ୍ସବକୁ ଉଦଘାଟନ କରିଥିଲେ। ହେଲେ ସ୍ୱାଧୀନତା ସଂଗ୍ରାମର ସଂକେତ ସାଜିଥିବା କଲାଣ୍ଡ କ୍ୟାମ୍ପ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ନିଜର ସତ୍ତା ହରାଇଛି।

ସଂଗ୍ରାମର ଏହି ଅଭୁଲା ସ୍ମୃତି ଭିତରେ ଏବେ ବି ଢେଙ୍କାନାଳ ରାଜାଙ୍କ ଚଢେଇରଗଡ଼ା ବଙ୍ଗଳା, ଯତନନଗରର ଅତ୍ୟାଚାର ସହ ଜେଲରେ ଦିଆଯାଉ ଥିବା 'ଟଙ୍ଗାହାତ କଡ଼ାଦଣ୍ଡ'ର ପାଶବିକ ଯନ୍ତ୍ରଣା ଶାସନର କ୍ରୁରତା ଓ ପାଶବିକତାର ସଂକେତ ହୋଇ ରହିଛି। ଆଜି ୧୮ ଡିସେମ୍ବର ୨୦୨୪ ରିଖରେ ମହାନ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଧର ସାହୁଙ୍କ ୧୦୯ତମ ଜୟନ୍ତୀ ଅବସରରେ ଜଣାଉଛୁ ଗଭୀର ଶ୍ରଦ୍ଧାଞ୍ଜଳି।

ଭୁବନପୁର, ଗଡ଼ମଧୁପୁର,
ଧର୍ମଶାଳା, ଯାଜପୁର,
ମୋ–୯୪୩୭୦୧୯୧୧୭



# ଭୁବନେଶ୍ୱର ମହାନଗର ନିଗମ ଏବଂ ଅଏଲ୍ ଇଣ୍ଡିଆ ମଧ୍ୟରେ ଚୁକ୍ତି : ଅଳିଆରୁ ବାହାରିବ ବାୟୋ ଗ୍ୟାସ୍

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱରରେ ଅଳିଆରୁ ବାହାରିବ ବାୟୋ ଗ୍ୟାସ୍। ଦୈନନ୍ଦିନ ସହରରୁ ବାହାରୁଥିବା ଅଳିଆ ଆବର୍ଜନାରୁ ବାୟୋ ଗ୍ୟାସ୍ ବାହାର କରାଯିବ। ଏନେଇ ଭୁବନେଶ୍ୱର ମହାନଗର ନିଗମ ଅଏଲ ଇଣ୍ଡିଆ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ଅଏଲ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୭୫ କୋଟି ଟଙ୍କା ବ୍ୟୟରେ ୨୦୦ ଟିପିଡି ବିଶିଷ୍ଟ କମ୍ପ୍ରେସ୍ଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ବିଭାଗୀୟ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଅଏଲ୍ ଇଣ୍ଡିଆ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି ସ୍ୱାକ୍ଷର ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ ୮ ଏକର ଜମି ଚିହ୍ନଟ କରାଯାଇଛି। ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ କାମ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ପ୍ରକଳ୍ପ ପାଇଁ, ଅଏଲ ଇଣ୍ଡିଆ ଲିମିଟେଡକୁ, ରାଜ୍ୟ ସରକାର ଓ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ। ଅଏଲ ଇଣ୍ଡିଆ ଲିମିଟେଡ୍ ଅନେକ ସୁବିଧା ଯଥା- ଆର୍ଥିକ ସହାୟତା, ବୈଷୟିକ ଜ୍ଞାନ କୌଶଳ, ଉତ୍ପାଦିତ ସାମଗ୍ରୀର ମାର୍କେଟ ପ୍ରବେଶ ଏବଂ ରିସ୍କ ମ୍ୟାନେଜମେଣ୍ଟ ଆଦି କ୍ଷେତ୍ରରେ ସହାୟତା ଯୋଗାଇ ଦେବାରେ ବିଶେଷ ଅଭିଜ୍ଞତା ରହିଛି। ଅଏଲ ଇଣ୍ଡିଆର ତୈଳ ଏବଂ ଗ୍ୟାସ୍ ପ୍ରକଳ୍ପ ପରିଚାଳନାରେ ଦକ୍ଷତା ରହିଛି। ତେଣୁ ସେ ପ୍ଲାଣ୍ଟର ନକ୍ସା, ନିର୍ମାଣ ଏବଂ ପରିଚାଳନା ସଠିକ୍ ଭାବେ କରିପାରିବ। ଏ ବିଶ୍ୱାସ ରାଜ୍ୟ ସରକାରଙ୍କର ରହିଛି । ଏହି ପ୍ରକଳ୍ପ ପାଇଁ ଅଏଲ ଇଣ୍ଡିଆ ଲିମିଟେଡ୍ ଅର୍ଥ, ରକ୍ଷଣାବେକ୍ଷଣ ଓ ପରିଚାଳନା କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ବିଏମସି ଆବଶ୍ୟକ ଜୈବ ବିଘଟନ ଯୋଗ୍ୟ ବର୍ଜ୍ୟ ଯୋଗାଇ ଦେବ। ଏହି ପ୍ରକଳ୍ପକୁ ସଫଳତାର ସହ ଚାଲୁ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ଓ ସହାୟତା ପ୍ରଦାନ କରିବେ । ଅପରପକ୍ଷେ ପ୍ରକଳ୍ପ ପ୍ରତିଷ୍ଠା, କମ୍ପ୍ରେସ୍ଡ୍ ବାୟୋ ଗ୍ୟାସ୍ ଓ ଜୈବସାର ବିକ୍ରି ପାଇଁ ସମସ୍ତ ପ୍ରକାର ମାର୍କେଟ ସୁବିଧା ଅଏଲ ଇଣ୍ଡିଆ ଲିମିଟେଡ୍ ଯୋଗାଇଦେବ।

# କର୍ମକ୍ଷେତ୍ରରେ ସଜାଗ ଏବଂ ସତର୍କତା ପାଇଁ ୫ ରେଳ କର୍ମଚାରୀ ପୁରସ୍କୃତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, କର୍ମକ୍ଷେତ୍ରରେ ସଜାଗ ଏବଂ ସତର୍କତା ପାଇଁ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଉପରେ ପ୍ରଘାଡ ଜ୍ଞାନ ଥିବା ପାଇଁ, ପାଞ୍ଚ ଜଣ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରିଛନ୍ତି । ନମୋନାରାୟଣ ମୀନା, ଖୋର୍ଦ୍ଧା ରୋଡ଼ର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ । ପାଞ୍ଚ ଜଣ ରେଳ କର୍ମଚାରୀ ହେଲେ ସୁଧାଂଶୁ ଶେଖର ପ୍ରଧାନ, ଗେଟ୍ ମ୍ୟାନ୍/ କଟକ, ସନାତନ ବେହେରା ଜୁନିଅର୍ ଇଞ୍ଜିନିୟର/ବିଦ୍ୟୁତ୍ ବିଭାଗ/ କଟକ, ମଧୁ ସୁଦନ ଧୀବର ଟ୍ରାକ୍ ମେଣ୍ଟେନର/ହରିଚନ୍ଦନପୁର, ସ୍ମୃତି ରଞ୍ଜନ ଦାସ, ୱେଲ୍ଡର/ ଭଦ୍ରକ ଏବଂ ବିରେନ୍ଦ୍ର ସିଂ, ଟେକ୍ନିସିଆଁନ୍/ଭଦ୍ରକ । ସୁଧାଂଶୁ ଶେଖର ପ୍ରଧାନ, ଗେଟ୍ ମ୍ୟାନ୍/ କଟକ, ଏକ ଗୁଡ୍ସ ଟ୍ରେନର, ଗୋଟିଏ ୱାଗନରେ ହଟ୍ ଏକ୍ସଲ୍‌କୁ ଲକ୍ଷ୍ୟ କରି ତୁରନ୍ତ ରାହାମା ଷ୍ଟେସନର ଅନ-ଡ୍ୟୁଟି ଷ୍ଟେସନ ମାଷ୍ଟରଙ୍କୁ ସୂଚନା ଦେଇଥିଲେ ଏବଂ ତୁରନ୍ତ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନିଆଯାଇଥିଲା। ସନାତନ ବେହେରା ଜୁନିଅର୍ ଇଞ୍ଜିନିୟର/ବିଦ୍ୟୁତ୍ ବିଭାଗ/ କଟକ, ନିରଗୁଣ୍ଡି ୟାର୍ଡରେ କାର୍ଯ୍ୟ କରିବା ସହିତ, ନର୍ଗୁଣ୍ଡି ଷ୍ଟେସନ ଦେଇ ଯାଉଥିବା ଏକ ଗୁଡ୍ସ ଟ୍ରେନର ଧୂଆଁ ସହିତ ହଟ୍ ଏକ୍ସଲ୍‌କୁ ଚିହ୍ନଟ କରିଥିଲେ ଏବଂ ଆବଶ୍ୟକ ପରୀକ୍ଷା ପାଇଁ ସେ ତୁରନ୍ତ ନିର୍ଗୁଣ୍ଡି ଷ୍ଟେସନ ଅଧୀକ୍ଷକ ଜଣାଇଥିଲେ। ସେମାନଙ୍କର ତ୍ୱରିତ କାର୍ଯ୍ୟକଳାପ ପ୍ରମୁଖ ଦୁର୍ଘଟଣାକୁ ରୋକିବାରେ ଏବଂ ଟ୍ରେନ୍ ଚଳାଚଳର ଧାରାକୁ ଅକ୍ଷୁର୍ଣ୍ଣ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ମଧୁ ସୁଦନ ଧୀବର ଟ୍ରାକ୍ ମେଣ୍ଟେନର/ ହରିଚନ୍ଦନପୁର, ଡିଭିଜନାଲ ସେଫ୍ଟି ଅଡିଟ୍ ଯାଞ୍ଚ ସମୟରେ, ୧୦୦% ଅକ୍ଷୁର୍ଣ୍ଣ ଫିଟିଙ୍ଗ୍ ସହିତ ୟାର୍ଡରେ ରକ୍ଷଣାବେକ୍ଷଣରେ ନିଜର କର୍ତ୍ତବ୍ୟ ପାଳନ କରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ନିଆଯାଇଥିବା ପଦକ୍ଷେପ ଉପରେ ପ୍ରଘାଡ ଜ୍ଞାନ ରଖିଥିଲେ । ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଉପରେ କେନ୍ଦୁଆପଦା ରେଳୱେ ଷ୍ଟେସନରେ କରାଯାଇଥିବା ମକ୍ ଡ୍ରିଲ୍ ସମୟରେ ଉଦ୍ଧାର କାର୍ଯ୍ୟରେ ସେମାନଙ୍କର ସ୍ୱତନ୍ତ୍ର ପ୍ରଦର୍ଶନ ପାଇଁ ସ୍ମୃତି ରଞ୍ଜନ ଦାସ, ୱେଲ୍ଡର/ ଭଦ୍ରକ ଏବଂ ବିରେନ୍ଦ୍ର ସିଂ ଟେକ୍ନିଶିଆନ/ଭଦ୍ରକଙ୍କୁ ସମ୍ମାନିତ କରାଯାଇଥିଲା।

ଓଡିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ମାମଲା

# ବୟସସୀମା କୋହଳ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ମାମଲା। ସର୍ବାଧିକ ବୟସସୀମା କୋହଳ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ। ନିୟମିତ ଭାବେ ନିଯୁକ୍ତି ପ୍ରକ୍ରିୟା ହୋଇନଥିବାରୁ ବୟସସୀମା କୋହଳ କରିବାକୁ ହୋଇଥିଲା ଆବେଦନ। ୨୦୨୧ ମସିହା ପରେ ପ୍ରଥମ ଥର ପାଇଁ ବାହାରିଥିଲା ବିଜ୍ଞପ୍ତି। ୪୦୫ ଟି ଡ୍ରାଇଭର ପଦବୀ ପାଇଁ ଜାରୀ ହୋଇଥିଲା ବିଜ୍ଞପ୍ତି। ୧।୧।୨୪ ସୁଦ୍ଧା ସର୍ବାଧିକ ବୟସସୀମା ୨୩ ବର୍ଷ ଧାର୍ଯ୍ୟ ହୋଇଥିଲା।

# ଆଜିଠୁ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ ୨୦୨୪

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ ୨୦୨୪ । ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ଆଦିବାସୀ ପଡ଼ିଆଠାରେ ଡିସେମ୍ବର ୧୮ ରୁ ୨୦ ତାରିଖ ଯାଏଁ ତିନିଦିନବ୍ୟାପୀ ଏହି ଉତ୍ସବର ଆୟୋଜନ କରାଯାଉଛି । ଚଳିତ ବର୍ଷ ୩୦ ଟି ଜିଲ୍ଲାରୁ ୩୫୧ ଜଣ ଛାତ୍ର, ୭୩୧ ଜଣ ଛାତ୍ରୀ ଯୋଗଦେବାକୁ ଥିବା ବେଳେ ୧୩୯ ଜଣ କ୍ରୀଡ଼ା ଶିକ୍ଷକ ଏବଂ ମାର୍ଗଦର୍ଶୀ ଶିକ୍ଷକ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅନ୍ତର୍ଗତ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ଦଶମ ବୋର୍ଡ଼ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ସମ୍ବର୍ଦ୍ଧିତ କରାଯିବାକୁ ଥିବା ବେଳେ ବୋର୍ଡ଼ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିବା ୫୦ ଟି ଉଚ୍ଚ ବିଦ୍ୟାଳୟକୁ ସମ୍ମାନିତ କରାଯିବ । ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା "ସର୍ଗିଫୁଲ- ୨୦୨୪" ଲୋକାର୍ପିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଉଦଘାଟନୀ ସମାରୋହରେ ମନ୍ତ୍ରୀ, ପଂଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ରବି ନାରାୟଣ ନାଏକ ଯୋଗଦେବାକୁ ଥିବା ବେଳେ ଉଦଯାପନୀ ସମାରୋହରରେ ମନ୍ତ୍ରୀ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ନିତ୍ୟାନନ୍ଦ ଗଣ୍ଡ ଏବଂ ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଗଣେଶ ରାମ ସିଂ ଖୁଂଟିଆ ଯୋଗ ଦେବାକୁ କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ରାଜ୍ୟସ୍ତରୀୟ ଉତ୍ସବରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପୃଥକ ଭାବେ ପ୍ରାୟ ୨୪ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯିବ। ସାଧାରଣଜ୍ଞାନ, ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ବାଦନ, ବିଜ୍ଞାନ ପ୍ରଦର୍ଶନୀ, ଶିଶୁ ସାମ୍ବାଦିକ, ବକ୍ତୃତା, ଅଭିନୟ, ସୃଜନଶୀଳ ଲେଖନ, ଚିତ୍ରାଙ୍କନ, ନାଟ୍ୟଶାଳା ଆଦି ବିଭିନ୍ନ ପ୍ରତିଯୋଗିତା ଏବଂ କର୍ମଶାଳାର ଆୟୋଜନ କରାଯିବ । ଏଥିସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

# ଲାଞ୍ଚ ନେଇ ଧରାପଡ଼ିଲେ ସେକ୍ସନ ଅଫିସର



**କଟକ, ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବିଇଓଙ୍କ ଅଫିସର ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀ। ତାଙ୍କଠାରୁ ୧୦ ହଜାର ଟଙ୍କା ଜବତ କରାଯାଇଛି। ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ପେନ୍ ?ସନ୍ କାମ କରିଦେବାକୁ ଲାଞ୍ଚ ମାଗିଥିଲେ। ୨୦୧୧ରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ପେନସନ କାମ ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀଙ୍କ ପାଖରେ ଅଟକି ରହିଥିଲା। ପେନସନ କାମ ଆଗେଇ ନେବାକୁ ସେ ଶ୍ରୀ ସାହୁଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସେକ୍ସନ ଅଫିସର ଶ୍ରୀ ଷଡ଼ଙ୍ଗୀ ଲାଞ୍ଚ ମାଗିବା ପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସାହୁ ଅନ୍ୟ କୌଣସି ଉପାୟ ନପାଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଣଙ୍କ ଆଜି ସେକ୍ସନ ଅଫିସର ଶ୍ରୀ ଷଡ଼ଙ୍ଗୀଙ୍କୁ ଲାଞ୍ଚ ବାବଦକୁ ୧୦ ହଜାର ଟଙ୍କା ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ସେକ୍ସନ ଅଫିସର ଶ୍ରୀ ଷଡ଼ଙ୍ଗୀ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ଏହି ଘଟଣାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

# ସିଏସ୍ଆର ମାଇନ୍ସ ପକ୍ଷରୁ ଗୋଷ୍ଠୀ-ଭିତ୍ତିକ ପୁନର୍ବାସ ଓ ମୂଲ୍ୟାଙ୍କନ ଶିବିର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସିଏସ୍ଆର ମାଇନ୍ସ ପକ୍ଷରୁ କାଶୀପୁର ଓ ଥୁଆମୂଳ ରାମପୁର ବ୍ଲକଗୁଡିକରେ ଡିସେମ୍ବର ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଗୋଷ୍ଠୀ-ଭିତ୍ତିକ ପୁନର୍ବାସ ଓ ମୂଲ୍ୟାଙ୍କନ ଶିବିର ଆୟୋଜନ କରାଯାଇଥିଲା। ଭିନ୍ନକ୍ଷମଙ୍କୁ ସମର୍ଥନ କରିବା ନିମନ୍ତେ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର ସଂସ୍ଥା ଓପନ ଲର୍ଣ୍ଣିଂ ସିଷ୍ଟମ୍ସ (ଓଏଲଏସ) ସହଭାଗୀତାରେ ଏହି ପ୍ରୟାସ ପରିଚାଳିତ ହୋଇଥିଲା। ଶିବିରରେ ଉକ୍ତ ଅଞ୍ଚଳର ଜନସମୁଦାୟରେ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ଚିହ୍ନଟ ଓ ତାହାର ଆକଳନ କରାଯାଇଥିଲା। ଉକ୍ତ ଆକଳନ ଏବଂ ଓଏଲଏସ୍‌ର ସୁପାରିଶ ଆଧାରରେ ଆମେ ହିତାଧିକାରୀଙ୍କୁ ଏକ ଅଧିକ ସ୍ୱାଧୀନ ଜୀବନ ବଞ୍ଚିବା ଏବଂ ସେମାନଙ୍କ ଜୀବନକୁ ପରିପୂର୍ଣ୍ଣ କରିବା ଦିଗରେ ସମର୍ଥ କରିବା ନିମନ୍ତେ ଉପଯୁକ୍ତ ସହାୟକ ଉପକରଣ ଯୋଗାଇଦେବୁ। କାଶୀପୁର ଓ ଥୁଆମୂଳ ରାମପୁର ବ୍ଲକରେ ଖଣିଗୁଡିକର ପାରିପାର୍ଶ୍ୱିକ ଗ୍ରାମରୁ ଯଥାକ୍ରମେ ୪୪ ଓ ୪୬ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଶ୍ରୀମତୀ ନିହାରିକା ସାହୁ, ଜିଏମ୍-ସିଏସଆର ମାଇନ୍ସଙ୍କ ନେତୃତ୍ୱରେ ମାଇନ୍ସ ସିଏସଆର ଟିମ୍ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ : କୁନି ବିଜ୍ଞାନୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା



**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ୧୦ଟି ବ୍ଲକରୁ ୭୦ଟି ପ୍ରକଳ୍ପକୁ ପ୍ରତଯୋଗୀମାନେ ପ୍ରଦର୍ଶନ କରିଥିଲେ। ତତ ସହିତ ପ୍ରତି ବ୍ଲକରୁ ୨ଜଣ ଲେଖାଏଁ ବିଜ୍ଞାନ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ବିଜ୍ଞାନ ଗ୍ୟାଲେରୀ ପ୍ରସ୍ତୁତ ହୋଇଥିଲା । ଶକ୍ତି ସଂରକ୍ଷଣ ଓ ସଚେତନତା ଉପରେ ଏକ ଖୋଲା ମଞ୍ଚରେ କୁଇଜ୍ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତା ଆରମ୍ଭରୁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ନିବେଦିତା ପାଣିଙ୍କ ସଭାପତିତ୍ୱରେ ଏକ ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା, ମୁଖ୍ୟବକ୍ତା ରୂପେ ନାଇଜରର ପ୍ରଫେସର ତଥା ବିଶିଷ୍ଟ ବୈଜ୍ଞାନିକ ଡ଼. ହିମାଂଶୁ ଶେଖର ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ରାଜେଶ କୁମାର ସ୍ୱାଇଁ, ଯାଜପୁର ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ ଏବଂ ଆବାହକ ରୂପେ ଜିଲ୍ଲା ବିଜ୍ଞାନ ପରିଦର୍ଶକ କୁମାରସେନ ସେନାପତି ଯୋଗଦାନ କରି କୁନି ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦୀନବନ୍ଧୁ ସାହୁ ମଞ୍ଚ ପରିଚାଳନା କରିଥିଲେ । ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରକଳ୍ପସ୍ଥଳୀ ଉଦଘାଟନ ହୋଇଥିଲା । ୪ ଜଣ ଅଧ୍ୟାପକ ବିଚାରକ ରୂପେ ପ୍ରକଳ୍ପ ଗୁଡିକୁ ନିରୀକ୍ଷଣ କରିଥିଲେ । ବିଚାରକ ରୂପେ ଲକ୍ଷ୍ମୀନାରାୟଣ କର, ଦିବ୍ୟଲୋଚନ ସିଂ, ବସନ୍ତ କୁମାର ତ୍ରିପାଠୀ ଓ ବିକ୍ରମ କୁମାର ମଲ୍ଲିକ ସହଯୋଗ କରିଥିଲେ । କୁଇଜ ପରିଚାଳନାରେ ଜଗନ୍ନାଥ ବେହେରାଙ୍କ ସହ ଅନ୍ୟ ବିଜ୍ଞାନ ଶିକ୍ଷକମାନେ ସହଯୋଗ କରିଥିଲେ ।ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ସହ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ୭ ଟି ଉପ-ପ୍ରସଙ୍ଗ ବିଭାଗରୁ ୧ମ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ଦିଆଯାଇଥିଲା। ୧ମ ସ୍ଥାନ ପାଇଥିବା ପ୍ରତିଯୋଗୀ ମାନେ ହେଲେ ଲିପ୍ସା ପଣ୍ଡା, ଶୋଭନ କୁମାର ବେହେରା, ସୁରଜ କୁମାର ବେହେରା, ସତ୍ୟଶ୍ରୀ ମହାରଣା,ବର୍ଷାରାଣୀ ବିଶ୍ୱାଳ, ସାଇ ଶିବମ ସ୍ୱାଇଁ ଓ ଶୁଭାଲକ୍ଷ୍ମୀ ପଣ୍ଡା । ଶକ୍ତିସଂରକ୍ଷଣରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଜିଲ୍ଲା ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହ ଅନ୍ୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ଯଥା ଚିନ୍ମୟ କୁମାର ରଥ, ଶିବବ୍ରତ ପାଣି, ଶୈଳଜା ବାରିକ, ବ୍ରହ୍ମାନନ୍ଦ ବାରିକ, ପ୍ରକାଶ କୁମାର ପଣ୍ଡା, ବିଷ୍ଣୁ ଚରଣ ସାହୁ, ନିରଞ୍ଜନ ସାମଲ, ମନରଞ୍ଜନ ସାମଲ, ବିଜୟ କୁମାର ସାହୁ, ଅମୀୟ ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ଅମରେଶ ପଣ୍ଡା ଆଦି ସହଯୋଗ କରିଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# 'ଓଡ଼ିଶାର ଭିତ୍ତିଭୂମି ବିକାଶ ଦିଗରେ ମହାରାଜାଙ୍କ ଅବଦାନ ଅତୁଳନୀୟ'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାରାଜା ଶ୍ରୀରାମଚନ୍ଦ୍ର ଥିଲେ ଜଣେ ଅତ୍ୟନ୍ତ ସରଳ, ପ୍ରଜାବତ୍ସଳ ଓ ଦେଶପ୍ରେମୀ ସୁଶାସକ । ଶ୍ରୀରାମଚନ୍ଦ୍ର ଭଞ୍ଜ ଖାଲି ମୟୂରଭଞ୍ଜର ନୁହନ୍ତି, ସମଗ୍ର ଓଡ଼ିଆ ଜାତିର ଉନ୍ନତି ନିମିତ୍ତ ତାଙ୍କର ବହୁବିଧ ଉଦ୍ୟମ ଅବିସ୍ମରଣୀୟ । ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ଆଦର୍ଶ ଚରିତ୍ରବତ୍ତା, ସରଳତା, ନମ୍ରତା, ସ୍ୱଭାବ ଓ ବ୍ୟକ୍ତିତ୍ୱ ସର୍ବାଧିକ ପ୍ରଶଂସନୀୟ। ଉତ୍କଳ ଜନନୀର ଏହି ଯୋଗଜନ୍ମା ସୁଯୋଗ୍ୟ ସନ୍ତାନ ଆଜି ସମଗ୍ର ଓଡ଼ିଆ ଜାତିର ଚିରନମସ୍ୟ ବୋଲି ଅତିଥିମାନେ ଉଲ୍ଲେଖ କରିଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଲେ ଯେ ମହାରାଜା ଶ୍ରୀ ଭଞ୍ଜଦେଓ ଓଡିଶା ଓ ଓଡ଼ିଆ ଜାତିର ଉନ୍ନତି ପାଇଁ ନିଜକୁ ସମର୍ପିତ କରିଥିଲେ । ଆମେ ଆଜି ଯେଉଁ ବିକଶିତ ଓଡିଶାର କଥା କହୁଛୁ ତାହାର ମୂଳଦୁଆ ମାହାରାଜାଙ୍କ ରାଜତ୍ୱ କାଳରେ ପଡିଥିଲା । ମୟୂରଭଞ୍ଜର ରାଜା ହେଲେ ମଧ୍ୟ ସମଗ୍ର ଓଡ଼ିଶାର ସାମାଜିକ-ରାଜନୈତିକ ସଂସ୍କାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ । ଓଡ଼ିଆ ଭାଷାଭାଷୀ ଅଂଚଳର ଏକତ୍ରିକରଣ ଦିଗରେ ତାଙ୍କର ଉଦ୍ୟମ ଚିରସ୍ମରଣୀୟ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଭାଷା ଆନ୍ଦୋଳନ, ଅରଣ୍ୟ ଓ ଖଣିଜ ସଂପଦର ପୁନଃମୂଲ୍ୟାୟନ, ଶିଳ୍ପାୟନ ଆଦି ପ୍ରତି କ୍ଷେତ୍ରରେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସ୍ପଷ୍ଟ ଭାବରେ ପ୍ରତିଫଳିତ। ମହାରାଜାଙ୍କ ଜୀବନୀ ଓ ତ୍ୟାଗପୂତ ଅନାଲୋଚିତ ଦିଗ ଗୁଡ଼ିକ ଉପରେ ଆଲୋକପାତ କରି ବାସ୍ତବରେ ସେ ଜଣେ ଯୁଗଜନ୍ମା ପୁରୁଷ ବୋଲି ସେ ପ୍ରକାଶ କରିବା ସହିତ ସେ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ମାନ୍ୟବର ମନ୍ତ୍ରୀ, ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଂଟିଆ କହିଲେ ଯେ ମୟୂରଭଞ୍ଜ ତଥା ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ । ଓଡ଼ିଶାର ବହୁ ଲୋକହିତକର ଅନୁଷ୍ଠାନ ତାଙ୍କ ଅମୂଲ୍ୟ ଅବଦାନରେ ସୁପ୍ରତିଷ୍ଠିତ ଓ ପବିତ୍ର ସ୍ମୃତିରେ ମହିମାମଣ୍ଡିତ । ତାଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ଏକ ଆଦର୍ଶ ରାଜ୍ୟ ପାଲଟିଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଲେଖକ ଶ୍ରୀଯୁକ୍ତ ଭାଗବତ ଶୁକ୍ଲ ଯୋଗଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନଦର୍ଶନ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଉତ୍କଳ ଆକାଶର ଉଜ୍ଜ୍ୱଳ ତାରକା । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ମହାରାଜା ଶ୍ରୀ ଭଞ୍ଜଦେଓ ସଭାପତିତ୍ୱ କରିଥିଲେ । ତାଙ୍କର ବ୍ୟକ୍ତିତ୍ୱ ଓ ଚରିତ୍ର ଓ ସୁଶାସନ ଓ ପ୍ରଜାବତ୍ସଳ ରାଜା ଭାବେ ବ୍ରିଟିଶମାନେ ପ୍ରଭାବିତ ହୋଇ ତାଙ୍କୁ ମହାରାଜା ଉପାଧିରେ ଭୂଷିତ କରିଥିଲେ । ତାଙ୍କ ଜ୍ଞାନାଲୋକରେ କେବଳ ମୟୂରଭଞ୍ଜ ନୁହେଁ ବରଂ ସମଗ୍ର ଓଡ଼ିଶା ଆଲୋକିତ ହୋଇଥିଲା । ଓଡ଼ିଶାରେ ପନିତତ୍ତ୍ୱ ବିଭାଗର ଭିତ୍ତିଭୂମୀ ତୋଳି ଓଡିଶା ଇତିହାସକୁ ପୁର୍ନଜୀବିତ କରିବା ସହିତ ଓଡିଶାର ବିକାଶ ପାଇଁ ତାଙ୍କର ବହୁବିଧ ଉଦ୍ୟମର ତୁଳନା ନାହିଁ ବୋଲି ସେ ପ୍ରକାଶ କରିଥିଲେ । ସଭା ଆରମ୍ଭରେ ଅତିଥିମାନେ ଓଡ଼ିଶାର ବରପୁତ୍ର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରି ମହାରାଜା ଶ୍ରୀରାମଚନ୍ଦ୍ରଙ୍କୁ କେବଳ ଓଡିଶାର ନୁହେଁ ସମଗ୍ର ଭାରତ ମାଟିର ଜଣେ ଜାତୀୟତାବାଦୀ ଜନନାୟକ ବୋଲି ଅଭିହିତ କରିଥିଲେ । ମାତ୍ର ୨୦ ବର୍ଷ ଶାସନକାଳରେ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇ ଭାରତ ମାନଚିତ୍ରରେ ଓଡିଶାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିଲେ । ଆଜିର ଯୁବପିଢ଼ି ତାଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେଲେ ଆଜିର ବିକଶିତ ଓଡିଶାର ସ୍ୱପ୍ନ ଓ ରାଜ୍ୟର ସୁନାମ ବହୁଗୁଣିତ ହେବ ବୋଲି ଶ୍ରୀ ସାମଲ କହିଥିଲେ । ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସଂପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍ -୨, ଭୁବନେଶ୍ୱରର ଛାତ୍ରୀମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସମ୍ବିଧାନର ଅଷ୍ଟମ...

ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଦିବାସୀ ମାନଙ୍କ ସାମୂହିକ ବିକାଶ ପାଇଁ ସମସ୍ତଙ୍କୁ ଏକ ହୋଇ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ଶିକ୍ଷାର ସ୍ରୋତରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା "ବିକଶିତ ଓଡିଶା ୨୦୩୬"ରେ ଆଦିବାସୀ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବ ବୋଲି ସେ କହିଥିଲେ। ଏକ ବିକଶିତ ଓଡିଶା ତଥା ବିକଶିତ ଭାରତ ଗଠନରେ ଆଦିବାସୀ ସମ୍ପ୍ରଦାୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ସ୍ୱର୍ଗତ କାନ୍ଦ୍ରା ମୁର୍ମୁ ଏବଂ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ରୂପଚାନ୍ଦ ହାଁସଦାଃଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେସଙ୍ଗେ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର ସାହିତ୍ୟ ପତ୍ରିକା ତଥା ସ୍ମରଣିକା ଉନ୍ମୋଚନ କରିଥିଲେ। ସାନ୍ତାଳୀ ସାହିତ୍ୟରେ ବିଶେଷ ଅବଦାନ ନିମନ୍ତେ ସୁରେଶ କୁମାର ହେମ୍ବ୍ରମ ତାଙ୍କର ପୁସ୍ତକ "ସୋନାଲି ଘାରଂଜ୍" ପାଇଁ ଶ୍ୟାମ ସୁନ୍ଦର ହେମ୍ବ୍ରମ ସମ୍ମାନ ୨୦୨୪, ଦୁର୍ଗା ସୋରେନଙ୍କୁ ତାଙ୍କ କ୍ଷୁଦ୍ର ଗଳ୍ପ- "ଉନି କୁଳିଦ ଅକୟ" ପାଇଁ ଯୁବ ପୁରସ୍କାର, ଆର୍ସୁ ହାଁସଦାଙ୍କୁ ତାଙ୍କ କବିତା ପୁସ୍ତକ "ଆଁସି" ପାଇଁ ଯଦୁମଣି ବେଶ୍ରା ସମ୍ମାନ ଏବଂ ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ବିଶିଷ୍ଟ ଲେଖକ ତଥା ସମାଜସେବୀ ଲକ୍ଷ୍ମଣ ମାର୍ଣ୍ଡିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଏଥି ସହିତ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତୃଣମୂଳ ସ୍ତରରେ ସାନ୍ତାଳୀ ଲେଖକ ମାନଙ୍କୁ ଉତ୍ସାହିତ କରିବା ପାଇଁ ଭାଗବତ ହେମ୍ବ୍ରମ, ଗୋବିନ୍ଦ ହାଁସାଦା, ମୋହନ ସୋରେନ୍, ମଧୁସୂଦନ ମୁର୍ମୁ ଓ ଜ୍ୟୋତିଲାଲ୍ ହେମ୍ବ୍ରମ ପ୍ରମୁଖଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଶଂସିତ ସାନ୍ତାଳୀ ଲିପିର ଟାଇପ୍ ବୋର୍ଡର ପ୍ରଚଳନ ପାଇଁ ରାମଜିତ୍ ଟୁଡୁ ଏବଂ ୟୁଟ୍ୟୁବର ଲବ ହାଁସଦାଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସାନ୍ତାଳୀ ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ପୂର୍ବତନ ସଂଯୋଜକ ମଦନ ମୋହନ ସୋରେନ୍ ଏବଂ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ। ସରୋଜ କୁମାର ସୋରେନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଅଧ୍ୟକ୍ଷ ସୁନାରାମ୍ ମାର୍ଣ୍ଡି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ସମ୍ପାଦକ ଅର୍ଜୁନ ମାର୍ଣ୍ଡି ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସହସମ୍ପାଦକ ମହେଶ୍ୱର ସୋରେନ୍ ସଂଯୋଜନା କରିଥିଲେ ଓ ଶେଷରେ ସଂଘର ଉପସଭାପତି ସିଙ୍ଗ୍ରାୟ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। କେଉଁଝରର ସାନ୍ତାଳୀ ସାହିତ୍ୟ ଓ ସାଂସ୍କୃତିକ ସଂଘ ଦ୍ୱାରା ବିଭିନ୍ନ ସାନ୍ତାଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପଦରୁ ହଟିଲେ...

ସରି ସରିଆସୁଛି। ହାଜର ନହେଲେ ତାଙ୍କ ବିରୋଧରେ ସିବିଆଇ କଠୋର ହୋଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଲାଞ୍ଚ କାରବାର ମାମଲାରେ ବ୍ରିଜ ଆଣ୍ଡ ରୁଫ କର୍ପୋରେସନର ଜେନେରାଲ ମ୍ୟାନେଜର ବି. କେ ସିଂହ ସିବିଆଇ ସ୍କାନରକୁ ଆସିବା ପରେ ମଙ୍ଗଳବାର ତାଙ୍କୁ ସାଢେ ୬ ଘଣ୍ଟା ଧରି ଜେରା କରାଯାଇଥିଲା। ପୂର୍ବରୁ ଜେରା ହୋଇଥିବା ତିନି ମୁଖ୍ୟ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଓ ବିଷ୍ଣୁପଦ ସେଠୀଙ୍କୁ ସେ ଲେଖିଥିବା ଚିଠିକୁ ଆଧାର କରି ତାଙ୍କୁ ଝାଳବୁହା ଜେରା କରିଛନ୍ତି ସିବିଆଇର ଦିଲ୍ଲୀ ଟିମ୍। ଲାଞ୍ଚ କାରବାର ଓ କେଉଁ କେଉଁ ଆଇଏଏସଙ୍କୁ ଭେଟିଥିଲେ ? କାହିଁକି ଭେଟିଥିଲେ ? ତାହା ଜାଣିବାକୁ ଉଦ୍ୟମ କରିଛନ୍ତି ସିବିଆଇ ଟିମ୍।

## ଠିକ୍ ସମୟରେ...

କାମ ପାଇଁ ବିଭାଗ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପୁରୁଣା ଡିଜାଇନ ସହ କିଛି ନୂଆ ଡିଜାଇନ କରାଯିବ। ଲିଙ୍ଗରାଜ ପ୍ରକଳ୍ପ ଓ ପୁରୀ ପ୍ରକଳ୍ପକୁ ବିଶ୍ୱସ୍ତରୀୟ କରିବାକୁ ଉଦ୍ୟମ କରାଯିବ। ଏଥିପାଇଁ ଯାହା ଯାହା ଆବଶ୍ୟକ ତାହା କରାଯିବ। ଏ ନେଇ ଡ୍ରଇଂ ଡିଜାଇନ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ପ୍ରତି ମଣ୍ଡିରେ ...

ଆସୁଥିବା ପ୍ରତ୍ୟେକ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏପରିକି ଚାଷୀମାନେ ସେମାନଙ୍କ ଅଭିଯୋଗ ପ୍ରତ୍ୟକ୍ଷ ଭାବେ ଜଣାଇବାର ମଧ ବ୍ୟବସ୍ଥା କରାଯାଇଛି । ରାଜ୍ୟର ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ଧାନ କିଣା ଯିବା ସହ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ବାବଦକୁ ୨୩ଶହ ଟଙ୍କା ଓ ଇନପୁଟ ସହାୟତା ରାଶି ଭାବେ ୮ଶହ ଟଙ୍କା ପ୍ରଦାନ କରାଯାଉଛି।

## ପଶ୍ଚିମା ଝଡ଼ ...

ମୁଣ୍ଡବିନ୍ଧାର କାରଣ ହୋଇପାରେ। ଏଥି ପାଇଁ ବର୍ଷା ହେବାକୁ ଥିବା ଅଞ୍ଚଳର ଋଷୀମାନେ ଅମଳ ଧାନକୁ ପାଲ ଘୋଡାଇ ରଖିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ମାର୍ଚ୍ଚ ୨୯ରେ...

ଚୈତ୍ର ମାସ କୃଷ୍ଣପକ୍ଷ ଅମାବାସ୍ୟା ଦିନ ଅର୍ଥାତ ମାର୍ଚ୍ଚ ୨୯ ତାରିଖରେ ସଙ୍ଗଠିତ ହେବ। ଏହି ସୂର୍ଯ୍ୟୋପରାଗ ଦ୍ୱିପହର ୨.୨୦ ମିନିଟରୁ ଆରମ୍ଭ ହୋଇ ୬.୦୬ ମିନିଟରେ ଶେଷ ହେବ। ଏହି ମହାଜାଗତିକ ଘଟଣା ଭାରତରେ ଦୃଶ୍ୟମାନ ହେବ ନାହିଁ । ଏସିଆ, ୟୁରୋପ, ଆଫ୍ରିକା, ଦକ୍ଷିଣ ଆମେରିକା, ଆଟଲାଣ୍ଟିକ ମହାସାଗାରରେ ମାର୍ଚ୍ଚ ୨୯ ତାରିଖରେ ସଙ୍ଗଠିତ ହେବାକୁ ଥିବା ସୂର୍ଯ୍ୟୋପରାଗ ଦୃଶ୍ୟମାନ ହେବ।

## ମାଟି ତଳୁ ମିଳିଲା ...

ଉଦ୍ଧାର କରାଯାଇଛି। ସେଥିରେ ଅନେକ ସୁନା ଅଳଙ୍କାର, ସୁନାର ମୂର୍ତ୍ତି, ଆସବାବପତ୍ର ସହ ସୁନାରେ ନିର୍ମିତ ମୁଖା ରହିଛି । ସୁନା ମୁଖାଗୁଡ଼ିକ ୮ ଇଞ୍ଚ ଚଉଡ଼ା ବୋଲି ଜଣାପଡ଼ିଛି। ଦକ୍ଷିଣ ପଶ୍ଚିମ ଚୀନର ସାଙ୍ଗଜିଙ୍ଗ ଢୁଇ ଅଞ୍ଚଳରେ ଅଧିକ ଖନନ କରାଗଲେ ଆହୁରି ଅନେକ ପୁରୁଣା ସାମଗ୍ରୀ ମିଳିବାର ଆଶା ରହିଛି ବୋଲି ପ୍ରତ୍ନତତ୍ତ୍ୱବିତ୍ ତଥା ଏହି ପ୍ରତ୍ନତାତ୍ତ୍ୱିକ ଉତଖନନରେ ନିୟୋଜିତ ଅନୁସନ୍ଧାନକାରୀ ଦଳ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଲେଟର ସଂ.S&T/OT/OUT-SOURCING-08-445, ତା.12.12.2024ରିଖ

କାର୍ଯ୍ୟର ନାମ : ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ କଟକ ଅଧୀନରେ ବହିଃସ୍ରୋତ ଏଜେନ୍ସି ଦ୍ୱାରା ସଂକେତ ଏବଂ ଦୂରସଂଚାର ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ମରାମତି(ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/କଟକ, ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/କଟକ-II, ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ପାରାଦ୍ୱୀପ ଏବଂ ସିନିୟର ସେକ୍ସନ ଇଂଜିନିୟର ଟେଲିକମ୍/କଟକଙ୍କ ନିରୀକ୍ଷଣ ଅଧୀନ) ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 1,88,66,083.50, EMD (ଟଙ୍କାରେ): 2,44,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/- ।

ବିଡ଼ ଆରମ୍ଭ ହେବା ତାରିଖ: ତା.20.12.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.03.01.2025ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-803/P/24-25

# ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କାର୍ଯ୍ୟକ୍ରମର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ

**ପୁରୀ, ନ୍ୟୁଜ ବ୍ୟୁରୋ**

ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡିଶା ଆୟୋଜନ କରୁଛି ୧୮ ତମ ପ୍ରବାସୀ ଭାରତୀୟ ଦିବସ। ପ୍ରବାସୀ ଭାରତୀୟ ମାନେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ଓ ଶୃଙ୍ଖଳିତ ଭାବେ ସେମାନଙ୍କ ତମାମ ଗସ୍ତ ସଫଳ ହେବ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବାକୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପ୍ରବାସୀ ଭାରତୀୟ ମାନଙ୍କୁ ସ୍ୱାଗତ ସହ ସେମାନଙ୍କ ସୁରକ୍ଷିତ ଗସ୍ତ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରବାସୀ ଭାରତୀୟ ମାନଙ୍କ ସମ୍ମିଳନୀ ଯଦିଓ ଭୁବନେଶ୍ୱରରେ ଆୟୋଜିତ ହେଉଛି କିନ୍ତୁ ସଂଖ୍ୟାଧିକ ପ୍ରବାସୀ ଭାରତୀୟମାନଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ଅତିଥି ଦେବୋଭବର ପରମ୍ପରାକୁ ବଜାୟ ରଖି ଆମେ ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ରାସ୍ତା ମରାମତି, ସହର ଓ ପର୍ଯ୍ୟଟନ ସ୍ଥଳ ପରିଷ୍କାର ପରିଚ୍ଛନ୍ନ, ଶୌଚାଳୟ ବ୍ୟବସ୍ଥା, ଗମନାଗମନ ଓ ପାର୍କିଂ ବ୍ୟବସ୍ଥା, ରାସ୍ତା ଅବରୋଧ କରୁଥିବା ଗାଈଗୋରୁ ମାନଙ୍କୁ ହଟାଇବା, ଶୃଙ୍ଖଳା ରକ୍ଷା, ଆଲୋକୀକରଣ ଇତ୍ୟାଦି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଥିଲେ। ସମସ୍ତଙ୍କୁ ସ୍ୱାଗତ କରି ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଥିଲେ। ଆସୁଥିବା ପ୍ରବାସୀ ଭାରତୀୟ ଅତିଥି ମାନଙ୍କୁ ଓଡ଼ିଆ ପରମ୍ପରା ଅନୁସାରେ ସ୍ୱାଗତ ସହ ସେମାନଙ୍କୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛତା ଇତ୍ୟାଦି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସପି ବିନୀତ ଅଗ୍ରୱାଲ ସୂଚନା ଦେଇଥିଲେ।

ଭୁବନେଶ୍ୱର
୧୮ ଡିସେମ୍ବର
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ଫେବ୍ରୁୟାରୀ ୧ରେ ମହାପ୍ରଭୁଙ୍କ ପଦ୍ମ ବେଶ : ବଡ଼ଛତା ମଠରେ ବେଶ ପ୍ରସ୍ତୁତି ଅନୁକୂଳ



**ପୁରୀ, ୧୭/୧୨ ନ୍ୟୁଜ ବ୍ୟୁରୋ**
ଆସନ୍ତା ବର୍ଷ ଫେବ୍ରୁୟାରୀ ୧ ତାରିଖରେ ମହାପ୍ରଭୁଙ୍କ ପଦ୍ମ ବେଶ। ଶ୍ରୀମନ୍ଦିର ରତ୍ନସିଂହାସନରୁ ପଦ୍ମବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ଚତୁର୍ଦ୍ଧାମୂର୍ତ୍ତି । ପଦ୍ମ ପୁଷ୍କରିଣୀର ପ୍ରସ୍ଫୁଟିତ ବିଶାଳ ପଦ୍ମ କେଶର ମଧ୍ୟରେ ଶ୍ରୀମୁଖ ଶୋଭାପାଇବ । ଏଣୁ ରବିବାର ପଦ୍ମ ବେଶ ନିର୍ମାଣ ଅନୁକୂଳ ହୋଇଛି। ବଡ଼ ଛତା ମଠରେ ଆରମ୍ଭ ହୋଇଛି ବେଶ ପ୍ରସ୍ତୁତି । ମୁଖ୍ୟ ବେଶ ନିର୍ମାଣକାରୀ ତଥା ଦୟଣାମାଳି ସେବକ ବସନ୍ତ କୁମାର ରଣାଙ୍କ ଉପସ୍ଥିତିରେ ବେଶ ପ୍ରସ୍ତୁତି ପାଇଁ ଆବଶ୍ୟକ ସୋଲ ଓ ବିଭିନ୍ନ ସରଞ୍ଜାମ ପୂଜା କରାଯାଇଛି । ଠାକୁରଙ୍କ ଉଦ୍ଦେଶ୍ୟରେ ଶ୍ରୀମୁଖ ପଦ୍ମ, ପଦ୍ମଫୁଲ, ଗଛ ଆଦି ଓ ହଂସ ତିଆରି ହେବ । ଦାରୁଦେବତାମାନେ ଶ୍ରୀମସ୍ତକରେ ଚୂଳମାନ ଲାଗି ହେବେ। ରାତ୍ର ଚନ୍ଦନଲାଗି ନୀତି ବଢ଼ିବା ପରେ ବଡ଼ସିଂହାରରେ ଠାକୁରେ ଏହି ବେଶ ହେବେ । ଭକ୍ତମାନେ ପଦ୍ମ ବେଶରେ ଠାକୁରଙ୍କୁ ଦର୍ଶନ କରିବା ସହ କ୍ଷୀରି ଓ ଅମାଲୁ ଭୋଗ ଖାଇବେ ।

# ଆରମ୍ଭ ହେଲା ରଥଯାତ୍ରାର ଆଦ୍ୟ ପର୍ବ : ନୟାଗଡ଼ରେ ପହଞ୍ଚିଲା ଆଜ୍ଞାମାଳ



**ନୟାଗଡ, ୧୭/୧୨ ନ୍ୟୁଜ ବ୍ୟୁରୋ**
ଆରମ୍ଭ ହେଲା ରଥଯାତ୍ରାର ଆଦ୍ୟ ପର୍ବ। ଆସନ୍ତା ରଥଯାତ୍ରା ପାଇଁ ଆବଶ୍ୟକ ରଥକାଠ ଆଣିବାକୁ ନୟାଗଡ଼ରେ ପହଞ୍ଚିଲା ଆଜ୍ଞାମାଳ। ଶ୍ରୀମନ୍ଦିର ପ୍ରଶାସନର ୩ ଜଣିଆ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ନୟାଗଡ଼ରେ ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ କରାଯାଇଛି। ପରମ୍ପରା ଅନୁସାରେ ଗଣିଆ ବନାଞ୍ଚଳର ବଡ଼ମୂଳସ୍ଥିତ ବନଦେବୀ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଛି। ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ହୋମ ଓ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ଠାକୁରାଣୀଙ୍କୁ ମହାପ୍ରଭୁଙ୍କ ମାଳ, ମାହାର୍ଦ୍ଦ ସହ ଲାଗି ଖଣ୍ଡୁଆ, ନଡ଼ିଆ ଆଦି ସମର୍ପଣ କରାଯିବା ପରେ ଗଛକଟା ପ୍ରକ୍ରିୟା ଆରମ୍ଭ ହୋଇଥାଏ।
ବିଧିଅନୁଯାୟୀ ଶ୍ରୀପଞ୍ଚମୀ ପୂର୍ବରୁ ନୟାଗଡ଼ ବନଖଣ୍ଡ ପକ୍ଷରୁ ପୁରୀକୁ ଦୁଇ ଟ୍ରକ ରଥକାଠ ପଠାଯାଇଥାଏ । ପୁରୀ ରଥଯାତ୍ରା ପାଇଁ ନୟାଗଡ଼ ବନଖଣ୍ଡକୁ ଚଳିତ ବର୍ଷ ୮୧୪ ଖଣ୍ଡକାଠ ଯୋଗାଇବା ପାଇଁ ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି।

# ରାସ୍ତାର କ୍ୱାଲିଟି ଯାଞ୍ଚ ପାଇଁ ଆସିଲା ଅତ୍ୟାଧୁନିକ ମୋବାଇଲ ୟୁନିଟ୍

**ଭୁବନେଶ୍ୱର, ୧୭/୧୨ ନ୍ୟୁଜ ବ୍ୟୁରୋ**
ପୂର୍ତ୍ତ ବିଭାଗ ପ୍ରକଳ୍ପ ଗୁଡିକର କ୍ୱାଲିଟି ଚେକିଂ ପାଇଁ ଆସିଲା ମୋବାଇଲ ଲବ୍ରୋଟରୀ ଇନପେକ୍ସନ ୟୁନିଟ୍। ମୋବାଇଲ ୟୁନିଟ୍ ଭେଇକିଲକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏଣିକି ରୋଡ୍, ବିଲ୍ଡିଂ, କିମ୍ବା କଂକ୍ରିଟ ରାସ୍ତାର କ୍ୱାଲିଟି ଚେକ୍ ପାଇଁ ଆଉ ଅପଚୟ ହେବନାହିଁ ଅଧିକ ସମୟ। ଏହି ମୋବାଇଲ ୟୁନିଟ୍‌ରେ ରହିଛି ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା। ଏହି ମୋବାଇଲ ଭେଇକିଲରେ ରହିଛି ଅଟୋମେଟିକ୍ ଏବଂ ଡିଜିଟାଲ କଂକ୍ରିଟ୍ ଟେଷ୍ଟ ହାମର, ନନ ନ୍ୟୁକ୍ଲିୟର ସଏଲ



ଡେନସିଟି ଗଜ, ଡିଜିଟାଲ ରୋଡ୍ ମାର୍କିଂ ଥିକନେସ୍ ଗଜ ଭଳି ୧୬ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା। ଏଥିପାଇଁ ମୋବାଇଲ ୟୁନିଟ୍ ପିଛା ୫ ବର୍ଷରେ ୪ କୋଟି ୨୬ ଲକ୍ଷ ଖର୍ଚ୍ଚ କରିବେ ସରକାର। ତେବେ ପାଇଲଟ୍ ପ୍ରୋଜେକ୍ଟ ଭାବେ ମଙ୍ଗଳବାର ଗୋଟିଏ ମୋବାଇଲ ଭ୍ୟାନର ଶୁଭରମ୍ଭ ହୋଇଛି। ଆଗକୁ ଏହି ୟୁନିଟର ସଂଖ୍ୟା ବଢ଼ାଯିବ ବୋଲି କହିଛନ୍ତି ପୂର୍ତ୍ତ ମନ୍ତ୍ରୀ।

# ଦିଲ୍ଲୀରେ ପ୍ରଦୂଷଣ ଜନିତ ସମସ୍ୟା : ଚିନ୍ତାବ୍ୟକ୍ତ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୭/୧୨**
ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟରେ ହୋଇଛି ଶୁଣାଣି । ଦିଲ୍ଲୀ ସହ ଦେଶର ଅନ୍ୟ ସହର ଗୁଡ଼ିକରେ ପ୍ରଦୂଷଣ ଜନିତ ସମସ୍ୟା ବୃଦ୍ଧିକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ସୁପ୍ରିମକୋର୍ଟ । ଦିଲ୍ଲୀ ପରି ଅନ୍ୟ ରାଜ୍ୟରେ ବି ବାୟୁ ଗୁଣବତ୍ତା ପରିଚାଳନା କମିଶନ ପ୍ରତିଷ୍ଠା ପାଇଁ ପରାମର୍ଶ ଦେବା ସହ ପ୍ରଦୂଷିତ ସହରଗୁଡ଼ିକର ତାଲିକା ମାଗିଛନ୍ତି ଜଷ୍ଟିସ ଅଭୟ ଏସ୍ ଓକା ଓ ଜଷ୍ଟିସ



ମନମୋହନଙ୍କ ଖଣ୍ଡପୀଠ । ପଡୋଶୀ ରାଜ୍ୟ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶରେ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଦିଲ୍ଲୀରେ ମଧ୍ୟ ସ୍ଥିତି ଉତ୍କଟ ହେଉଛି ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ସ୍ଥିତି ପୁଣି ଭୟଙ୍କର ହେବାରୁ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ କମିଶନ ପକ୍ଷରୁ ଗ୍ରାପ-ଥ୍ରୀ କଟକଣା ଲାଗୁ ହୋଇଛି । ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୧ରୁ ୪୫୦ ମଧ୍ୟରେ ଅଛି। ପ୍ରଦୂଷଣକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୁଣିଥରେ କଟକଣା ଲାଗୁ ହୋଇଛି । ଗ୍ରାପ ଥ୍ରୀ ଲାଗୁ ପରେ ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ଗାଜିଆବାଦ ଓ ଗୌତମ ବୁଦ୍ଧ ନଗରରେ ଥିବା ସ୍କୁଲଗୁଡ଼ିକରେ ପଞ୍ଚମ ଶ୍ରେଣୀ ଯାଏ ହାଇବ୍ରିଡ ବା ଅନ୍‌ଲାଇନ୍ ମଡେଲରେ କ୍ଲାସ ହେବ। ବାହାର ରାଜ୍ୟର ଗାଡ଼ି ଗୁଡ଼ିକ ଦିଲ୍ଲୀରେ ପ୍ରବେଶ କରିବା ପୂର୍ବରୁ ଅନୁମତି ଆବଶ୍ୟକ ପଡ଼ିବ ବୋଲି ସୂଚନା ମିଳିଛି।

# ସାବାଡ୍ ହେବେ ଶିକାରୀ : ବନ କର୍ମଚାରୀଙ୍କୁ ବନ୍ଧୁକ ଧରାଇବେ ସରକାର



**ଭୁବନେଶ୍ୱର, ୧୭/୧୨ ନ୍ୟୁଜ ବ୍ୟୁରୋ**
ସଶକ୍ତ ହେବେ ବନ କର୍ମଚାରୀ। ସାବାଡ୍ ହେବେ ଶିକାରୀ। ବନ ବିଭାଗ କର୍ମଚାରୀଙ୍କୁ ବନ୍ଧୁକ ଧରାଇବେ ସରକାର। ଶିକାରୀଙ୍କୁ ସାବାଡ଼ କରିବାକୁ ବନ କର୍ମଚାରୀଙ୍କୁ ବନ୍ଧୁକ ଚଳାଇବାର କ୍ଷମତା ମିଳିଥିଲେ ମଧ୍ୟ ବନ୍ଧୁକ ମିଳିନାହିଁ। ଯେଉଁଥିପାଇଁ ଶିକାରୀମାନେ ବନ ବିଭାଗ କର୍ମଚାରୀଙ୍କୁ ଗୁଳି ଚଳାଇବାକୁ ପଛାଉନାହାଁନ୍ତି। ଏହାର ମୁକାବିଲା କରିବାକୁ ଏବେ ପୋଲିସର ସାହାଯ୍ୟ ନିଆଯିବ। ଶିକାରୀଙ୍କୁ ଧରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ଏଆଇ କ୍ୟାମେରା ଆଣିଛି। ଏହା ସହ ଦୁଇଟି ସ୍ଥାନରେ ପାଇଲଟ୍ ଭିତ୍ତିରେ ଏଆଇ କ୍ୟାମେରା ଲଗାଯାଇଛି। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ପ୍ରତିକ୍ରିୟା ରଖିଛନ୍ତି। ବର୍ତ୍ତମାନ ପାଇଲଟ୍ ପ୍ରୋଜେକ୍ଟ ଭାବେ ଶିମିଳିପାଳ ଓ ରାଉରକେଲାରେ ଏଆଇ କ୍ୟାମେରା ଲାଗିଛି। ଶିକାରୀଙ୍କ ଅସାମାଜିକ କାର୍ଯ୍ୟକଳାପ ଓ ଗତିବିଧିକୁ ନଜର ରଖିବା ପାଇଁ ଏହି କ୍ୟାମେରା ଲଗାଯାଇଛି। ଏହି କ୍ୟାମେରା ଶିକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖୁଛି। ଏପରିକି ଜଙ୍ଗଲ ଅଞ୍ଚଳ ଦେଇ ଯାଇଥିବା ରେଳ ଲାଇନରେ ଅସାମାଜିକ ବ୍ୟକ୍ତିଙ୍କ ଗତିବିଧିକୁ ନଜର ରଖିବା ପାଇଁ ଏଆଇ କ୍ୟାମେରା ଲଗାଯାଇଛି। ଆଗକୁ ଅନ୍ୟ ଜାଗାରେ ବି ଲଗାଯିବ। ଜଙ୍ଗଲ ଭିତରେ ଅସାମାଜିକ କାର୍ଯ୍ୟ ରୋକିବା ପାଇଁ ଏହି କ୍ୟାମେରା କାମ କରିବ। ଏହା ସହିତ ବନ ବିଭାଗ କର୍ମଚାରୀମାନଙ୍କୁ ଅଧିକ ସଶକ୍ତ କରିବାକୁ ସେମାନଙ୍କୁ ବନ୍ଧୁକ ଧରାଇବା ଉପରେ ସରକାର ଚିନ୍ତା କରୁଛନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।

## ଝାଡ଼ଖଣ୍ଡରେ ବାଘୁଣୀ 'ଜିନତ': ୪ ଦିନ ହେଲାଣି ଖାଇନି

**ଭୁବନେଶ୍ୱର, ୧୭/୧୨ ନ୍ୟୁଜ ବ୍ୟୁରୋ**
'ଜିନତ' ଏବେ ବି ଝାଡ଼ଖଣ୍ଡରେ । ମହାରାଷ୍ଟ୍ରରୁ ଆସିଥିବା ବାଘୁଣୀ 'ଜିନତ' ଏବେ ବି ଝାଡ଼ଖଣ୍ଡ ଜଙ୍ଗଲରେ ବୁଲୁଛି । ଜଙ୍ଗଲ ବିଭାଗ 'ଜିନତ' ଉପରେ ତୀକ୍ଷ୍ଣ ନଜର ରଖିଛି। ଏକ ସ୍ୱତନ୍ତ୍ର ଟିମ୍ ଝାଡ଼ଖଣ୍ଡରେ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଟ୍ରାଙ୍କୁଲାଇଜ କରି ଶିମିଳିପାଳ ଫେରାଇ ଆଣିବାକୁ ଚିନ୍ତା କରାଯାଉଥିଲେ ମଧ୍ୟ ଏହା ଏତେ ସହଜ ପ୍ରକ୍ରିୟା ନୁହେଁ । ୪ ଦିନ ଧରି 'ଜିନତ' କିଛି ଖାଉ ନ ଥିବାରୁ ଦିନକୁ ଦିନ ଦୁର୍ବଳ ହେଉଛି । ଏଭଳି ଅବସ୍ଥାରେ ଟ୍ରାଙ୍କୁଲାଇଜ କରିବା ସୁରକ୍ଷିତ ନୁହେଁ । ହେଲେ 'ଜିନତ'କୁ ଫେରାଇ ଆଣିବାକୁ ବିଭାଗ ଉଦ୍ୟମ ଜାରି ରଖିଛି ବୋଲି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ।

# ଗତ ୧୦ ବର୍ଷରେ ଶିକ୍ଷା କ୍ଷେତ୍ରରେ ଆସିଛି ବ୍ୟାପକ ପରିବର୍ତ୍ତନ

**ନୂଆଦିଲ୍ଲୀ, ୧୭/୧୨**
ବିଶ୍ୱଗୁରୁ ବନୁଛି ଭାରତ । ଦେଶ ବିକାଶରେ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ମାର୍ଗଦର୍ଶନରେ ମାତ୍ର ୧୦ ବର୍ଷ ମଧ୍ୟରେ ଦେଶର ଶିକ୍ଷା କ୍ଷେତ୍ରରେ ଆସିଛି ବୈପ୍ଲବିକ ପରବର୍ତ୍ତନ । ଆଗାମୀ ସମୟର ଆହ୍ୱାନକୁ ସ୍ୱୀକାର କରି ଶିକ୍ଷା ଭିତ୍ତିଭୂମିକୁ ନୂଆ ରୂପ ଦେବାରେ ସଫଳ ହୋଇଛି ଶିକ୍ଷା ମନ୍ତ୍ରଣାଳୟ। ସ୍କୁଲ ସ୍ୱଚ୍ଛତା କ୍ଷେତ୍ରରେ ୨୦୦୪ରୁ ୨୦୧୪ରେ ୟୁପିଏ ସରକାର ତୁଳନାରେ ଏନ୍‌ଡିଏ ସରକାରରେ ୨୦୧୪ରୁ ୨୦୨୪ ମଧ୍ୟରେ ହୋଇଛି ବ୍ୟାପକ ପରବର୍ତ୍ତନ। ଶିକ୍ଷା ଭିତ୍ତିଭୂମି, ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ବ୍ୟବସ୍ଥା, ଶିକ୍ଷା ପାଇଁ କେନ୍ଦ୍ରୀୟ ବଜେଟ ପ୍ରାବଧାନରେ ହୋଇଥିବା ବ୍ୟାପକ ପରିବର୍ତ୍ତନର ହିସାବ ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେବଳ ଶିକ୍ଷିତ ନୁହେଁ ବରଂ ଆଗାମୀ ସମୟରେ ବିଶ୍ୱକୁ ନୂଆ ଦିଶା ଦେଖାଇବାକୁ



ଯୁବପିଢ଼ିକୁ ସମର୍ଥ କରିବାକୁ ନୂଆ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ହେଉଛି ପୂରଣ । ୨୦୦୪ରୁ ୨୦୧୪ ତୁଳନାରେ ୩୦ ପ୍ରତିଶତ ବୃଦ୍ଧି ପାଇଛି ମହିଳା ଶିକ୍ଷକ ସଂଖ୍ୟା । ଦେଶରେ କଲେଜ ସଂଖ୍ୟା ୨୧ ପ୍ରତିଶତ ବୃଦ୍ଧି ସହ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାସ୍ ହାର ମଧ୍ୟ ବୃଦ୍ଧି ପାଇଛି । ଦେଶର ୨୩ ହଜାର ଡାକ ପିନ୍‌କୋଡରେ ଉପଲବ୍ଧ ହୋଇଛି ଏନସିଇଆରଟି ପ୍ରକାଶିକ ପାଠ୍ୟ ପୁସ୍ତକ। ଏଥିପାଇଁ ଫ୍ଲିପକାର୍ଟ, ଆମାଜନ ସହ ହୋଇଛି ଏମ୍‌ଓୟୁ ସ୍ୱାକ୍ଷର । ସାରା ଦେଶରେ ଆରମ୍ଭ ହୋଇଛି ବିଦ୍ୟା ସମୀକ୍ଷା କାର୍ଯ୍ୟକ୍ରମ । ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ବୃଦ୍ଧି ପାଇଁ ପିଏମ ପୋଷଣ ଯୋଜନାରେ ଅନୁଦାନ ବୃଦ୍ଧି ସହ ୧୦ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀଙ୍କ ମୁଣ୍ଡ ପିଛା ଖର୍ଚ୍ଚ ୧୩୦% ବୃଦ୍ଧି ପାଇଥିବା କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
ଏନ୍‌ଟିଏକୁ ନେଇ ଡକ୍ଟର କେ. ରାଧାକ୍ରିଷ୍ଣନଙ୍କ ଅଧକ୍ଷତାରେ ଗଠିତ କମିଟି ରିପୋର୍ଟକୁ ସାର୍ବଜନୀନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ । ୩୧ ଅକ୍ଟୋବରରେ କମିଟି ଏହି ରିପୋର୍ଟ ସରକାରଙ୍କୁ ଦେଇଥିଲେ । ଆଗାମୀ ସମୟରେ ରିପୋର୍ଟକୁ ସୁପ୍ରିମକୋର୍ଟଙ୍କୁ ଦିଆଯିବ। କମିଟି ପ୍ରସ୍ତାବ ଅନୁସାରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର ପୁନର୍ଗଠନ ହେବ । ୨୦୨୫ରୁ ଏନ୍‌ଟିଏ କେବଳ ଉଚ୍ଚ ଶିକ୍ଷା ପ୍ରବେଶିକା ପରୀକ୍ଷା ଆୟୋଜନ କରିବ। କମିଟି ସୁପାରିଶ ଆଧାରରେ ପେପର ଲିକ୍ ଉପରେ ରୋକ୍, ଏଆଇ ଟେକ୍ନୋଲୋଜିର ଉପଯୋଗ ସହ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି ସରକାର।

# ସେୟାର ବଜାରରେ ୫ ଲକ୍ଷ କୋଟି କ୍ଷତି



**ନୂଆଦିଲ୍ଲୀ, ୧୭/୧୨**
ସେୟାର ବଜାରରେ ମଙ୍ଗଳବାର ଲାଭ ଅସୁଲ ଦେଖିବାକୁ ମିଳିଛି । ସେନସେକ୍ସର ପ୍ରାୟ ୧୦୬୪ ଅଙ୍କ ଖସି ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୨୪,୩୫୦ ସ୍ତର ତଳକୁ ଖସି ଆସିଛି । ଏହି ହ୍ରାସ ଯୋଗୁଁ ସେୟାର ବଜାର ନିବେଶକଙ୍କ ପ୍ରାୟ ୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ବୈଶ୍ୱିକ ସ୍ତରରେ ଦୁର୍ବଳ ସଂକେତ ଏବଂ ଆମେରିକୀୟ ଫେଡେରାଲ୍ ରିଜର୍ଭ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ନିବେଶକ ଅଧିକ ସତର୍କ ହୋଇଛନ୍ତି। ଯେଉଁଥି ପାଇଁ ଲାଭ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ବଜାରରେ ଅଧିକ ବିକ୍ରି ଦେଖିବାକୁ ମିଳିଛି । ଅନ୍ୟପଟେ ଖ୍ରୀସମାସ୍ ଏବଂ ଇଂରାଜୀ ନୂଆ ବର୍ଷ ଛୁଟି ଯୋଗୁଁ ବିଦେଶୀ ନିବେଶକ ଘରୋଇ ପୁଞ୍ଜି ବଜାରରେ ଟ୍ରେଡିଂ ହ୍ରାସ କରିଛନ୍ତି । ଯେଉଥିଁ ପାଇଁ ଭାରତୀୟ ପୁଞ୍ଜି ବଜାର ଚାପରେ ରହିଛି । ବିଏସଇର ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍ ସୂଚକାଙ୍କ ବି ଅଧା ପ୍ରତିଶତ ଖସିଛି । ଏପରିକି ବିଏସଇର ସମସ୍ତ ସେକ୍ଟୋରାଲ୍ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି । ସବୁଠୁ ଅଧିକ ହ୍ରାସ ଫାଇନାନ୍ସିଆଲ୍, ଆଇଟି, ଅଏଲ୍ ଆଣ୍ଡ ଗ୍ୟାସ୍ ସେକ୍ଟରରେ ଦେଖିବାକୁ ମିଳିଛି । କାରବାର ଶେଷରେ ବିଏସଇର ୩୦ ସେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୧୦୬୪.୧୨ ଅଙ୍କ ବା ୧.୩୦ ପ୍ରତିଶତ ହ୍ରାସ ପାଇ ୮୦,୬୮୪.୪୫ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ଏନଏସିର ୫୦ ସେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟି ୩୩୨.୨୫ ଅଙ୍କ ବା ୧.୩୫ ପ୍ରତିଶତ ଖସି ୨୪,୩୩୬.୦୦ ସ୍ତରରେ ବନ୍ଦ ହୋଇଛି । ବିଏସଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ହ୍ରାସ ପାଇ ୪୫୫.୦୮ ଲକ୍ଷ କୋଟି ଟଙ୍କା ହୋଇଛି । ପୂର୍ବ କାରବାର ଶେଷରେ ଏହା ୪୬୦.୦୬ ଲକ୍ଷ କୋଟି ଟଙ୍କା ଥିଲା । ଏହିପରି ବିଏସଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ପ୍ରାୟ ୪.୯୮ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି । ସେୟାର ବଜାରରେ ଏହି ହ୍ରାସ କେତେ ବଡ଼ ଥିଲା, ତାହା ଏଥିରୁ ଅନୁମାନ କରାଯାଇ ପାରିବ ।

# ଉପରାଷ୍ଟ୍ରପତିଙ୍କ ସହିତ ବିଜେଡି ସାଂସଦଙ୍କ ସାକ୍ଷାତକାର ପ୍ରସଙ୍ଗ : ସ୍ପଷ୍ଟୀକରଣ ଦେଲେ ସାଂସଦ, କହିଲେ ବିଜେଡିରେ ଅଛୁ ଓ ରହିବୁ

**ନୂଆଦିଲ୍ଲୀ, ୧୭/୧୨**
ଆମେ ନବୀନଙ୍କ ସହିତ ଅଛୁ । ବିଜେଡ଼ିରେ ଅଛୁ ଓ ରହିବୁ । ନୂଆଦିଲ୍ଲୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏକଥାକୁ ଦୋହରାଇଛନ୍ତି ବିଜେଡିର ୭ ରାଜ୍ୟସଭା ସାଂସଦ । କିଛିଦିନ ତଳେ ବିଜେଡି ରାଜ୍ୟସଭା ସାଂସଦଙ୍କର ଉପ-ରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକଡଙ୍କୁ ସାକ୍ଷାତ କରିଥିଲେ । ସାକ୍ଷାତକାରର ଫଟୋ ସୋସିଆଲ ମିଡିଆକୁ ଆସିବା ପରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ କିଛି ବିଜେଡି ସାଂସଦ ବିଜେପିରେ ଯୋଗ ଦେଉଛନ୍ତି ବୋଲି ଖବର ପ୍ରସାରଣ କରିଥିଲା । ଯାହାକୁ ନେଇ ନୂଆଦିଲ୍ଲୀର ବର୍ଷିଛନ୍ତି ବିଜେଡି ସାଂସଦ । ସାମ୍ବାଦିକ ସମ୍ମିଳନୀରେ ଦଳ ପ୍ରତି ବିଶ୍ୱାସ ବ୍ୟକ୍ତ କରି ୭ ସାଂସଦ ସେମାନେ ବିଜେଡିରେ ଅଛନ୍ତି ଓ ରହିବେ ବୋଲି କହିଛନ୍ତି । ଏହା ସହିତ ନବୀନ ପଟ୍ଟନାୟକ ସେମାନଙ୍କ ନେତା ଓ ନେତାଙ୍କ ପଛରେ ସେମାନେ ଅଛନ୍ତି ବୋଲି କହିଛନ୍ତି।



ସାଂସଦ ମାନସ ମଙ୍ଗରାଜ ବିଭ୍ରାନ୍ତିକର ଖବର ପ୍ରସାରଣରୁ ନିବୃତ ରହିବା ପାଇଁ ଗଣମାଧ୍ୟମକୁ ଅନୁରୋଧ କରିବା ସହିତ କହିଛନ୍ତି ଯେ, କେବଳ ଟିଆରପି ପାଇଁ ଏଭଳି କରିବା ଦୁଃଖଦାୟକ । ଅନ୍ୟପକ୍ଷରେ ସାଂସଦ ନିରଞ୍ଜନ ବିଶି ଏଭଳି ଖବର ପ୍ରସାରଣ କରିଥିବା ଗଣମାଧ୍ୟମ ବିରୋଧରେ ହଜାରେ କୋଟି ଟଙ୍କାର ମାନହାନୀ ମକଦ୍ଦମା କରିବେ ବୋଲି କହିଛନ୍ତି । ସେପଟେ ନିରଂଜନ ବିଶି କହିଲେ, ମୁଁ ତ କାହାକୁ କହିନାହିଁ, ସେ କେମିତି ଜାଣିଲେ। ଏକ କୋଟି ଟଙ୍କାର ମାନହାନୀ ମୋକଦ୍ଦମା କରିବି ବୋଲି ଚେତାଇ ଦେଇଛନ୍ତି ନିରଂଜନ ବିଶି। ଶୁଭାଶିଷ ଖୁଣ୍ଟିଆ ବି କହିଛନ୍ତି, ବିଭ୍ରାନ୍ତକର ଖବର ଦିଆଯାଉଛି। ଏପରି ନ କରି ସଠିକ୍ ଖବର ଦିଅନ୍ତୁ କହିଲେ ଶୁଭାଶିଷ ଖୁଣ୍ଟିଆ। କୌଣସି ବିଜେଡି ସାଂସଦ ଦଳ ଛାଡ଼ିବାର ନାହିଁ ବୋଲି ସମସ୍ତେ ସ୍ପଷ୍ଟ କରିଛନ୍ତି ଏବଂ ମିଛ ମନଗଢ଼ା ଖବର ପ୍ରସାରଣ ନ କରିବାକୁ କହିଛନ୍ତି। ସାଂସଦ ମାନସ ମଙ୍ଗରାଜ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ରାଜ୍ୟସଭା ଅଧ୍ୟକ୍ଷ ଭାବେ ଉପ-ରାଷ୍ଟ୍ରପତିଙ୍କୁ ସବୁ ଦଳର ସାଂସଦ ସାକ୍ଷାତ କରନ୍ତି । ଓଡ଼ିଶାର ବିକାଶ ବାବଦରେ ଆଲୋଚନା ପାଇଁ ଆମେ ଉପ-ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲୁ । ତାକୁ ନେଇ କେବଳ ଟିଆରପି ପାଇଁ ଯେଉଁଭଳି ବିଭ୍ରାନ୍ତିକର ଖବର ପ୍ରସାରଣ କରାଯାଇଛି ତାହା ନିନ୍ଦନୀୟ । ସାମ୍ବାଦିକ ମାନେ ନିଜର ଲକ୍ଷ୍ମଣରେଖା ବାବଦରେ ଅବଗତ ରହିବା ଆବଶ୍ୟକ । ସାଂସଦ ଭାବରେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ସାକ୍ଷାତ କରିବାର ଅଧିକାର ଆମର ମଧ୍ୟ ରହିଛି । ସାକ୍ଷାତକାରର ଫଟୋକୁ ନେଇ ଭୁଲ ଖବର ପ୍ରସାରଣ କରିବା ଠିକ ନୁହେଁ । ସେହିଭଳି ସାଂସଦ ସୁଲତା ଦେଓ ମଧ୍ୟ ମିଥ୍ୟା ଖବର ପ୍ରସାରଣକୁ ନିନ୍ଦା କରିବା ସହିତ ଦଳର ସମସ୍ତ ସାଂସଦ ନବୀନ ପଟ୍ଟନାୟକଙ୍କ ସହିତ ଅଛନ୍ତି ଓ ରହିବେ ବୋଲି କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ନବୀନ ଆମ ଧ୍ରୁବତାରା । ଅନ୍ୟପକ୍ଷରେ ଏହାକୁ ନେଇ ସାଂସଦ ଦେବାଶିଷ ସାମନ୍ତରାୟ ସେମାନଙ୍କୁ କଡ଼ା ନିନ୍ଦା କରିବା ସହିତ କହିଛନ୍ତି ଆମେ ତୃଣମୂଳସ୍ତରରୁ ରାଜନୀତି କରିଆସିଛୁ । ଆମେ ବିଜେଡି ଛାଡି କଦାପି ଯିବୁ ନାହିଁ । ଇଲେକ୍ଟ୍ରୋନିକ ଓ ପ୍ରିଣ୍ଟ ମିଡିଆରେ ଅପପ୍ରଚାର ଚାଲିଛି । ସାଂସଦଙ୍କ ଅଧିକାର ରହିଛି ଗୃହର ଅଧକ୍ଷଙ୍କୁ ଭେଟିବା ଲାଗି । ତେଣୁ ଫଟୋକୁ ନେଇ ଚାଲିଥିବା ଆଲୋଚନା ଦୁର୍ଭାଗ୍ୟଜନକ ଅଟେ । ଆମେ ଆମ ନେତାଙ୍କୁ ଛାଡି କୁଆଡ଼େ ଯିବାର ନାହିଁ। ଆମ୍ଭେ ନବୀନବାବୁଙ୍କ ସହ ରହିଛୁ ଓ ରହିବୁ ବୋଲି ଦୃଢ଼ ଜବାବ ଦେଲେ ସାଂସଦ ମୁନ୍ନା ଖାଁ । ଆମ ୭ଜଣ ସାଂସଦଙ୍କ ନାମରେ ଅପପ୍ରଚାର ଚାଲିଛି । ୩୪-୩୫ ବର୍ଷ ଧରି ବିଜୁ ପରିବାର ସହ ଆମେ ଅଛୁ । ନବୀନ ବାବୁଙ୍କୁ ଛାଡ଼ି ଚାଲିଯିବାର ପ୍ରଶ୍ନ ଉଠୁନି । ଏଭଳି ଅପପ୍ରଚାର ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି ସାଂସଦ ସସ୍ମିତ ପାତ୍ର । କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚାହୁଁନାହାନ୍ତି ଦିଲ୍ଲୀରେ ରାଜ୍ୟର ସ୍ୱର ଉଠୁ । ଅନେକ ପ୍ରସଙ୍ଗ ରାଜ୍ୟସଭାରେ ଉଠାଯାଉଛି । ଯାହା ରାଜ୍ୟ ବିଜେପି ସରକାରକୁ ବାଧୁଛି ।

## ୨୦ ଡିସେମ୍ବରରେ ଜିଏସ୍‌ଟି ପରିଷଦ ବୈଠକ

# ତମାଖୁ, ସିଗାରେଟ୍‌ରେ ଲାଗିପାରେ ୩୫% ଜିଏସ୍‌ଟି

**ନୂଆଦିଲ୍ଲୀ, ୧୭/୧୨**
ସିଗାରେଟ୍ ଧୂଆଁ ଟାଣିବା ହେବ ମହଙ୍ଗା। ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ପରିଷଦ ତମାଖୁ ଏବଂ ସିଗାରେଟ୍ ଭଳି ଉତ୍ପାଦଗୁଡ଼ିକ ଉପରେ ଜିଏସ୍‌ଟିକୁ ୭% ବଢ଼ାଇ ୩୫% କରିପାରେ । ଏହାସହିତ ପୁରୁଣା କାର୍ ଏବଂ ବ୍ୟବହୃତ ଇଲେକ୍ଟ୍ରିକ୍ ଯାନଗୁଡ଼ିକ ଉପରେ ବି ଜିଏସ୍‌ଟି ବଢ଼ାଇବା ପାଇଁ ବିଚାର ହେଉଛି । ଡିସେମ୍ବର ୨୦ ଏବଂ ୨୧ରେ ରାଜସ୍ଥାନର ଜୈସଲ୍‌ମେରରେ ହେବାକୁ ଥିବା ୫୫ତମ ଜିଏସ୍‌ଟି ପରିଷଦ ବୈଠକରେ ଏହା ଉପରେ ନିଷ୍ପତ୍ତି ନିଆଯିବ । ଏ ନିଷ୍ପତ୍ତି ଦ୍ୱାରା ପୁରୁଣା ଗାଡ଼ି ଏବଂ ବ୍ୟବହୃତ ଇଭି କାର୍ ମହଙ୍ଗା



ହୋଇପାରେ । ପରବର୍ତ୍ତୀ ବୈଠକରେ ପୁରୁଣା କାର୍ ଏବଂ ଇଭି ଉପରେ ଜିଏସ୍‌ଟି ୧୨%ରୁ ବଢ଼ି ୧୮% ହୋଇପାରେ । ତମାଖୁ ଉତ୍ପାଦ ଉପରେ ଜିଏସ୍‌ଟି ୨୮%ରୁ ବଢ଼ି ୩୫% ହୋଇପାରେ । ଏ ପରିବର୍ତ୍ତନଗୁଡ଼ିକ ଦ୍ୱାରା ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପଡ଼ିବ। ଗାଡ଼ିଗୁଡ଼ିକର ଦର ବଢ଼ିବ । ସିଗାରେଟ୍ ଏବଂ ତମାଖୁ ମହଙ୍ଗା ହୋଇଯିବ। ପୁରୁଣା କାର୍ ଏବଂ ଇଭିଗୁଡ଼ିକ ଉପରେ ଜିଏସ୍‌ଟି ବୃଦ୍ଧି ପ୍ରସ୍ତାବ ଜିଏସ୍‌ଟି ଫିଟ୍‌ମେଣ୍ଟ କମିଟି ଦେଇଛି । ଏବେ ଅଧିକାଂଶ ପୁରୁଣା ଗାଡ଼ି ଉପରେ ୧୨% ଜିଏସ୍‌ଟି ଲାଗୁଛି । ଯଦି ଏ ପ୍ରସ୍ତାବକୁ ମଞ୍ଜୁରି ମିଳେ ତେବେ ପୁରୁଣା ଗାଡ଼ି ମହଙ୍ଗା ହୋଇଯିବ । ବିଶେଷ କରି ଇଭିଗୁଡ଼ିକ ଉପରେ ଅଧିକ ପ୍ରଭାବ ପଡ଼ିବ । ନୂଆ ଇଭି ଉପରେ ୫% ଜିଏସ୍‌ଟି ଲାଗିଥାଏ କିନ୍ତୁ ପୁରୁଣା ଇଭି ଉପରେ ୧୮% ଜିଏସ୍‌ଟି ଲାଗିବ । ଏସ୍‌ୟୁଭି ଉପରେ ବି ୨୨% କ୍ଷତିପୂରଣ ସେସ୍ ଲାଗିଥାଏ । ଏଥର ବି ଜିଏସ୍‌ଟି ପରିଷଦ ବୈଠକରେ ସ୍ପଷ୍ଟୀକରଣ ଆସିପାରେ । ଏହି ସେସ୍ ଏ ଯାଏ ସମ୍ପୂର୍ଣ୍ଣ ରୂପେ ଲାଗୁ ହୋଇ ପାରିନାହିଁ । ଏହା ଲାଗୁ ହେବା ପରେ ଏସ୍‌ୟୁଭି ଦର ବି ବଢ଼ିଯିବ। ତମାଖୁ ଏବଂ ସିଗାରେଟ୍ ଉପରେ ଜିଏସ୍‌ଟି ବୃଦ୍ଧି ନିଷ୍ପତ୍ତି ମନ୍ତ୍ରୀସମୂହ ନେଇଯାଇଛନ୍ତି । ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି ମନ୍ତ୍ରୀଗୋଷ୍ଠୀର ମୁଖ୍ୟ । ସେ ତମାଖୁ ଉତ୍ପାଦ ଉପରେ ଜିଏସ୍‌ଟି ୭% ବଢ଼ାଇ ୩୫% କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏବେ ଏ ଉତ୍ପାଦ ଉପରେ ୨୮% ଜିଏସ୍‌ଟି ଲାଗୁଛି । ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଜିଏସ୍‌ଟି ପରିଷଦ ନେବ ।

## ଦିଲ୍ଲୀ ଗ୍ୟାଙ୍ଗରେପ୍ ମାମଲାର ୧୨ ବର୍ଷ ପରେ ମୁହଁ ଖୋଲିଲେ ନିର୍ଭୟାଙ୍କ ମାଆ

# ଏବେ ବି ଝିଅମାନେ ନାହାନ୍ତି ସୁରକ୍ଷିତ

**ମୁମ୍ବାଇ ୧୭।୧୨**
ଦେଶକୁ ଥରାଇ ଦେଇଥିବା ନିର୍ଭୟା ମାମଲାକୁ ୧୨ ବର୍ଷ ବିତିଗଲାଣି। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ନିର୍ଭୟାଙ୍କ ମା' କହିଛନ୍ତି ଦୁଃଖର ବିଷୟ ଯେ ଆଜି ବି ଆମ ଝିଅମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସଂଘର୍ଷ କରିବାକୁ ପଡୁଛି। ୧୬ ଡିସେମ୍ବର ୨୦୧୨ର ରାତିରେ ଏକ ଚଳନ୍ତା ବସ୍‌ରେ ନିର୍ଭୟାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଡାକ୍ତରଖାନାରେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ନିର୍ଭୟା ମାମଲାରେ ଚାରିଜଣ ଦୋଷୀଙ୍କୁ ପ୍ରାୟ ଆଠ ବର୍ଷ ପରେ ଫାଶୀ ଦିଆଯାଇଥିଲା। ସାକ୍ଷାତକାରରେ ନିର୍ଭୟାଙ୍କ ମା' ଆଶା ଦେବୀ କହିଛନ୍ତି ଯେ ଆଜିକୁ ୧୨ ବର୍ଷ ହୋଇଗଲାଣି।



ହେଲେ ଜିନିଷ ଗୁଡ଼ିକ ସମାନ ଦେଖାଯାଉଛି। ବହୁତ ଦୁଃଖ ସହିତ କହିବାକୁ ଚାହୁଁ ଯେ ଆମେ ୭-୮ ବର୍ଷ ନିଜ ପାଇଁ ସଂଘର୍ଷ କରିଥିଲୁ । କିନ୍ତୁ ଆଜି ବି ପରିସ୍ଥିତି ସମାନ ରହିଛି। ବୋଧ ହୁଏ ଏବେ ଏହା ଆହୁରି ଖରାପ ହୋଇଯାଇଛି । ଦୂର ଦୂରନ୍ତାରୁ ମଧ୍ୟ କୌଣସି ଆଶା ନାହିଁ ଯେ କେହି ନ୍ୟାୟ ପାଇବେ । ୨୦୧୨ ଦିଲ୍ଲୀର ଗ୍ୟାଙ୍ଗ ରେପ୍ ପୀଡିତାଙ୍କ ମାତା ଦେଶରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଛନ୍ତି ଯେ ଦେଶ ଏପର୍ଯ୍ୟନ୍ତ ନିଜ ଝିଅମାନଙ୍କ ପାଇଁ ସୁରକ୍ଷିତ ନୁହେଁ ଏବଂ ମହିଳାଙ୍କ ବିରୋଧରେ ଅପରାଧକୁ ପ୍ରୋତ୍ସାହିତ କରୁଥିବା ସର୍ତ୍ତରେ କୌଣସି ପରିବର୍ତ୍ତନ ହୋଇନାହିଁ। ସେ ମହିଳା ଏବଂ ଶିଶୁଙ୍କ ପ୍ରତି ହେଉଥିବା ହିଂସାକୁ ରୋକିବା ପାଇଁ ଜାତୀୟ ସମ୍ମିଳନୀରେ ଏକ ଭାବପ୍ରବଣ ଆବେଦନ କରିଥିଲେ।